

ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ।


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-72 ◆FRIDAY ◆5 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୨ ◆ଶୁକ୍ରବାର ◆୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇପିଏଲ୍ ଟିକଟ ଉପରେ ୪୦% ଜିଏସ୍‌ଟି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ଭାରତରେ କ୍ରିକେଟର ସବୁଠାରୁ ବଡ଼ ଉତ୍ସବ ଭାବରେ ବିବେଚନା କରାଯାଉଥିବା ଆଇପିଏଲ୍ ଦେଖିବା ଏବେ ପ୍ରଶଂସକଙ୍କ ପାଇଁ ମହଙ୍ଗା ହୋଇଯାଇଛି । ସରକାର ଲାଗୁ କରିଥିବା ନୂତନ ଜିଏସ୍‌ଟି ହାରର ସିଧାସଳଖ ପ୍ରଭାବ ଏବେ ଆଇପିଏଲ୍ ଟିକଟ ଉପରେ ପଡ଼ିବ । ଅର୍ଥାତ୍, ଯଦି ଆପଣ ଷ୍ଟାଡିୟମରେ ବସି ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଚାହାଁନ୍ତି, ତେବେ ଏବେ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ପକେଟ ଢିଲା କରିବାକୁ ପଡିବ । କାରଣ ଏହା ଉପରେ ସରକାର ଜିଏସ୍‌ଟି ହାର ୨୮%ରୁ ୪୦% ବୃଦ୍ଧି କରିଛନ୍ତି । ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସରକାର ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଏକ ବିଳାସପୂର୍ଣ୍ଣ ବିଷୟ ବୋଲି ବିବେଚନା କରି ତାହା ଉପରେ ୪୦% ଟିକସ ଲାଗୁ କରିଛନ୍ତି । ନୂତନ ଟିକସ ବ୍ୟବସ୍ଥାରେ ଆଇପିଏଲ୍ ମ୍ୟାଚ୍‌କୁ ତମାଖୁ ଉତ୍ପାଦ ଏବଂ କ୍ୟାସିନୋ ଭଳି ସେବା ସହିତ ସମାନ ବର୍ଗରେ ରଖାଯାଇଛି । ଏହି ମୂଲ୍ୟ ବୃଦ୍ଧି ପରେ ୧୦୦୦ ଟଙ୍କା ମୂଳ ମୂଲ୍ୟ ଥିବା ଆଇପିଏଲ୍ ମ୍ୟାଚ୍ ଟିକଟର ଚୂଡ଼ାନ୍ତ ମୂଲ୍ୟ ଏବେ ୧୨୮୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇବ । ଏହି ବୃଦ୍ଧି ସହିତ ଭାରତରେ କ୍ୟାସିନୋ ଏବଂ ରେସ୍ କ୍ଲବ ସହିତ ଆଇପିଏଲ୍ ଜିଏସ୍‌ଟି ଶୀର୍ଷ ସ୍ଲାବରେ ସାମିଲ ହୋଇଛି । ତଥାପି, ସାଧାରଣ କ୍ରିକେଟ୍ ମ୍ୟାଚ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେବ । ଜିଏସ୍‌ଟି ହାରରେ ଏହି ପରିବର୍ତ୍ତନ କେବଳ ଆଇପିଏଲ୍ ଭଳି ପ୍ରିମିୟମ୍ ମ୍ୟାଚ୍ କ୍ଷେତ୍ରରେ ଲାଗୁ ▶ପୃଷ୍ଠା-୭

## ଶ୍ରୀନଅରରେ ସୁନିଆଁ; ଚାଲିଲା ୬୯ ଅଙ୍କ, ୧୪୩୩ ସାଲ

■ **ପୁରୀ, ୪।୯ (ସମିସ):** ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି । ଗୁରୁବାର ସୁନିଆଁ ଅବସରରେ ୬୯ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି । ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା । ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା । ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ । ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା । ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା । ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା । ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ପରେ ଗଜପତି ମହାରାଜା ଏହାକୁ ଘୋଷଣା କରିଥିଲେ । ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସୁନିଆଁ ଭେଟି ଦେଇଥିଲେ ।

ସୁନିଆଁ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ । ଗଜପତି ମହାରାଜାଙ୍କ ୬୯ଅଙ୍କ ପ୍ରଚଳିତ ▶ପୃଷ୍ଠା-୭

### ହାଜତମୃତ୍ୟୁ ନେଇ ଉଦ୍‌ବେଗ ଜଣାଇଲେ ସୁପ୍ରିମକୋର୍ଟ

## ଥାନାରେ ସିସିଟିଭି କାମ କରୁନି କାହିଁକି?

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ହାଜତମୃତ୍ୟୁକୁ ନେଇ ପୁଣି ଉଦ୍‌ବେଗ ଜଣାଇଛନ୍ତି ସୁପ୍ରିମକୋର୍ଟ । ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ ସତ୍ତ୍ୱେ ଥାନାରେ କାହିଁକି ସିସିଟିଭି କ୍ୟାମେରା କାମ କରୁନି ବୋଲି ପ୍ରଶ୍ନ କରିଛନ୍ତି । ରାଜସ୍ଥାନରେ ଗତ ୭-୮ ମାସ ମଧ୍ୟରେ ୧୧ ଜଣଙ୍କର ହାଜତମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ଦାୟର କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ବେଞ୍ଚ ମାମଲାର ଶୁଣାଣି କରିବେ ।



ସୂଚନାଯୋଗ୍ୟ ଯେ ରାଜସ୍ଥାନରେ ବୃଦ୍ଧି ପାଉଥିବା ହାଜତମୃତ୍ୟୁକୁ ନେଇ ଏକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ରାଜ୍ୟରେ ଗତ ସାତ ଆଠ ମାସ ମଧ୍ୟରେ ୧୧ ଜଣ ହାଜତମୃତ୍ୟୁରେ ପ୍ରାଣ ହରାଇଲେଣି । ସୁପ୍ରିମକୋର୍ଟ ଏହି ଖବରକୁ ଗୁରୁତ୍ୱ ଦେଇ ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି । ଏଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଥାନା ଭିତରେ ସିସିଟିଭି କ୍ୟାମେରା କାମ କରୁନଥିବାରୁ ପ୍ରଶ୍ନ ଉଠାଇଛନ୍ତି ।

ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ କେତେକ ଥାନାରେ ସିସିଟିଭି ନଥିବା ବେଳେ ଅନେକ ଥାନାରେ ସିସିଟିଭି କ୍ୟାମେରା କାମ କରୁନି । ଯେଉଁ ଥାନାରେ ସିସିଟିଭି କ୍ୟାମେରା କାମ କରୁଛି, ତାହାର ଫୁଟେଜ୍ କୋର୍ଟକୁ ଦିଆଯାଉ ନାହିଁ । ଅନେକ ଥାନାରେ ଦେଖାଯାଉଛି ଯେ ରିମାଣ୍ଡ ରୁମ୍ ବା ହାଜତ କୋଠରୀକୁ ସିସିଟିଭି କ୍ୟାମେରା ଠାରୁ ଦୂରେଇ ରଖାଯାଉଛି । ଏହାକୁ ନେଇ ଥାନା ଅଧିକାରୀ କୋର୍ଟରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି । ହାଜତମୃତ୍ୟୁ ମାମଲାରେ ପୁଲିସ ସିସିଟିଭି ▶ପୃଷ୍ଠା-୭

### ହାଇକୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ଲାଗିପାରିଲାନି ସିସିଟିଭି

■ **ଭୁବନେଶ୍ୱର, ୪।୯ (ସମିସ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇପାରି ନାହିଁ । ରାଜଧାନୀ ଭୁବନେଶ୍ୱରରେ ଥିବା ଭରତପୁର ଆଦର୍ଶ ଥାନାରେ ନିଜ ପୁରୁଷ ବନ୍ଧୁ (ସେନା ଅଧିକାରୀ)ଙ୍କ ସହ ଯାଇଥିବା ଜଣେ ମହିଳାଙ୍କୁ ଥାନା ଭିତରେ ପୁଲିସର ଅସଦ୍‌ବ୍ୟବହାରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥାର ସ୍ଥିତି ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ୍ ଗଙ୍ଗୱାର୍ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ । ଶ୍ରୀ ଗଙ୍ଗୱାର୍ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ସମ୍ପର୍କରେ ଦର୍ଶାଇଥିଲେ ଯେ ରାଜ୍ୟରେ ଥିବା ୫୯୩ ଥାନା ମଧ୍ୟରୁ ୪୫୬ଟି ଥାନାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ । ଥାନାରେ ଏପରି ବ୍ୟବସ୍ଥାକୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ପୁଲିସ ପ୍ରଶାସନର ଏକ ଚରମ ବିଫଳତା ବୋଲି ଉଲ୍ଲେଖ କରିଥିଲେ ।



ଥାନାରେ ସିସିଟିଭି ବ୍ୟବସ୍ଥା ହୋଇଥିବା ଏବଂ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଥାନା ଏବଂ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ବ୍ୟବସ୍ଥା କରାଯିବ । ଫାଣ୍ଡିରେ ଲାଗିଥିବା କ୍ୟାମେରା ଗୁଡିକ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମରେ ସେହି ସମାନ ସମୟ ସୁଦ୍ଧା ଯୋଡ଼ି ହୋଇଥିବ ବୋଲି ଦର୍ଶାଯାଇଥିଲା । ଏହି ଅବଧି ପୂରି ଯାଇଥିଲେ ମଧ୍ୟ ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ବ୍ୟବସ୍ଥା ହୋଇପାରିନାହିଁ । ଫଳରେ ଥାନାକୁ ଅଭିଯୋଗ କରିବା ପାଇଁ ଯାଉଥିବା ଜନସାଧାରଣଙ୍କୁ ▶ପୃଷ୍ଠା-୭

### ଜଳସମ୍ପଦ ବିଭାଗକୁ ଅଡୁଆ ପାଣିପାଗ ପୂର୍ବାନୁମାନ

## ଗୋଟାଏ ସ୍ଥାନକୁ ଚେତାବନୀ; ଅନ୍ୟ ସ୍ଥାନରେ ଢାଳୁଛି ବର୍ଷା

**ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଆସିଲାଣି ୬ ଥର ବନ୍ୟା**

**ବନ୍ୟା ଜଳ ପରିଚାଳନାରେ ବିଫଳ ଜଳସମ୍ପଦ ବିଭାଗ**

**ଚିନ୍ତା ବଢ଼ାଇଲା ମହାନଦୀ ତଳ ଓ ଉପରମୁଣ୍ଡରେ ବର୍ଷା**

■ **ଭୁବନେଶ୍ୱର, ୪।୯ (ସମିସ):** ଚଳିତ ବର୍ଷ ଘନ ଘନ ଲଘୁଚାପ ଓ ଅନୁକୂଳ ମୌସୁମୀ ରାଜ୍ୟରେ ବର୍ଷାର ସ୍ଥିତିକୁ ସ୍ୱାଭାବିକ କରିଛି । ଏହା ଚାଷୀମାନଙ୍କୁ ଯେତିକି ସନ୍ତୋଷ ଦେଇଛି, ହେଲେ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି । ଫଳରେ ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ୭ମ ଥର ବନ୍ୟା ଆଶଙ୍କା ସୃଷ୍ଟି କରିଛି । କୌତୂହଳର କଥା ହେଉଛି ଅତୀତରେ ମୌସୁମୀରେ ବର୍ଷା ଓ ବନ୍ୟା ଜଳ ପରିଚାଳନାରେ ଦକ୍ଷତା ଅର୍ଜନ କରିଥିବା ରାଜ୍ୟ ଜଳସମ୍ପଦ ବିଭାଗ ଚଳିତ ବର୍ଷ ବନ୍ୟା ପରିଚାଳନାରେ ଚଳିତ ବର୍ଷା ସଫଳ ହୋଇପାରି ନାହିଁ ।

ସାଧାରଣତଃ ବନ୍ୟା ଜଳ ପରିଚାଳନା କ୍ଷେତ୍ରରେ ଆଇଏମ୍‌ଡି ଓ ରାଜ୍ୟ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥାଏ । ଲଘୁଚାପ ଓ ଏହା ପ୍ରଭାବରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହା ଆଇଏମ୍‌ଡି ଆକଳନ କରିଥାଏ । ଏହାକୁ ଆଧାର କରି ରାଜ୍ୟର ଥିବା ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଓ ଗେଟ୍ ବନ୍ଦ, ଖୋଲା ହୋଇଥାଏ । ହେଲେ ଚଳିତ ବର୍ଷ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଥିବା ପରିଲକ୍ଷିତ ହେଉଛି । ସେହିପରି ଗତ କିଛି ଦିନ ହେବ ସମ୍ଭାବ୍ୟ ବର୍ଷା ସଂକ୍ରାନ୍ତରେ ଆଇଏମ୍‌ଡ଼ି ଆକଳନ ସଠିକ୍ ରହୁନାହିଁ । ଆଇଏମ୍‌ଡି ଯେଉଁ ଯେଉଁ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ ଜାରି କରୁଛି, ବାସ୍ତବ ସ୍ଥିତି ଓଲଟା ହେଉଛି । ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ୧ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ , ନବରଙ୍ଗପୁର, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ ବିଭାଗ ୟେଲୋ ଚେତାବନୀ ଜାରି କରାଯାଇଥିଲା । ▶ପୃଷ୍ଠା-୭

### ଯୁବକଙ୍କୁ ସଂଘବଦ୍ଧ ହତ୍ୟା ଘଟଣା

## ପରିବାରର ୬ଜଣଙ୍କୁ ଆଜୀବନ

■ **କୋଷାଗୁମୁଡ଼ା, ୪।୯ (ସମିସ):** ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଏକ ହତ୍ୟା ମାମାଲର ବିଚାର କରି ଗୋଟିଏ ପରିବାରର ୬ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି । ବାକି ଦୋଷୀମାନେ ହେଲେ, କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସୀ ଗାଁର ଅନନ୍ତପୂଜାରୀ, ଶିବ ଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ତୁମର ପୂଜାରୀ ଓ ଡାଳିମ୍ବ ପୂଜାରୀ । ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମନା ପାଇଁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟରେ ଆହୁରି ୬ ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ।

୨୦୨୨ ଅଗଷ୍ଟ ୯ ତାରିଖ ଅପରାହ୍ଣ ୨ଟାରେ ବାରମାସି ଗାଁରେ ଜମିଜମା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିଲା । ନିଜ ବାଡ଼ିରେ ପରିବା ତୋଳୁଥିବା ସମୟରେ ଗାଁର ଗୋଟିଏ ପରିବାର ୬ ଜଣ ଖଣ୍ଡା, ଛୁରୀ, ବରଛା ସମେତ ଅନ୍ୟାନ୍ୟ ମରଣାସ୍ତ୍ର ଧରି ପଦଲାମ ଓ ଡମ୍ବରକୁ ଆକ୍ରମଣ କରିବା ସହ ସେମାନଙ୍କ ଉପରେ ଟ୍ରାକ୍ଟର ମଡ଼ାଇ ଦେଇଥିଲେ । ରକ୍ତ ଜୁଡ଼ବୁଡ଼ୁ ଅବସ୍ଥାରେ ଡମ୍ବରକୁ ପ୍ରଥମେ ନବରଙ୍ଗପୁର ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୨ ଅଗଷ୍ଟ ୧୬ରେ ଡମ୍ବରଙ୍କୁ ମୃତ୍ୟୁ ହୋଇଥିଲା । ପଦଲାମର ଭାଇ ଭରତ ପୂଜାରୀ ଏନେଇ କୋଡିଙ୍ଗା ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ନାବାଳକ ସମେତ ୬ଜଣଙ୍କୁ ପୁଲିସ୍ ଗିରଫ କରିଥିଲା । ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ସନ୍ତୋଷ ମିଶ୍ର ପରିଚାଳନା କରୁଥିଲେ ।

## ପ୍ର. ପ୍ରମୋଦ ଶତପଥୀ ଏମ୍‌ଏସ୍‌ସିବି କୁଳପତି



■ **ବାରିପଦା, ୪।୯ (ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର୍ ପ୍ରମୋଦ କୁମାର ଶତପଥୀଙ୍କୁ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି ନିଯୁକ୍ତି ଦେଇଛନ୍ତି । ଡ. ଶତପଥୀ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ସହ କିଛି ମାସ କୁଳପତି ଭାବେ କାର୍ଯ୍ୟ କରିଥିଲେ । ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ସେ ଦାୟିତ୍ୱ ଗ୍ରହଣ କରିବେ । ଜଣେ ସ୍ଥାୟୀ କୁଳପତି ନିଯୁକ୍ତି ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଅପରପକ୍ଷେ, ୬ ମାସ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ଥିବା ▶ପୃଷ୍ଠା-୭

### ବର୍ଷକ ମଧ୍ୟରେ ହୋଇନାହିଁ ଗୋଟିଏ ଡିସିମିଲ ଜମିର ସଂଶୋଧିତ ସ୍ୱତ୍ୱଲିପି

## ସତରେ ଫେରିବ ତ ମହାପ୍ରଭୁଙ୍କ ସମ୍ପତ୍ତି !

**ରାଜ୍ୟ ବାହାରେ ରହିଛି ୩୯୫ ଏକର ଶ୍ରୀଜଗନ୍ନାଥ ଜମି**

■ **ଭୁବନେଶ୍ୱର, ୪।୯ (ସମିସ):** ରାଜ୍ୟ ଓ ରାଜ୍ୟ ବାହାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରିବ । ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରହିଛି । ଏଥିରୁ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି । ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି । ସରକାର ଏ ଦିଗରେ ଦ୍ରୁତ ପଦକ୍ଷେପ ନେଉଛନ୍ତି ଓ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତାହାର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ରାଜ୍ୟ ଏବଂ ରାଜ୍ୟ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହେବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ।

୨୦୨୩ ମସିହା ଅକ୍ଟୋବରରେ ତତ୍କାଳୀନ ବିଜେଡି ସରକାରରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶ୍ରୀଜଗନ୍ନାଥଙ୍କ ଜମି ସମ୍ପର୍କିତ ଏକ ଉତ୍ତର ବିଧାନସଭାରେ ରଖିଥିଲେ । ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲ୍ଲାରେ ପ୍ରାୟ ୬୦ ହଜାର ୪୨୬ ଏକର ଜମି ରହିଛି । ତନ୍ମଧ୍ୟରୁ ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି । ସେହିପରି ରାଜ୍ୟ ବାହାରେ ୬ଟି ରାଜ୍ୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୩୯୫.୨୫୨ ଏକର ପରିମିତ ଜମି ଚିହ୍ନଟ କରାଯାଇଛି । ବେଆଇନ ଭାବେ ଅବରୋଧ ହୋଇଥିବା ଶ୍ରୀଜୀଉଙ୍କ ଜମିକୁ ସରଜମିନ ତଦନ୍ତ କରାଯାଇଛି । ଓଡ଼ିଶାରେ ୭ଟି ଜିଲ୍ଲାରେ ପ୍ରାୟ ୧୬୯ ଏକର ଜମି ଉପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା-୧୬(ଏ)(କ)ରେ ବର୍ଣ୍ଣିତ ଅନୁଯାୟୀ ମୋଟ ୯୭୪ଟି ବେଆଇନ ଅବରୋଧ ▶ପୃଷ୍ଠା-୭




### ଚିନ୍ତା ପ୍ରକଟ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

## ମାନସିକ ଅବସାଦରେ ୧୦୦ କୋଟି ଲୋକ

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ମାନସିକ ରୂପେ ଅସୁସ୍ଥ ହେଉଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ଲାଗି ଅନେକ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିପାରି ନାହିଁ । ବିଶେଷ କରି ଯୁବକଯୁବତୀମାନେ ଏଭଳି ଅସୁସ୍ଥତାର ଶିକାର ହେଉଛନ୍ତି । ଏହା ଆତ୍ମହତ୍ୟା ପ୍ରବଣତା ବଢ଼ାଉଛି ।

ଏ ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱରେ ୧୦୦ କୋଟିରୁ ଅଧିକ ଲୋକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରିଛନ୍ତି । ପ୍ରତି ୭ ଜଣରେ ଜଣେ ବ୍ୟକ୍ତି ଖରାପ ମାନସିକ ସ୍ୱାସ୍ଥ୍ୟର ଶିକାର ହେଉଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯୁବକଯୁବତୀ । ବିଶ୍ୱର ୫ ପ୍ରତିଶତ ଯୁବକଯୁବତୀ ମାନସିକ ଅବସାଦର ଶିକାର ହେଉଥିବା ବେଳେ ୪ ପ୍ରତିଶତ ଦୁଶ୍ଚିନ୍ତାର ଶିକାର ହେଉଛନ୍ତି । ସିଜୋଫର୍ଣ୍ଣିଆ ଓ ବାଇପୋଲାର ଡିସଅର୍ଡର କାରଣରୁ ଯଥାକ୍ରମେ ୨୦୦ରେ ଜଣେ ଓ ୧୫୦ଜଣରୁ ଜଣେ ପ୍ରଭାବିତ ହେଉଛନ୍ତି । ଚିନ୍ତା ଓ ଅବସାଦ ପାଇଁ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେଉଛି । ଏହାଦ୍ୱାରା ଯୁବପିଢ଼ି ଆତ୍ମହତ୍ୟା ପ୍ରବଣ ହେଉଛି । ବିଶ୍ୱରେ ପ୍ରତି ୧୦୦ଟି ମୃତ୍ୟୁରେ ଗୋଟିଏ ଆତ୍ମହତ୍ୟା କାରଣରୁ ହେଉଥିବା ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୨୧ରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ବର୍ଷ ବିଶ୍ୱରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ଶିକାର ହୋଇ ୭୨ ଲକ୍ଷ ୭ ହଜାର ଲୋକ ଆତ୍ମହତ୍ୟା କରିଥିଲେ ।



**୨୦୨୧ରେ ୭୨ ଲକ୍ଷ ଲୋକଙ୍କ ଆତ୍ମହତ୍ୟା**

ଏନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିବା ସହିତ ମାନସିକ ସ୍ୱାସ୍ଥ୍ୟା ନେଇ ସଚେତନତା ଅଭିଯାନ ଜୋରଦାର କରିବାକୁ ପରାମର୍ଶ ଦେଇଛି ।

ରିପୋର୍ଟରେ ଆହୁରି କୁହାଯାଇଛି ଯେ ଅବସାଦ ଓ ଦୁଶ୍ଚିନ୍ତା ବିଶ୍ୱର ସବୁ ଦେଶରେ ଦେଖାଯାଉଛି । ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଛନ୍ତି । ଏହାର ପ୍ରଭାବ ଅର୍ଥନୀତି ଉପରେ ମଧ୍ୟ ପଡୁଛି । ଅବସାଦ ଓ ଦୁଶ୍ଚିନ୍ତା ଯୋଗୁଁ ପ୍ରତିବର୍ଷ ବିଶ୍ୱ ଅର୍ଥନୀତି ଉପରେ ଏକ ଲକ୍ଷ କୋଟି ଡଲାରର ବୋଝ ପଡୁଛି । ଅବସାଦ ଓ ଦୁଶ୍ଚିନ୍ତାର ମୁକାବିଲା ଲାଗି ବିଶ୍ୱବ୍ୟାପୀ ଅଭିଯାନକୁ ଜୋରଦାର କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁରୁତ୍ୱ ଆରୋପ କରିଛି । ୨୦୩୦ ସୁଦ୍ଧା ଆତ୍ମହତ୍ୟା ହାର ▶ପୃଷ୍ଠା-୭

### ରାଜ୍ୟବ୍ୟାପୀ ସାର ସଙ୍କଟ ଓ ବ୍ୟାପକ କଳାବଜାରୀ

## ଶ୍ୱେତପତ୍ର ଦାବିକଲା କଂଗ୍ରେସ

■ **ଭୁବନେଶ୍ୱର, ୪।୯ (ସମିସ):** ରାଜ୍ୟବ୍ୟାପୀ ସାର ସଙ୍କଟ ସହ ବ୍ୟାପକ କଳାବଜାରୀ ହେଉଛି । ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି । ଚଳିତବର୍ଷ ଖରିଫ ଚାଷରେ ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ କେଉଁ କ୍ଷେତ୍ରରେ ସାରର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି ତାହା ସଠିକ୍ ଜଣାପଡୁନାହିଁ । ଯଦି କେନ୍ଦ୍ର ସରକାର ରାଜ୍ୟର କୋଟା ଅନୁଯାୟୀ ଗତ ଏପ୍ରିଲ-୨୦୨୫ଠାରୁ ଏପର୍ଯ୍ୟନ୍ତ ମୋଟ୧୧ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ପାରିଛନ୍ତି ତେବେ ଚାଷୀ ଆନ୍ଦୋଳନ କାହିଁକି ଚାଲିଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି ।

ପକ୍ଷରୁ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ ସାରର ପ୍ୟାକେଟ୍ ପିଛା ନିର୍ଦ୍ଧାରିତ ଦାମ୍‌ଠାରୁ ଯଥେଷ୍ଟ ଚଢ଼ାଦରରେ ବିକ୍ରି କରାଯାଉଛି । ୟୁରିଆ ୪୫ କେଜି ପ୍ୟାକେଟ୍ ପିଛା ୨୬୭ ଟଙ୍କା ଥିବା ବେଳେ ବଜାରରେ ୬୦୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି । କୃଷି ବିଭାଗ ପକ୍ଷରୁ ସ୍ୱଚ୍ଛତା ଭିତ୍ତିରେ ଜିଲ୍ଲାୱାରୀ ସାରର ଆବଶ୍ୟକତା, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କ ନାମ, ଫୋନ ନମ୍ବର ସହ ଚାଷୀମାନଙ୍କ ନିକଟରେ ଏହାକୁ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଧାନଗଛ ବୃଦ୍ଧି ପାଇଁ ବିଶେଷ କରି ୟୁରିଆ ସାରର ବହୁଳ ଆବଶ୍ୟକତା ଥିବାବେଳେ ୟୁରିଆ ସାରର ଏପରି ସଙ୍କଟ ପରିସ୍ଥିତି ଚାଷୀଙ୍କ ପାଇଁ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରିଛି । ତେଣୁ ରାଜ୍ୟ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦଳ ଦାବି କରିଛି ।

ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରକୁ ଗସ୍ତକରି ଚାଷୀମାନଙ୍କ ସହିତ ବାସ୍ତବ ସ୍ଥିତିର ପତ୍ୟକ୍ଷ ଆଲୋଚନା କରିଛନ୍ତି । ସାର ଗଚ୍ଛିତ ପାଇଁ ସମିତିର ଗୋଦାମ ଘର ନ ଥିବା, ମୃତ୍ତିକା ସୁରକ୍ଷା ଓ ସହଣିକ ସାର ବ୍ୟବହାର ପାଇଁ ବୈଷୟିକ ଜ୍ଞାନକୌଶଳର ଅଭାବ, କୃଷି ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ▶ପୃଷ୍ଠା-୭

## ଅକ୍ଟୋବର ପ୍ରଥମ ସପ୍ତାହରେ ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା

ପାଟନା, ୪।୯ (ଏଜେନ୍ସି): ନିର୍ବାଚନ କମିସନ ଆସନ୍ତାମାସରେ ବିହାର ବିଧାନସଭା ନିର୍ବାଚନ ନେଇ ଘୋଷଣା କରିପାରନ୍ତି। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନ ନେଇ ବିଜ୍ଞପ୍ତି ଘୋଷଣା ହେବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଦୁଇଟି କିମ୍ବା ୩ଟି ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ଭଳି ପର୍ବ ପରେ ନିର୍ବାଚନ ହେବ ବୋଲି ଅନୁମାନ କରାଯାଉଛି। ଆଗାମୀ ନଭେମ୍ବର ୨୨ରେ ବିହାର ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହାପୂର୍ବରୁ କମିସନ ନିର୍ବାଚନ ପ୍ରକ୍ରିୟା ନେଇ ସବୁ ପ୍ରକାର ଔପଚାରିକତା ଶେଷ କରିବ। ଗତ ୨୦୨୦ରେ ଅନୁଷ୍ଠିତ ନିର୍ବାଚନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ନଭେମ୍ବର ୫ ଓ ୧୫ରେ ମତଦାନ ଓ ୨୦ରେ ଭୋଟ ଗଣନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭୋଟର ତାଲିକା ନେଇ ବିବାଦ ଚାଲିଥିବା ବେଳେ ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଗତଥର ଭଳି ନିର୍ବାଚନରେ ଏଥର ମଧ୍ୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

## ବ୍ରିଟେନରେ କାର୍ ଦୁର୍ଘଟଣା; ୨ ଭାରତୀୟ ଛାତ୍ର ମୃତ

ଲଣ୍ଡନ, ୪।୯ (ଏଜେନ୍ସି): ବ୍ରିଟେନରେ ଏକ କାର୍ ଦୁର୍ଘଟଣାରେ ତେଲଙ୍ଗାନାର ଦୁଇଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦକ୍ଷିଣପୂର୍ବ ଇଂଲଣ୍ଡର ଏସେକ୍ସର ମେଜର ରାଉଣ୍ଡଆବାଉଟ୍‌ରେ ଏହି ଦୁର୍ଘଟଣା ହୋଇଥିଲା। ୨୩ ବର୍ଷୀୟ ଚୈତନ୍ୟ ତାରେ ନାମକ ବ୍ୟକ୍ତି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୧ ବର୍ଷୀୟ ଋଷି ତେଜା ରାପୋଲୁ ହସ୍ପିଟାଲ୍‌ରେ ପ୍ରାଣ ହରାଇଥିଲେ। କାର ଚଳାଉଥିବା ଦୁଇଜଣ ଲୋକଙ୍କୁ ଏସେକ୍ସ ପୁଲିସ ଗିରଫ କରିଛି। ଏହି ଦୁଇଜଣ ଇଷ୍ଟ ଲଣ୍ଡନର। ବିପଜ୍ଜନକ ଗାଡି ଚଳାନା ଯୋଗୁଁ ଏହି ଦୁଇଜଣଙ୍କୁ ଗିରଫ କରାଯିବାର କିଛି ସମୟରେ ପରେ ଜାମିନ ମିଳିଥିଲା। ଦୁର୍ଘଟଣା ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି।

## ବିଜୟୱାଡା-ବେଙ୍ଗାଲୁରୁ ବିମାନରେ ପକ୍ଷୀ ମାଡ଼

ବେଙ୍ଗାଲୁରୁ, ୪।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡା ବିମାନବନ୍ଦରରୁ ଗୁରୁବାର ବେଙ୍ଗାଲୁରୁ ଯିବାକୁ ଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଛି। ଏୟାର ଇଣ୍ଡିଆର ଆଇଏକ୍ସ୨୦୧୧ ବିମାନ ଟେକ୍‌ଅଫ୍ କରିବା ପୂର୍ବରୁ ହିଁ ଏକ ଚିଲ ପକ୍ଷୀ ମାଡ ହୋଇଥିଲା। ଏହା ଦ୍ୱାର ବିମାନର ନୋଜ୍ ଅର୍ଥାତ ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ପାଇଲଟ ବିମାନର ଇଞ୍ଜିନ୍ ଚାଲୁ କରିବା ମାତ୍ରେ ହିଁ ଏହି ଘଟଣା ଘଟିଥିଲା। ବିମାନର ଟେକ୍ ଅଫ୍ ସମୟ ୮.୧୫ରେ ଥିଲା ଓ ଏହା ୯.୪୦ରେ ବେଙ୍ଗାଲୁରୁରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ଏହି ବିମାନରେ ୧୬୦ରୁ ୧୬୫ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଅଛନ୍ତି। ଏହି ଯାତ୍ରୀମାନଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଏକ ଦ୍ୱିତୀୟ ବିମାନର ବ୍ୟବସ୍ଥା କରାଯାଇଛି ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ କୁହାଯାଇଛି। ଗତ ୩ ଦିନ ମଧ୍ୟରେ ଦ୍ୱିତୀୟଥର ପାଇଁ ପକ୍ଷୀ ମାଡ଼ ହେବାରୁ ଉଡାଣକୁ ବାତିଲ କରାଯାଇଛି। ଏହାପୂର୍ବରୁ ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ୬ଇ୮୧୨ ବିମାନରେ ମଙ୍ଗଳବାର ପକ୍ଷୀ ମାଡ ହୋଇଥିଲା। ଫଳରେ ବିମାନକୁ ନାଗପୁରରେ ଜରୁରୀ ଅବତରଣ କରାଯାଇଥିଲା।

## ବିଚ୍ ବଜାରରେ ପତ୍ନୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

ଗୋରଖପୁର, ୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଶାହାପୁର ଅଞ୍ଚଳରେ ଗୁରୁବାର ଏକ ଜନଗହଳିପୂର୍ଣ୍ଣ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ବିଶ୍ୱକର୍ମା ଚୌହାନ ନାମକ ଜଣେ ସ୍ୱାମୀ ତାଙ୍କ ପତ୍ନୀ ମମତା ଚୌହାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଛାଡପତ୍ର ମାମଲା ନେଇ ଚାଲିଥିବା ପ୍ରକ୍ରିୟାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ବିଶ୍ୱକର୍ମା ଏହି କାଣ୍ଡ ଘଟାଇଥିଲେ। ଘଟଣା ପରେ ହିଁ ତାଙ୍କୁ ପୁଲିସ ଗିରଫ କରିଛି। ମମତାଙ୍କୁ ହତ୍ୟା କରିବା ନେଇ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ସେ ପୁଲିସକୁ କହିଛନ୍ତି। ସେ ମୋର ପଇସା ଖାଇ ଯାଉଥିଲା ବିଶ୍ୱକର୍ମା କହିଛନ୍ତି। ୩୫ ବର୍ଷୀୟା ମମତା ଏକ ଘରୋଇ ଫାର୍ମରେ ଚାକିରି କରୁଥିଲେ। ସେ ନିଜର ୧୩ ବର୍ଷର ଝିଅ ସହ ଅଲଗା ରହୁଥିଲେ। କିନ୍ତୁ ଭରଣ ପୋଷଣ ପାଇଁ ସେ ସ୍ୱାମୀଙ୍କଠାରୁ ଅର୍ଥ ଓ ଚାଷଜମି ଦାବି କରୁଥିଲେ। ସନ୍ଧ୍ୟା ୭.୩୦ରେ ଏକ ଫଟୋ ଷ୍ଟୁଡିଓ ନିକଟରେ ଦୁହିଁଙ୍କ ମଧ୍ୟ ଜୋରସୋରରେ ପାଟି ଓ ଯୁକ୍ତିତର୍କ ହୋଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଉତ୍କ୍ଷିପ୍ତ ହୋଇ ବିଶ୍ୱକର୍ମା ପିସ୍ତଲ ବାହାର କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିବାନୀ କୋର୍ଟ ପରିସରରେ ୪ ରାଉଣ୍ଡ ଗୁଳିମାଡ଼

ଭିବାନୀ, ୪।୯ (ଏଜେନ୍ସି): ହରିୟାଣାର ଭିବାନୀ କୋର୍ଟରେ ଗୁରୁବାର ଦ୍ୱିପହରରେ ଫାୟାରିଂ ହୋଇଛି। ହଠାତ ଦୁଇଜଣ ଯୁବକ ଆସି ୩ଜଣଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଜଣେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିବା ବେଳେ ଅନ୍ୟ ଦୁଇଜଣ କୌଣସି ପ୍ରକାର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ଏହାପରେ ଦୁଇ ଆକ୍ରମଣକାରୀ ସେଠାରୁ ପଳାଇଯାଇଥିଲେ। ସୂଚନା ପାଇବା ମାତ୍ରେ ହିଁ ଏସ୍‌ପି ସୁମିତ କୁମାର ପୁଲିସ କର୍ମୀଙ୍କ ସହ ସେଠାରେ ପହଞ୍ଚିଥିଲେ। ତେବେ ଏହା ପୂର୍ବରୁ ସେଠାରେ ଉପସ୍ଥିତ ଲୋକ ଆହତ ବ୍ୟକ୍ତିଙ୍କୁ ଉଠାଇ ଅଟୋରେ ସିଭିଲ ହସ୍ପିଟାଲରେ ପହଞ୍ଚାଇଥିଲେ। ଦୁଇ ଅଭିଯୁକ୍ତ ୪ ରାଉଣ୍ଡ ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଏହା ଦେଖି ସେଠାରେ ଉପସ୍ଥିତ ଲୋକେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ପୁଲିସ ଏହି ଘଟଣାର ଯାଞ୍ଚ ଆରମ୍ଭ କରିଛି ଓ ଅଭିଯୁକ୍ତଙ୍କୁ ଗିରଫ୍ କରିବା ପାଇଁ କେତୋଟି ଦଳ ଗଠନ କରିଛି।

## ଭାରତ, ଚୀନ୍‌କୁ ଧମକ ଦେବା ବନ୍ଦ କରୁ ଆମେରିକା: ପୁଟିନ୍



ବେଜିଂ, ୪।୯ (ଏଜେନ୍ସି): ଭାରତ ଓ ଚୀନ୍‌କୁ ଟାରିଫ୍ ମାଧ୍ୟମରେ ଆମେରିକା ଧମକ ଦେବା ବନ୍ଦ କରୁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଏହି ଦୁଇ ଦେଶ ଏବେ ଆମେରିକା ଧମକକୁ ନେଇ ଆଦୌ ଭୟଭିତ ହେଉନାହାନ୍ତି। ବୁଧବାର ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ଯୋଗ ଦେବା ପରେ ପୁଟିନ ଗଣମାଧ୍ୟମ ସହ କଥା ହେବା ବେଳେ ଏହି କଥା କହିଛନ୍ତି। ଭାରତ ଓ ଚୀନ୍ ସହ ଟ୍ରମ୍ପ ଏଭଳି ଢ଼ଙ୍ଗରେ କଥା ହେବା ଉଚିତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ ଏସିଆର ଦୁଇଟି ଶକ୍ତିଶାଳୀ ଦେଶ। ଆମେରିକା ଅର୍ଥନୈତିକ ଚାପ ପକାଇ ଏହି ଦୁଇ ମହାଶକ୍ତିଙ୍କୁ ଭୟଭିତ କରାଇବାକୁ ପ୍ରୟାସ କରୁଛି ଓ ଦୁଇ ଦେଶର ନେତୃତ୍ୱକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଭାରତ ଓ ଚୀନ୍‌ର ଇତିହାସରେ ଆକ୍ରମଣର ଉଦାହରଣ ଯଥେଷ୍ଟ ରହିଛି। ତେଣୁ ଏହି ଦୁଇ ଦେଶର କୌଣସି ନେତା ଯଦି ନିଜର ଦୁର୍ବଳତା ଦେଖାନ୍ତି, ତେବେ ସେମାନଙ୍କର ରାଜନୈତିକ କ୍ୟାରିୟର ଶେଷ ହୋଇଯିବ। ତେଣୁ ଟ୍ରମ୍ପ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ବୋଲି ପୁଟିନ ପରାମର୍ଶ ଦେଇଛନ୍ତି। ରୁଷଠାରୁ ଭାରତ ତୈଳ କ୍ରୟ କରୁଛି। ତେଣୁ ରୁଷ ୟୁକ୍ରେନ ବିପକ୍ଷରେ ଯୁଦ୍ଧ କରିବାକୁ ବଳ ପାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଟାରିଫ ଲାଗୁ କରି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ଟ୍ରମ୍ପଙ୍କ ଏହି ନୀତି ତାଙ୍କ ରଢ଼ିବାଦୀ ମାନସିକତାକୁ ସୂଚାଉଛି ବୋଲି ସେ କହିଛନ୍ତି। ଔପନିବେଶିକ ଯୁଗ ଶେଷ ହୋଇଛି। ତେଣୁ ନିଜର ସାଥି ଦେଶଗୁଡିକ ସହ ଆମେରିକା ଏଭଳି କଥା ହେବା ଉଚିତ ନୁହଁ। ତେବେ ନିକଟ ଭବିଷ୍ୟତରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା କମ୍ ହେବ ଓ ସ୍ଥିତି ସାମାନ୍ୟ ହେବ ବୋଲି ପୁଟିନ ଆଶା ପ୍ରକାଶ କରି କହିଛନ୍ତି।

## ମଣିପୁରରେ ଜାତୀୟ ରାଜପଥ-୨ ଖୋଲିବାକୁ କୁକି ରାଜି

ଏମ୍ଫାଲ, ୪।୯ (ଏଜେନ୍ସି): ଗତ ଦୁଇବର୍ଷ ହେବ ମଣିପୁରରେ ହିଂସା ଜାରି ରହିଥିବା ବେଳେ ଏବେ ଏହି ଉତ୍ତରପୂର୍ବ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରାସ୍ତା ଖୋଲିଛି। ଜାତୀୟ ରାଜପଥ-୨ ଖୋଲିବାକୁ କୁକି-ଜୋ ପରିଷଦ ରାଜି ହୋଇଛି। ଫଳରେ ପୁଣିଥରେ ମଣିପୁର ଉତ୍ତରପୂର୍ବର ଅନ୍ୟ ରାଜ୍ୟମାନଙ୍କ ସହ ଯୋଡି ହେବ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର, ମଣିପୁର ସରକାର ଓ କୁକି-ଜୋ ପରିଷଦ ଏକ ନୂଆ ଚୁକ୍ତିରେ ହସ୍ତାକ୍ଷର କରିଛନ୍ତି। ଏହି ଚୁକ୍ତି ଆଗାମୀ ଗୋଟିଏ ବର୍ଷ ପାଇଁ ଲାଗୁ ହେବ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ସରକାର ଓ କୁକି ନ୍ୟାସନାଲ ଅର୍ଗାନାଇଜେସନ (କେଏନ୍‌ଓ) ମଧ୍ୟରେ ୭ଟି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି।

ଦେଶର ଅଖଣ୍ଡତା ବଜାୟ ରଖିବାକୁ ସବୁ ପକ୍ଷ ଜାତୀୟ ରାଜପଥ-୨ ଖୋଲିବାକୁ ସହମତି ପ୍ରକାଶ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଦିଲ୍ଲୀରେ ଏ ନେଇ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ରେ ମଣିପୁର ଓ ମିଜୋରାମ ଯାତ୍ରା କରିବେ ଓ ସେଠାରେ ନୂଆ ବୈରାବି-ସାଇରଙ୍ଗ ରେଳବାଇ ପ୍ରକଳ୍ପ ଉଦ୍‌ଘାଟନ କରିବେ। ତେଣୁ ମୋଦୀଙ୍କ ଯାତ୍ରା ପୂର୍ବରୁ ଜାତୀୟ ରାଜପଥ-୨ ଖୋଲାଯିବା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଜାତୀୟ ରାଜପଥ-୨ ମଣିପୁର ସହ ନାଗାଲାଣ୍ଡ, ଆସାମ, ମିଜୋରାମ୍ ଅନ୍ୟ ରାଜ୍ୟଗୁଡିକ ଯୋଡିଥାଏ। ୨୦୨୩ରେ ମଣିପୁରରେ କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ବନ୍ଦ ରହିଥିଲା। ଏହି ରାଜପଥ ଖୋଲିବା ଫଳରେ ମଣିପୁରରେ ସ୍ଥିତି ସାମାନ୍ୟ ହେବ ବୋଲି ଆଶା କରାଯାଉଛି। ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ବାଟ ଖୋଲିବ। ଏହା ଦ୍ୱାରା ଅତ୍ୟାବଶକୀୟ ଜିନିଷ ମଣିପୁରରେ ପହଞ୍ଚିପାରିବ ଓ ରିଲିଫ ଶିବିରରେ ରହୁଥିବା ବିସ୍ଥାପିତ ପରିବାରଗୁଡିକର ସମସ୍ୟା କମ୍ ହେବ ବୋଲି କୁହାଯାଇଛି। ମଣିପୁରର ଲୋକସଂଖ୍ୟା ୩୮ ଲକ୍ଷ ହୋଇଥିବାବେଳେ ଏହି ରାଜ୍ୟରେ କୁକୁ, ନାଗା ଓ ମେତେଇ ସମ୍ପ୍ରଦାୟର ଲୋକ ରୁହନ୍ତି। ନାଗା ଓ କୁକି ଖ୍ରୀଷ୍ଟିଆନ ଧର୍ମକୁ ମାନୁଥିବା ବେଳେ ମେତେଇ ହିନ୍ଦୁ ଧର୍ମର।

# ଯମୁନା ପାଣିରେ ଭାସୁଛି ଦିଲ୍ଲୀ



### ଫ୍ଲାଏ ଓଭର ଧସିଲା, ରିଲିଫ୍ ଶିବିରରେ ପାଣି

### ପଞ୍ଜାବ, ହରିୟାଣାରେ ବନ୍ୟା; ୪୮ ମୃତ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଏଥର ମୌସୁମୀ ଜନିତ ବର୍ଷା ସାରା ଉତ୍ତର ପଶ୍ଚିମ ଭାରତରେ ଜନଜୀବନ ଅସ୍ତବ୍ୟସ୍ତ କରିଛି। କ୍ରମାଗତ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀ- ଏନ୍‌ସିଆର ସମେତ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡରେ ଏବେ ମଧ୍ୟ ବର୍ଷା ଜାରି ରହିଛି। ଯମୁନା ନଦୀର ପାଣି ଦିଲ୍ଲୀ ସହର ଭିତରେ ପ୍ରବେଶ କରିଛି। ଦିଲ୍ଲୀର ବିଭିନ୍ନ ସଡକରେ ଯମୁନା ନଦୀର ପାଣି ଠିଆ ହୋଇଛି। ଗୁରୁବାର ସକାଳେ ମୋନାଷ୍ଟେରୀ ମାର୍କେଟ୍‌ରେ ଥିବା ସଡ଼କରେ ଯମୁନା ପାଣି ପଶିଛି। ମୟୁର ବିହାରର ଫେଜ୍-୧ ନିକଟରେ ବନ୍ୟା ପୀଡିତଙ୍କ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରିଲିଫ୍ ଶିବିରରେ ମଧ୍ୟ ପାଣି ପସିଯାଇଛି। ଫଳରେ ସମସ୍ୟା ଆହୁରି ଗୁରୁତର ହୋଇଛି। ଅଲିପୁରରେ ଜାତୀୟ ରାଜପଥ-୪୪ରେ ଥିବା ଫ୍ଲାଏ ଓଭର ବ୍ରିଜ୍‌ର ଏକ ଅଂଶ ଧସିଯାଇଛି।

ସେହିପରି ପଞ୍ଜାବର ସବୁ ୨୩ଟି ଜିଲ୍ଲାରେ ବନ୍ୟା ଆସିଛି। ୧, ୬୫୫ ଗାଁର ୩.୫୫ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସବୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ବନ୍ୟାଯୋଗୁଁ ପଞ୍ଜାବରେ ଏପର୍ଯ୍ୟନ୍ତ ୧, ୭୫, ୨୮୬ ହେକ୍ଟର ଜମିର ଫସଲ ପ୍ରଭାବିତ ହୋଇଛି। ଅଗଷ୍ଟ ୧ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆସିଥିବା ଏହି ବନ୍ୟାରେ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ପଠାନକୋଟ୍‌ରେ ୩ ଜଣ ଲୋକ ନିଖୋଜ ଅଛନ୍ତି। ସେହିପରି ହରିୟାଣାର ଅଧିକାଂଶ ଅଞ୍ଚଳ ବନ୍ୟା ଯୋଗୁଁ ପାଣିରେ ବୁଡିଯାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୧ ଜଣ ମୃତ୍ୟୁବରଣ କରିଛନ୍ତି। ହିସାର, ପଞ୍ଚକୁଲା, ଅମ୍ବାଲା ଓ ରୋହତକରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରୁ ପାଣି ଛାଡିବା ଫଳରେ ଫରିଦାବାଦ୍‌ରେ ଯମୁନା ବିପଦ ସଂକେତ ଉପରେ ବହୁଛି। ଅନ୍ୟପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ଗୁରୁବାର ସକାଳେ ଭୂସ୍ଖଳନ ଯୋଗୁଁ ଦୁଇଟି ଘର ଭୁଶୁଡି ପଡ଼ିଛି। ପ୍ରବଳ ବର୍ଷା କାରଣରୁ ଏହି ରାଜ୍ୟରେ ବିପର୍ଯ୍ୟୟ ଥମିବାର ନା ନେଉନାହିଁ। ଫଳରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ୬ ଜଣ ଲୋକ ଫସି ରହିଛନ୍ତି। କୁଲୁରେ ମଧ୍ୟ ଭୂସ୍ଖଳନ ହୋଇଛି। ଆବର୍ଜନା ତଳେ ଦବି ରହିଥିବା ଜଣେ ଏନ୍‌ଡିଆରଏଫ୍ ଯବାନଙ୍କୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ସେହିପରି ଉଜ୍ଜୟିନ୍‌ରେ ସିପ୍ରା ନଦୀର ଜଳସ୍ତର ବୃଦ୍ଧିପାଇବା ଯୋଗୁଁ ଘାଟ କୂଳରେ ଥିବା ମନ୍ଦିରଗୁଡିକରେ ଜଳମଗ୍ନ ହୋଇଛି। ସେହିପରି ରତଲାମର ରେଲୱେ ପ୍ଲାଟଫର୍ମର ବି ପାଣିରେ ବୁଡିଯାଇଛି। ଭୂସ୍ଖଳନ ଯୋଗୁଁ ଜମ୍ମୁ-କଶ୍ମୀରରେ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ସେପଟେ ଗୁଜରାଟ୍‌ରେ ଚଳିତ ମୌସୁମୀରେ ପ୍ରଥମଥର ପାଇଁ ନର୍ମଦା ଡ୍ୟାମ୍‌ରେ ୧୫ଟି ଗେଟ୍‌କୁ ଖୋଲାଯାଇଛି। କାଶ୍ମୀରରେ ମଧ୍ୟ ବନ୍ୟା ଜାରି ରହିଛି ଓ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ସବୁ ସ୍କୁଲ- କଲେଜକୁ ବନ୍ଦ କରାଯାଇଛି। ଶ୍ରୀନଗରରେ ବନ୍ୟା ଆସିବା ନେଇ ସତର୍କତା ଜାରି କରାଯାଇଛି। ଫଳରେ ତଳିଆ ଅଞ୍ଚଳକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଛତିଶଗଡ଼ରେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ରାଜସ୍ଥାନରେ ୨୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ପୁଅକୁ ପିଙ୍ଗି ୧୩ ମହଲାରୁ ଡେଇଁ ମା'ର ଆତ୍ମହତ୍ୟା



ସୁରତ, ୪।୯ (ଏଜେନ୍ସି): ଗୁଜରାଟର ସୁରତସ୍ଥିତ ଅଲଥାନା ଅଞ୍ଚଳର ମାର୍ତାଣ୍ଡ ହିଲ୍ସରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ମା' ୧୩ ମହଲା ଉପରୁ ନିଜ ୨ ବର୍ଷର ପୁଅକୁ ଫିଙ୍ଗିବାର ୧୨ ସେକେଣ୍ଡ ପରେ ନିଜେ ସେଠାରୁ ଡେଇଁ ଆତ୍ମହତ୍ୟା କରିଛି। ଏହାକୁ ନେଇ ଏହି ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଉତ୍ସବମୁଖର ଥିବା ଏହି ସୋସାଇଟିରେ ଅଚାନକ ଦୁଃଖର ଛାୟା ଖେଳିଯାଇଛି। ସୋସାଇଟିରେ ସ୍ଥାପିତ ହୋଇଥିବା ଗଣେଶ ପେଣ୍ଡାଲର ୨୦ ଫୁଟ ଦୂରରେ ମା ଓ ପୁଅଙ୍କ ମୃତଦେହ ପଡ଼ିଥିଲା। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ପୁଲିସ ଯାଞ୍ଚ କରୁଛି। ତେବେ ଏହି ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ମହିଳାଙ୍କ ପରିବାର ତରଫରୁ ମଧ୍ୟ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲା। ମହିଳାଙ୍କ ମୋବାଇଲକୁ ଯାଞ୍ଚ କରିବାକୁ ପୁଲିସ୍ ଫରେନସିକ ଲାବ୍‌କୁ ପଠାଇଛି। ମହିଳା ଜଣକ ହେଉଛନ୍ତି ପୂଜା ପଟେଲ। ବିଲେଶକୁମାର ପଟେଲ ହେଉଛନ୍ତି ତାଙ୍କ ସ୍ୱାମୀ। ବିଲେଶକୁମାର ଲୁମ୍ବ କାରଖାନ ଚଳାନ୍ତି। ହସଖୁସିରେ ମହିଳାଙ୍କ ପରିବାର ସୁଖି ଜୀବନ ବିତାଉଥିଲେ। କିନ୍ତୁ ଏହି ଘଟଣା ପରେ ବିଲେଶକୁମାର ଓ ତାଙ୍କ ପରିବାର ହତବାକ୍ ହୋଇଛନ୍ତି। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ୧୩ ମହଲାରୁ ଖସି ପଡ଼ିବା ନେଇ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଲିସ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ପୋଷ୍ଟମର୍ଟମ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜ ପୁଅକୁ ନେଇ ପୂଜା ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ ହେବ ବୋଲି ଆଶା କରାଯାଉଛି।

■ ତାମିଲନାଡୁ ରାଜନୀତିରେ ହଟଚମଟ


## ଏନ୍‌ଡିଏରୁ ଅଲଗା ହେଲେ ଦିନାକରନ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏରୁ ଆଉ ଏକ ପାର୍ଟି ଅଲଗା ହୋଇଛି। ଏଏମ୍‌ଏମ୍‌କେ ନେତା ଟିଟିଭି ଦିନାକରନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ଏ ନେଇ ଘୋଷଣା କରିଛନ୍ତି। ଦ୍ୱିତୀୟ ଦଳ ଭାବେ ଏଏମ୍‌ଏମ୍‌କେ ଏନ୍‌ଡିଏରୁ ଅଲଗା ହୋଇଛନ୍ତି। ଏହାପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭାମ ତାଙ୍କ ପାର୍ଟି ସହ ଏନ୍‌ଡିଏରୁ ବାହରି ଯାଇଥିଲେ। ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ତେଣୁ ଏନ୍‌ଡିଏକୁ ଜବରଦସ୍ତ ଝଟ୍‌କା ଲାଗିଛି। ୨୦୨୪ ଲୋକସଭା ନିର୍ବାଚନରେ ଦିନାକରନ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ଡିଏକୁ ବିନା କୌଣସି ସର୍ତ୍ତରେ ସମର୍ଥନ କରିଥିଲେ। ତେବେ ଜାତୀୟ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ବହୁତ ପାର୍ଥକ୍ୟ ରହିଥିବା କଥା ଦିନାକରଣ କହିଛନ୍ତି। ଲୋକସଭା ନିର୍ବାଚନଠାରୁ ୨୦୨୬ ବିଧାନସଭା ନିର୍ବାଚନରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଆଗାମୀ ଡିସେମ୍ବରରେ ନୂଆ ଦଳ ସହ ଆମେ ମେଣ୍ଟ କରିବୁ ବୋଲି ସେ କହିଛନ୍ତି। ପୁଣିଥରେ ଏନ୍‌ଡିଏ ଓ ଏଆଇଏଡିଏମ୍‌କେ ଏକାଠି ହେବାକୁ ଦିନାକରନ ନାପସନ୍ଦ କରିଛନ୍ତି। ଏଥିସହ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତି ରୋଚକ ମୋଡରେ ଉପନୀତ ହୋଇଛି।

## ଆଗ୍ନେୟଗିରିରେ ୧୦ ମାସରେ ୩୨ଥର ଅଗ୍ନି ଉଦ୍‌ଗୀରଣ

ହନଲୁଲୁ, ୪।୯ (ଏଜେନ୍ସି): ଆମେରିକାର ଦୀପ ରାଜ୍ୟ ହାୱାଇରେ କିଲାଉଏ ଆଗ୍ନେୟଗିରିରେ ଅଗ୍ନି ଉଦ୍‌ଗିରଣ ହୋଇଛି ଓ ଏହା ଏବେ ମଧ୍ୟ ଜାରି ରହିଛି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ଅର୍ଥାତ ପାଖାପାଖି ୧୦ ମାସ ମଧ୍ୟରେ ଏହି ଆଗ୍ନୟଗିରିରେ ୩୨ଥର ପାଇଁ ଅଗ୍ନି ଉଦ୍‌ଗିରଣ ହୋଇଛି ବୋଲି ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ତରଫରୁ କୁହାଯାଇଛି। ୧୦୦ ମିଟରରୁ ଉର୍ଦ୍ଧ୍ୱ ଉଚ୍ଚକୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। କିଲାଉଆଉକୁ ବିଶ୍ୱର ସବୁଠାର ସକ୍ରିୟଆଗ୍ନେୟଗିରି କୁହାଯାଇଥାଏ। ହାୱାଇ ରାଜଧାନୀଠାରୁ ଏହା ୨୦୦ ମାଇଲ ଦକ୍ଷିଣରେ ଅବସ୍ଥିତ। ପ୍ରତି ସେକେଣ୍ଡରେ ହାରାହାରି ୬, ୭୫୦ କ୍ୟୁବିକ୍ ଲାଭା ଉଦ୍‌ଗିରଣ ହେଉଛି ଓ ୫୫, ୦୦୦ ଟନ୍ ସଲଫର ଡାଇଅକ୍ସାଇଡ୍ ଭଳି ବିଶାକ୍ତ ଗ୍ୟାସ ସୃଷ୍ଟି ହେଉଛି ବୋଲି ୟୁଏସ୍‌ଜିଏସ୍ କହିଛି।

## ପଶ୍ଚିମବଙ୍ଗ ବିଧାନସଭାରେ ପ୍ରବଳ ହଟ୍ଟଗୋଳ



### ୫ ବିଜେପି ବିଧାୟକ ସସ୍‌ପେଣ୍ଡ

### ବିଜେପି ଚିଫ୍ ହ୍ୟୁପ୍‌ଙ୍କୁ ଘୋଷାଡ଼ି ବାହାର କଲେ ମାର୍ଶାଲ୍

କୋଲକାତା, ୪।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଅଭାବନୀୟ ସ୍ଥିତି ସୃଷ୍ଟି ହେବା ସହ ଜୋରସୋରରେ ହଟ୍ଟଗୋଳ ଦେଖିବାକୁ ମିଳିଛି। ବଙ୍ଗଳା ପ୍ରବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଜୋରରେ ହଙ୍ଗାମା ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସ୍ତାବକୁ ନେଇ ଭାଷଣ ଦେଉଥିବା ବେଳେ ବିପକ୍ଷ ଦଳର ବିଧାୟକମାନେ ସ୍ଲୋଗାନ ଦେବା ସହ ପାଟିତୁଣ୍ଡ କରିଥିଲେ। ସେପ୍ଟେମ୍ବର ୨ରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରିବା ନେଇ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ତୃଣମୂଳ କଂଗ୍ରେସ ବିଧାୟକ ଏହାକୁ ରୋକିବାକୁ ପ୍ରୟାସ କରିଥିଲେ। ବିଶୃଙ୍ଖଳା ଅଧିକ ହେବାରୁ ବାଚସ୍ପତି ବିମାନ ବାନାର୍ଜୀ ବିଜେପି ଚିଫ୍ ହ୍ୟୁପ୍ ଶଙ୍କର ଘୋଷଙ୍କୁ ବିଧାନସଭାରୁ ସସ୍ପେଣ୍ଡ କରିଥିଲେ। ଶଙ୍କର ବାହାରକୁ ଯିବାକୁ ମନା କରିବାରୁ ମାର୍ଶାଲଙ୍କୁ ଡକାଯାଇଥିଲା। ଶଙ୍କରଙ୍କୁ ଘୋଷାଡି ମାର୍ଶାଲ ଗୃହ ବାହାରକୁ ନେଇଥିଲେ। ଏତିକି ବେଳେ ଶଙ୍କର ବେହୋସ ହୋଇଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଶଙ୍କରଙ୍କୁ ବାଦ୍ ଦେଲେ ବିଜେପିର ଅନ୍ୟ ୪ଜଣ ବିଧାୟକ ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ବଙ୍କିମ ଘୋଷ ଓ ଅଶୋକ ଡିଣ୍ଡାଙ୍କୁ ମଧ୍ୟ ଗୃହରୁ ନିଲମ୍ବିତ କରାଯାଇଥିଲା। ଭାଷଣ ଦେବା ଅବସରରେ ମମତା 'ମୋଦୀ ଭୋଟ ଚୋର' ସ୍ଲୋଗାନ ଦେଇଥିଲେ। ସେ ବିଜେପି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ବଙ୍ଗଳା ବିରୋଧୀ ବୋଲି ଅବିହିତ କରିଥିଲେ। ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଗତ ପହିଲାରୁ ଆରମ୍ଭ ହୋଇଥିଲା। ୩ ତାରିଖ ଦିନ ଛୁଟି ଥିବାରୁ ଗୁରୁବାର ଅଧିବେଶନର ଅନ୍ତିମ ଦିବସ ଥିଲା। ଚଳିତ ସପ୍ତାହ ପ୍ରାରମ୍ଭରେ ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରେ ବିଧାନସଭା ନିର୍ବାଚନ ହେବ।

## ଭାରତରେ ଶିଶୁ ମୃତ୍ୟୁହାର ୧୯୭୧ ପରେ ୮୦ ପ୍ରତିଶତ ହ୍ରାସ ପାଇଛି

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭାରତରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର)ରେ ଆଖି ଦୃଶିଆ ହ୍ରାସ ହୋଇଛି। ଏବେ ଏହା ୨୫ ପ୍ରତିଶତରେ ପହଞ୍ଚିଛି। ୨୦୧୩ରେ ଏହା ୪୦ ପ୍ରତିଶତ ଥିଲା। ଅର୍ଥାତ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ୩୭.୫ ପ୍ରତିଶତ ଅବନତି ହୋଇଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ) ୨୦୨୩ ବର୍ଷ ପାଇଁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସ୍‌ଆରଏସ୍) ରିପୋର୍ଟରେ ଏ ନେଇ ଉଲ୍ଲେଖ କରିଛି। ଗୋଟିଏ ବର୍ଷରେ ପ୍ରତି ୧୦୦୦ ପିଲା ଜନ୍ମ ନେବା ପରେ କେତେ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି ସେ ନେଇ ଆଇଏମ୍‌ଆର ବୈଧ ତଥା ନିର୍ଭରଯୋଗ୍ୟ ସୂଚନା ଦେଇଥାଏ। ଏହି ସଂଖ୍ୟାରେ ଯେତେ ଅବନତୀ ହେବ ଦେଶର ସ୍ୱାସ୍ଥ୍ୟାବସ୍ଥା ସେତେ ଉନ୍ନତ ବୋଲି ଧରିନେବାକୁ ହେବ।

ଏସ୍‌ଆରଏସ୍ ୨୦୨୩ ରିପୋର୍ଟ ଅନୁସାରେ ୧୯୭୧ ତୁଳନାରେ ଶିଶୁ ମୃତ୍ୟୁହାରରେ ୮୦ ପ୍ରତିଶତ ଅବନତି ହୋଇଛି। ୧୯୭୧ରେ ଏହା ୧୨୯ ଥିବା ବେଳେ ୨୦୨୩ରେ ଏହା ୩୭ରେ ପହଞ୍ଚିଛି। ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଏହା ସର୍ବନିମ୍ନ ୩ ରହିଛି। ଏହିକ୍ରମରେ କେରଳ ଦ୍ୱିତୀୟ ସ୍ଥାନରେ ରହିଛି। କେରଳରେ ଶିଶୁ ମୃତ୍ୟୁହାର ୫ ରହିଛି। ଦେଶର ଗ୍ରାମାଞ୍ଚଳରେ ଆଇଏମ୍‌ଆର ୪୪ରୁ ୨୮କୁ ଓ ସହରାଞ୍ଚଳରେ ଏହା ୨୭ରୁ ୧୮କୁ କମିଛି। ଗତ ୧୦ ବର୍ଷ ମଧ୍ୟ ଆଇଏମ୍‌ଆରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ରହିଛି।

ଦେଶରେ ଜନ୍ମହାର ସମେତ ମୃତ୍ୟୁହାର ଉଭୟରେ ଯଥେଷ୍ଟ ଅବନତି ହୋଇଛି। ୧୯୭୧ରେ ଜନ୍ମହାର ୩୬.୯ ରେ ଥିବା ବେଳେ ଏହା ୨୦୧୩ରେ ଏହା ୧୮.୪ରେ ପହଞ୍ଚିଛି। ଗତ ୧୦ ବର୍ଷରେ ଜନ୍ମହାର ୧୪ ପ୍ରତିଶତ କମିଛି। ୨୦୧୩ରେ ଏହା ୨୧.୪ ଥିବାବେଳେ ୨୦୨୩ରେ ଏହା ୧୮.୪ ରହିଛି। ବିହାରରେ ସର୍ବାଧିକ ଜନ୍ମହାର ୨୫.୮ ରହିଥିବା ବେଳେ ଆଣ୍ଡାମାନ ନିକୋବରରେ ଏହା ୧୦.୧ ରହିଛି। ସେହିପରି ଗତ ୫ ଦଶକରେ ମୃତ୍ୟୁ ହାରରେ ମଧ୍ୟ ଯଥେଷ୍ଟ ଅବନତୀ ହୋଇଛି। ୧୯୭୧ ମୃତ୍ୟୁହାର ୧୪.୯ ଥିବା ବେଳେ ୨୦୨୩ରେ ୬.୪ରେ ପହଞ୍ଚିଛି। ଚଣ୍ଡିଗଡ଼ରେ ମୃତ୍ୟୁହାର ସର୍ବନିମ୍ନ ୪ ଥିବା ବେଳେ ଛତିଶଗଡ଼ରେ ଏହା ସର୍ବାଧିକ ୮.୩ରେ ପହଞ୍ଚିଛି।

# ଅଭୟାରଣ୍ୟରୁ ୪ ଶିକାରୀ ଗିରଫ

## ୩ ଦେଶୀବନ୍ଧୁକ ଓ ଧନୁତୀର ଜବତ



କପ୍ତିପଦା, ୪।୯ (ସମିସ): ଶିମିଳିପାଳରୁ ପୁଣି ଧରାହେଲେ ୪ ଶିକାରୀ। ସେମାନେ ହେଲେ, ଡଙ୍ଗାଡାହୀ ଗ୍ରାମର ରନ୍ଧା ଆଳଦା, ମଦନ ବରୀ, ସାନବାଇକ ବାନାରା ଓ ବଜୟ ସିଙ୍କୁ। ସେମାନଙ୍କ ନିକଟରୁ ବନ ବିଭାଗ ୩ଟି ଦେଶୀ ବନ୍ଧୁକ ଓ ଧନୁତୀର ଜବତ କରିଛି। ସେମାନେ ଶିକାର ଉଦ୍ଦେଶ୍ୟରେ କୋର୍ ଅଞ୍ଚଳକୁ ଯାଇଥିବା ବେଳେ ଏ.ଆଇ କ୍ୟାମେରାରେ ସେମାନଙ୍କ ଫଟୋ କଏଦ୍ ହୋଇଥିଲା। ତାହାକୁ ଆଧାର କରି ବନ ବିଭାଗ ଭଞ୍ଜବସା ଡଙ୍ଗାଡିହା ଅଞ୍ଚଳରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଏମାନେ ଅଭୟାରଣ୍ୟରେ ବିଭିନ୍ନ ସମୟରେ କୁଟୁରା, ଗୁରାଣ୍ଡି, ବାରହା ଶିକାର କରନ୍ତି ବୋଲି ବନ ବିଭାଗ ଆଗରେ ସ୍ୱୀକାର କରିଛନ୍ତି।

**ଫୁଲୁଛି ହୀରାକୁଦ**

# ୧୬ ଗେଟ୍ ଦେଇ ଜଳନିଷ୍କାସନ

ସମ୍ବଲପୁର,୪।୯ (ସମିସ): ଉପରମୁଣ୍ଡରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ହୀରାକୁଦର ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ନଦୀବନ୍ଧର ବାମ ପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି ଗେଟ୍ ଖୋଲା ରହିଛି। ଆବଶ୍ୟକ ପଡ଼ିଲେ, ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯିବ। କିନ୍ତୁ, ଏଥିଯୋଗୁଁ ତଳମୁଣ୍ଡରେ ବନ୍ୟାର କୌଣସି ଆଶଙ୍କା ନାହିଁ ବୋଲି କହିଛନ୍ତି ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ ବେହେରା। ରୁଲ୍‌କର୍ଭ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ସର୍ବନିମ୍ନ ଜଳସ୍ତର ୬୧୯ ଫୁଟ୍ ଓ ସର୍ବାଧିକ ୬୨୭ ଫୁଟ୍ ରହିବା କଥା। ସେହି ଅନୁଯାୟୀ ସେପ୍ଟେମ୍ବର ୧୧ ତାରିଖରେ ପ୍ରାୟ ୬୨୯ ଫୁଟ୍ ଏବଂ ସେପ୍ଟେମ୍ବର ୨୧ ତାରିଖରେ ପ୍ରାୟ ୬୩୦ ଫୁଟ୍ ରହିବା କଥା। ପରେ ଜଳସ୍ତରକୁ ବଜାୟ ରଖିବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ଅପରପକ୍ଷେ, ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬.୩୩ ଫୁଟ୍ ରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୯୪,୯୬୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୬୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୦୮ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୧୦୪ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବେଲଗାଁଠାରେ ୧୪,୪୦୦ ଘନଫୁଟ୍ ଜଳ

### ତଳେ ବନ୍ୟା ଆଶଙ୍କା ନାହିଁ: ମୁଖ୍ୟଯନ୍ତ୍ରୀ

ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୯,୧୬୧ ଘନଫୁଟ୍, ଖଇରମାଲଠାରେ ୨,୨୩,୫୦୦ ଘନଫୁଟ୍, ବାରମୁଲଠାରେ ୧,୬୪,୦୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୭୩,୯୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୦.୧୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୨୦.୧୯ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୮୧ ଫୁଟ୍ ରହିଥିଲା।

## ମୟୂରଭଞ୍ଜର ସବୁ ନଦୀରେ ବନ୍ୟାଜଳ ବୃଦ୍ଧି

# କୂଳ ଲଙ୍ଘିଲା ବୁଢ଼ାବଳଙ୍ଗ, ଗଙ୍ଗାହାର

ବାରିପଦା,୪।୯ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ନଦୀରେ ବନ୍ୟାଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଦେଓ, ଜମ୍ବୀରା ଓ ଗଙ୍ଗାହାର ନଦୀରେ ବନ୍ୟାଜଳ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ବୁଢ଼ାବଳଙ୍ଗ ଓ ଗଙ୍ଗାହାରର ତଳମୁଣ୍ଡ ବଡ଼ସାହି, ବେତନଟୀ ଓ ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରେ ବନ୍ୟାଜଳ କୂଳ ଲଙ୍ଘିଥିବା ସୂଚନା ମିଳିଛି। ସେହିପରି ଝାଡ଼ଖଣ୍ଡର ଗାଲୁଡିହୀ ଡ୍ୟାମ୍‌ର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖାରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିଛି।

ସୂଚନାଯୋଗ୍ୟ, ଦୁଇଦିନଧରିଲାଗିରହିଥିବାବର୍ଷା ଯୋଗୁଁଶିମିଳିପାଳ ଜାତୀୟଅଭୟାରଣ୍ୟରୁ ବାହାରିଥିବା ନଦୀଗୁଡ଼ିକର ଜଳସ୍ତର ବଢ଼ିବାରେ ଚାଲିଛି। ଶିମିଳିପାଳ ବର୍ଷା ଉପରେ ନଜର ରଖାଯାଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଉଛି।



ବନବିଭାଗ ପକ୍ଷରୁ ହସ୍ତଗତ ରିପୋର୍ଟ ଅନୁଯାୟୀ, ଗତ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳର ସାତକୋଶିଆ ରେଞ୍ଜରେ ସର୍ବାଧିକ ୮୭.୮୮ମିମି ଓ ଠାକୁରମୁଣ୍ଡା ଅଞ୍ଚଳରେ ସର୍ବନିମ୍ନ ୧୫.୨୪ମିମି ବର୍ଷା ରେକର୍ଡ କରାଯାଇଛି। ଅପରପକ୍ଷରେ ମୟୂରଭଞ୍ଜ ଜିଲ୍ଲାରେ ହାରାହାରି ୩୨.୮୫ମିମି ବର୍ଷା ହୋଇଛି। ବେତନଟୀ ବ୍ଲକରେ ସର୍ବାଧିକ ୮୬ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ତିରିଂରେ ସର୍ବନିମ୍ନ ୧.୮ ମି.ମି ବର୍ଷା ହୋଇଛି।

ସେହିପରି ଲଗାଣ ବର୍ଷା ଯୋଗୁଁ ବାରିପଦା ସହର ମଧ୍ୟ ଦେଇ ପ୍ରବାହିତ ଜରାଳୀ, ସରାଳୀ ଓ ଶୁକଯୋଡା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଏନେଇ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ କହନ୍ତି ଯେ ଆସନ୍ତା ଦୁଇଦିନ ଯାଏ ୟୋଲୋ ୱାର୍ଣ୍ଣିଂ ରହିଥିବାରୁ ପ୍ରଶାସନ ସଜାଗ ରହିଛି। ବେତନଟୀ ଓ ରାସଗୋବିନ୍ଦପୁର ଅଞ୍ଚଳରେ ଦୁଇଟି ଓଡ୍ରାଫ ଟିମ୍ ନିୟୋଜିତ କରାଯାଇଛି। ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲି ବେତନଟୀ ଓ ବଡସାହି ଅଞ୍ଚଳ ଗସ୍ତ କରି ସମୀକ୍ଷା କରିଛନ୍ତି।

# +୨ନାମଲେଖା ପାଇଁ ଚୟନ ହେଲେ ୩୯,୨୭୮ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୪।୯ (ସମିସ): +୨ ଦ୍ୱିତୀୟପର୍ଯ୍ୟାୟନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୪,୯୬୬ ପିଲା ଆବେଦନ କରିଥିବାବେଳେ ୩୯,୨୭୮ ଜଣ ଚୟନ ହୋଇଛନ୍ତି। କଳାରେ ନାମଲେଖା ପାଇଁ ସର୍ବାଧିକ ୨୨,୩୩୭ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୦୨୯୪, ବାଣିଜ୍ୟରେ ୨୭୮୯, ସଂସ୍କୃତରେ୨୭୭୦ ଓ ଧନ୍ଦାମୂଳକ ଶିକ୍ଷାରେ ୧୦୮୮ ଜଣ ମନୋନୀତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ନ ଥିବା ୨୦,୮୩୨ ଜଣ ଚଳିତ ପର୍ଯ୍ୟାୟର ଆବେଦନ କରିଛନ୍ତି। ତହିଁରୁ ୧୯,୬୩୬ ଜଣ ପିଲା ମେଧା ତାଲିକାରେ ସ୍ଥାନ ପାଇଛନ୍ତି। ଚୟନ ହୋଇଥିବା ପିଲାମାନେ ଆସନ୍ତା ୬ରୁ ୧୦ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ପ୍ରଥମ ରାଉଣ୍ଡ ପରେ ସିଧାସଳଖ ସ୍ପଟ୍ ନାମଲେଖା ହେବ। ଏଥିପାଇଁ ୧୨ ଓ ୧୩ ତାରିଖରେ ଆଶାୟୀମାନେ ଚଏସ ଲକିଂ କରିପାରିବେ। ୧୭ ତାରିଖରେ ସ୍ପଟ୍‌ମେଧାତାଲିକାପ୍ରକାଶପାଇବାସହ୧୮ ଓ୧୯ ତାରିଖରେ ନାମଲେଖା ହେବ। ସୂଚନାଯୋଗ୍ୟ, +୨ରେ ସମୁଦାୟ ୫ଲକ୍ଷ ୭୨ହଜାର ୭୧୫ଟି ସିଟ୍ ଥିବାବେଳେ ପ୍ରଥମ ପର୍ଯ୍ୟାୟ ଶେଷ ସୁଦ୍ଧା ୩ଲକ୍ଷ ୭୧ ହଜାର ୨୦୭ ଜଣ ନାମଲେଖାଇଛନ୍ତି।

# କୋମାରେ ଅଭିଜିତ ମଜୁମଦାର

ଭୁବନେଶ୍ୱର, ୪।୯ (ସମିସ): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ସ୍ୱନାମଦନ୍ୟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଯକୃତ (ଲିଭର) ଜନିତ ରୋଗରେ ପୀଡ଼ିତ ହୋଇ ଅଭିଜିତ ଗତ ସପ୍ତାହରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଭର୍ତ୍ତି ହେବା ପୂର୍ବରୁ ସେ କୋମାରେ ଥିବା ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନ୍‌ରେ ସୋଡିୟମ କମିଥିବା ଏବଂ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା। ଟ୍ରମାକେୟାରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏବେ ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଉଛି। ବର୍ତ୍ତମାନ ତାଙ୍କର ରକ୍ତଚାପ ଓ ସ୍ପନ୍ଦନ ସ୍ଥିର ଥିବା



ଜେନେରାଲ ମେଡିସିନ୍ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ସେହିପରି ଅଭିଜିତ ମଜୁମଦାରଙ୍କ ସାଥିରେ ଆସିଥିବା ଡାକ୍ତର ଅମୃତ ପାଟଯୋଶୀ କହିଛନ୍ତି ଯେ ଅଭିଜିତ ଗୁରୁତର ଥିବାରୁ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତାଙ୍କର ବ୍ରେନ୍ ଏବଂ ଲିଭର୍‌ରେ ସମସ୍ୟା ସାଙ୍ଗକୁ ଅଗ୍ନାଶୟ(ପାନ୍‌କ୍ରିଆଜ୍)ରେ ସମସ୍ୟା ଦେଖାଦେଇଛି। ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ଅଭିନେତା

### ସ୍ୱାସ୍ଥ୍ୟବସ୍ଥା ସ୍ଥିର

ବାବୁଶାନ, ଶ୍ରୀତମ୍ ଦାସଙ୍କ ସମେତ ବହୁ ସିନେ କଳାକାର ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ସମ୍ପତ୍ତି ବିଭାଜନ କ୍ଷେତ୍ରରେ ପିତାମାତା ନିର୍ଣ୍ଣୟ ପାଇଁ ଡିଏନ୍‌ଏ ପରୀକ୍ଷା ବାଧ୍ୟତାମୂଳକ ନୁହେଁ: ହାଇକୋର୍ଟ

କଟକ, ୪।୯ (ସମିସ): ପିତାମାତା ନିର୍ଣ୍ଣୟ ପାଇଁ ସମ୍ପତ୍ତି ବିଭାଜନ କ୍ଷେତ୍ରରେ ଡିଏନ୍‌ଏ ପରୀକ୍ଷା କରିବାକୁ ବାଧ କରିବା ଗୋପନୀୟତା ଅଧିକାରର ଉଲ୍ଲଂଘନ। ସମ୍ବିଧାନର ଧାରା-୨୧ ଅନୁଯାୟୀ ସୁନିଶ୍ଚିତ ଗୋପନୀୟତାର ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ଓଡ଼ିଶା ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଏପରି ଅନୁରୋଧର ଆଇନଗତ ଅସମ୍ଭବତା ଉପରେ ଆଲୋକପାତ କରି ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ ଏପରି ରାୟ ପ୍ରକାଶ କରିଛନ୍ତି। କୁଚିଣ୍ଡା ସିଭିଲ ଜଜ୍ ଜୁନିଅର ଡିଭିଜନ୍‌ଙ୍କ ଗତ ୨୦୨୪ ଡିସେମ୍ବର ୨ର ଆଦେଶକୁ ଚାଲେଞ୍ଜ କରି ରୁଜୁ ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ସହ ନିମ୍ନ ଅଦାଲତଙ୍କ ଆଦେଶ କାଏମ ରଖିଛନ୍ତି।ଶିଶୁର ପିତାମାତା ପ୍ରମାଣ କରିବା ପାଇଁ ଜଣେ ମା' ହେଉଛନ୍ତି ସର୍ବୋତ୍ତମ ସାକ୍ଷୀ। ଏପରି ସ୍ଥିତିରେ, ମା'ଙ୍କ ସ୍ୱୀକାରୋକ୍ତି ପରେ ପିଲାର ଡିଏନ୍‌ଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ତାଙ୍କ ମାତୃତ୍ୱର ଅପମାନ ବୋଲି ଅଦାଲତ କହିଛନ୍ତି। ଏଭଳି ମାମଲାରେ ପ୍ରତିପକ୍ଷଙ୍କ ପିତାମାତା ନିର୍ଣ୍ଣୟ କରିବା ନିମନ୍ତେ ଡିଏନଏ ପରୀକ୍ଷା ପାଇଁ ଅଦାଲତରେ ପ୍ରାର୍ଥନା କରିବା ଉଚିତ ନୁହେଁ। ଜଣେ ବ୍ୟକ୍ତିଙ୍କୁ ଡିଏନଏ ପରୀକ୍ଷା କରାଇବାକୁ ବାଧ କରିବା ତାଙ୍କ ଗୋପନୀୟତାର ଅଧିକାରକୁ ପ୍ରଭାବିତ କରିଥାଏ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ୧ନମ୍ବର ପ୍ରତିପକ୍ଷ ନିମ୍ନ ଅଦାଲତରେ ପାର୍ଟିସନ ସୁଟ ମାମଲା ଦାୟର କରିଥିଲେ। ଆବେଦନକାରୀ ତାଙ୍କର ଲିଖିତ ବୟାନ ଦାଖଲ କରିଥିଲେ ଯେ ୩ ନମ୍ବର ପ୍ରତିପକ୍ଷ ନମ୍ବର ଜନୈକ ମୃତ ଅଂଶୀଦାରଙ୍କ ପୁଅ ନୁହେଁ। ତେଣୁ ସେ ସମ୍ପତ୍ତିରେ କୌଣସି ଅଂଶ ପାଇବାକୁ ହକଦାର ନୁହଁନ୍ତି। ଏଣୁ ଆବେଦନକାରୀ କୁଚିଣ୍ଡା ସିଭିଲ୍ ଜଜ୍ (ବରିଷ୍ଠ)ଙ୍କ ଅଦାଲତରେ ପିତାମାତାଙ୍କୁ ନିର୍ଣ୍ଣୟ କରିବା ପାଇଁ ୩ ନମ୍ବର ପ୍ରତିପକ୍ଷଙ୍କ ଡିଏନଏ ପରୀକ୍ଷା ପାଇଁ ପ୍ରାର୍ଥନା କରିଥିଲେ। କିନ୍ତୁ ନିମ୍ନ ଅଦାଲତ ଏପରି ଆବେଦନକୁ ଗ୍ରହଣ ନକରି ଏହାକୁ ଖାରଜ କରିଦେଇଥିଲେ। ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍**

# ଶ୍ରେଷ୍ଠ ୧୦୦ରେ ଓଡ଼ିଶାରୁ ୫ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୪।୯ (ସମିସ): ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ଆଜି ଦେଶର ଶ୍ରେଷ୍ଠ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ସାମଗ୍ରିକ ବର୍ଗରେ ଚଳିତ ବର୍ଷ ପୁଣିଥରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ବିବେଚିତ ହୋଇଛି। ସେହିପରି ୨୦୨୪ ପରି ଆଇଆଇଏସ୍‌ସି ବେଙ୍ଗାଲୁରୁ ଦ୍ୱିତୀୟ ଏବଂ ଆଇଆଇଟି ବମ୍ବେ ତୃତୀୟ ସ୍ଥାନରେ ରହିଛି। ଶ୍ରେଷ୍ଠ ୧୦୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଗତବର୍ଷ ଓଡ଼ିଶାରୁ ୩ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଚଳିତବର୍ଷ ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସୋଆ ବିଶ୍ୱବିଦ୍ୟାଳୟ ୨୫ତମ ସ୍ଥାନରେ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୨୭, ଏନ୍‌ଆଇଟି ରାଉରକେଲା ୩୪ତମ ସ୍ଥାନରେ ଅଛନ୍ତି। ପ୍ରଥମ ଥର ପାଇଁ ଆଇଆଇଟି ଭୁବନେଶ୍ୱର ୮୦ତମ ଏବଂ ଏମ୍‌ସ ଭୁବନେଶ୍ୱର ୧୦୦ ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଶହେ ମଧ୍ୟରେ ପ୍ରବେଶ କରିଛନ୍ତି।

ଅନୁରୂପ ଭାବେ ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଜେଏନୟୁ ଦ୍ୱିତୀୟ, କର୍ଣ୍ଣାଟକର ମଣିପାଲ୍ ଏକାଦେମୀ ଅଫ୍ ହାଇଅର୍ ଏଜୁକେସନ୍ ତୃତୀୟ ସ୍ଥାନରେ ରହିଛି। ଗୋଟିଏ ସ୍ଥାନ ତଳକୁ ଖସି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ୪ର୍ଥରେ ପହଞ୍ଚିଛି। ଓଡ଼ିଶାରୁ ସୋଆ ଓ କିଟ୍ ଯଥାକ୍ରମେ ୧୫ ଓ ୧୭ ତମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସରକାରୀ ବିଶ୍ୱବିଦ୍ୟାଳୟର ର୍‌ୟାଙ୍କିଂ ମଧ୍ୟ

### ■ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ
### ■ ଖସିଲା ଉତ୍କଳ ଓ ଓୟୁଏଟିର ମାନ୍ୟତା
### ■ ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ଶୂନ୍

ପ୍ରକାଶ ପାଇଛି। ଏହି ତାଲିକାରେ କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବାବେଳେ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶାରୁ ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ତାଲିକାରେ ସ୍ଥାନ ପାଇଛି। ହେଲେ ମାନ୍ୟତାରେ ୬ଟି ସ୍ଥାନ ତଳକୁ ଖସିବା ସହ ୪୨ତମ ସ୍ଥାନରୁ ୪୮ରେ ପହଞ୍ଚିଛି। ଗବେଷଣା କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲା ପୂବପରି ୩୦ତମ ସ୍ଥାନରେ ଥିବାବେଳେ କିଟ୍ ୪୩ ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇ ନାହାନ୍ତି।

ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ମାଡ୍ରାସ୍, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଏନ୍‌ଆଇଟି ରାଉରକେଲା ୧୩ତମ ସ୍ଥାନରେ ଥିବାବେଳେ ସୋଆ ୨୨, କିଟ୍ ୩୬, ଆଇଆଇଟି ଭୁବନେଶ୍ୱର ୩୯ ଏବଂ ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ୯୫ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଜ୍ୟରୁ ଆଇଆଇଏମ୍ ସମ୍ବଲପୁର ୩୪ତମ ସ୍ଥାନ ସହ ଶିର୍ଷରେ ଥିବାବେଳେ ଜାଭିଆର ବିଶ୍ୱବିଦ୍ୟାଳୟ ୪୫, ସୋଆ ୬୬, କିଟ୍ ୬୮ ଓ ଭୁବନେଶ୍ୱରସ୍ଥିତ ଆଇଏମ୍‌ଆଇ ୮୪ତମ ସ୍ଥାନରେ ରହିଛି। ଫାର୍ମାସୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାରୁ କୌଣସି ଶିକ୍ଷାନୁଷ୍ଠାନ ନ ଥିବାବେଳେ ମେଡିକାଲ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମସ୍ ଭୁବନେଶ୍ୱର ୧୪ତମ ସ୍ଥାନରେ ଥିବାବେଳେ ସୋଆ ୧୫ ଓ କିଟ୍ ୨୪ତମ ସ୍ଥାନ ଅଧିକାର କରିଛି। ଆର୍କିଟେକ୍‌ଚର ଆଣ୍ଡ ପ୍ଲାନିଂରେ ଏନ୍‌ଆଇଟି ରାଉରକେଲା ନବମରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆଇନ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ୧୦, କିଟ୍ ୧୪ ଓ କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ୧୫ ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଶହେ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ଏକମାତ୍ର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ମାନ୍ୟତାରେ ଅବନତି ଘଟିଛି। ୨୦୨୪ରେ ନବମ ସ୍ଥାନ ଅଧିକାର କରିଥିବାବେଳେ ଚଳିତବର୍ଷ ୧୯ତମ ସ୍ଥାନରେ ପହଞ୍ଚିଛି।

ଏହି ରାଙ୍କିଙ୍ଗ ପ୍ରକ୍ରିୟା ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲଆର), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକ ଫଳାଫଳ (ଜିଓ), ଆଉଟ୍‌ରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର) ପରି ପାଞ୍ଚଟି ମାନଦଣ୍ଡରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ସହ ତାଲିକାଭୁକ୍ତ କରାଯାଇଛି। ସମ୍ପୂର୍ଣ୍ଣ ତାଲିକା nirfindia.org ୱେବସାଇଟ୍‌ରେ ଉପଲବ୍ଧ ରହିଛି। ରାଙ୍କିଙ୍ଗ୍‌ର ଏହି ଦଶମ ସଂସ୍କରଣକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଛନ୍ତି।

# କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହେଉ: ବିଜେଡି

ଭୁବନେଶ୍ୱର,୪।୯ (ସମିସ): ବୁଧବାର କେନ୍ଦ୍ର ସରକାର ପ୍ରଚଳିତ ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିଛନ୍ତି। ମାତ୍ର କ୍ରମାଗତ ଦାବି ସତ୍ତ୍ୱେ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଜିନିଷ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହୋଇ ନ ଥିବାରୁ ବିଜୁ ଜନତା ଦଳ କ୍ଷୋଭ ପ୍ରକାଶ କରିଛି। ଏହାଛଡ଼ା ନୂତନ ଜିଏସ୍‌ଟି ସ୍ଲାବ୍ କାରଣରୁ ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ୍ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡ଼ିବ, ସେନେଇ ଆଲୋଚନା କରିଥିଲେ। ଶ୍ରୀ



■ ଏବେବି କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ରହିଛି
■ ନୂଆ ସ୍ଲାବ୍‌ରେ ୧୦୦୦ କୋଟିର ରାଜସ୍ୱ କ୍ଷତିକୁ କେନ୍ଦ୍ର ସରକାର ଭରଣା କରନ୍ତୁ

ମିଶ୍ର କହିଥିଲେ ଯେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜେଡି ଦାବି କରିଆସୁଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ଚିଠି ଲେଖିଥିଲେ। ଜିଏସ୍‌ଟିର ନୂତନ ସ୍ଲାବ୍ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ଖସାଇ ଦିଆଯାଇଛି। କିନ୍ତୁ ଏହା କମିଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କୁ ବିଶେଷ ଫାଇଦା ମିଳିବ ନାହିଁ। କେନ୍ଦୁପତ୍ର ତୋଳାଳୀମାନେ କୌଣସି ସୁବିଧା ପାଇବେ ନାହିଁ।

ସେହିପରି ନିରଞ୍ଜନ ପୂଜାରୀ କହିଛନ୍ତି ଯେ କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ମଧ୍ୟ ବୁଣାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପକ୍ଷରୁ ଦାବି ହୋଇ ଆସୁଥିଲା। ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ୍ ଓ ହ୍ୟାଣ୍ଡଲୁମ୍ ରହିଛି। ପାୱାରଲୁମ୍‌ରେ ଶିଳ୍ପପତିମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମ୍‌ରେ ଗରିବ ବୁଣାକାରମାନେ ରହିଛନ୍ତି। ସେମାନେ ବିଭିନ୍ନ ସୂତାଶାଢ଼ୀ, ପାଟଶାଢ଼ୀ ଇତ୍ୟାଦି ତିଆରି କରିଥା'ନ୍ତି। ଏହି ଗରିବ ଶ୍ରେଣୀର ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସ୍‌ସଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା; କିନ୍ତୁ ସେମାନଙ୍କ ପାଇଁ ମଧ୍ୟ ୫ ପ୍ରତିଶତ ଜିଏସଟି ରହିଛି। ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପୁଣିଥରେ ଦାବି କରିଛି।

**ପଦାରେ ପଡ଼ିଲା ସୁରକ୍ଷା ବ୍ୟବସ୍ଥା**

# ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ, ୪।୯ (ସମିସ): ପୁଣି ପଦାରେ ପଡ଼ିଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ହେଁ ବିଭିନ୍ନ ସମୟରେ ମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହି ଭାଇରାଲ ଫଟୋ କିମ୍ବା ଭିଡ଼ିଓ ଯଦି ମନ୍ଦିର ପ୍ରଶାସନ ନଜରକୁ ଆସୁଛି, ଥାନାରେ ଏତଲା ଦିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏନେଇ କି' ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତା' ଉପରେ କାହାର ନିଘା ରହୁନି। ନା ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ କେହି ଏ ଦିଗରେ ତତ୍ପରତା ଦେଖାଉନାହାନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ବଡ଼ଦେଉଳ ଭିତର ଫଟୋ ଏବଂ ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଏବେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ମହାରାଷ୍ଟ୍ରର ବୈଭବ ଦୁରେ ପାଟିଲ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ମନ୍ଦିର ପରିସରରେ ଥିବା ଛାତ ଉପରେ ଠିଆ ହୋଇ ଫଟୋ ଉଠାଇଥିବା ଜଣାପଡୁଛି। ଏହି ଫଟୋରେ ମୁଖ୍ୟ ମନ୍ଦିର, ଜଗମୋହନ, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି।

ଭାଇରାଲର ସବୁଠୁ ବଡ଼ ମାଧ୍ୟମ ପାଲଟିଛି ମୋବାଇଲ ଫୋନ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ସୁରକ୍ଷା କର୍ମୀମାନେ ଜଣଜଣ କରି ଶ୍ରଦ୍ଧାଳୁଙ୍କୁ ଯାଞ୍ଚ ବି କରୁଛନ୍ତି। ଏହାପରେ ବି ମନ୍ଦିର ଭିତରକୁ ମୋବାଇଲ ଯାଉଛି କିପରି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିରକୁ ମୋବାଇଲ ନେବା ନିଷିଦ୍ଧ ସମ୍ପର୍କରେ ଭକ୍ତମାନେ ସଚେତନ ଅଛନ୍ତି ନା ସୁରକ୍ଷା ବ୍ୟବସ୍ଥା ଢିଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମତେ ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଳମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

୨୦୧୯ ରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ମନ୍ଦିର ଭିତରେ କାହାଠାରୁ ମୋବାଇଲ ଫୋନ ଜବତ ହେଲେ, ତେବେ ତାହାକୁ ବାଜ୍ୟାପ୍ତି ନଚେତ୍ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଧରପଗଡ଼ କମିଯିବାରୁ ମଝିରେ ମଝିରେ ଫଟୋ ଭାଇରାଲ ହେଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ହେଲେ ଭକ୍ତମାନେ ନେଉଛନ୍ତି କିପରି? ଶ୍ରଦ୍ଧାଳୁଙ୍କ ଏ ବିଷୟରେ ଠିକ୍ ଭାବେ ସଚେତନ କରାଯାଉଛି ନା ନାହିଁ? ଯଦି କରାଯାଉଛି, ତେବେ ମୋବାଇଲ ଭିତରକୁ ନେଉଛନ୍ତି କିପରି? ପ୍ରବେଶପଥରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରୁଛନ୍ତି କିଭଳି? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

## କାଗଜ କଲମରେ ସୀମିତ ଆଦର୍ଶ ଗାଁର ମାନ୍ୟତା

# ଦୟନୀୟ ଜୀବନ ବିତାଉଛନ୍ତି ପଞ୍ଚରୁଖି ଗ୍ରାମବାସୀ

ବାଲିଆପାଳ, ୪।୯ (ସମିସ)

ଆଦର୍ଶ ଗାଁର ମାନ୍ୟତା ପାଇ ମଧ୍ୟ ବିକାଶଠାରୁ ବହୁ ଦୂରରେ ପଞ୍ଚରୁଖି ଗ୍ରାମବାସୀ। ନିର୍ବାଚିତ ଜନ ପ୍ରତିନିଧିଙ୍କ ବାଦ ବିବାଦ ପାଇଁ ହୋଇ ପାରୁନି ବିକାଶ ମୂଳକ କାମ। ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମ ପଞ୍ଚାୟତ ପଞ୍ଚରୁଖି ଗ୍ରାମରେ। ଉକ୍ତ ଗ୍ରାମକୁ ୨୦୨୩ ମସିହାରେ ଆଦର୍ଶ ଗ୍ରାମର ମାନ୍ୟତା ମିଳିଥିଲା। ମାତ୍ର ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଟଣା ଓଟରା ଯୋଗୁଁ ହୋଇ ପାରୁନି କାମ। ଯାହା ପାଇଁ ଦୟନୀୟ ଅବସ୍ଥାରେ ଜୀବନ ଜାଉଁଛନ୍ତି ଗାଁର ୪ ହଜାରରୁ ଅଧିକ ଲୋକ। ଗାଁର ୩ ୱାର୍ଡରେ ୫ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଗାଁକୁ ୩ବର୍ଷ ତଳେ ଆଦର୍ଶ ଗାଁର ମାନ୍ୟତା ମିଳିଛି, ହେଲେ ବର୍ତ୍ତମାନ ରାସ୍ତାର ଅବସ୍ଥା ଯାହା ନ କହିବା ଭଲ। ସାମାନ୍ୟ ବର୍ଷା ହେଲେ



ରାସ୍ତା ଉପରେ ଆଣ୍ଠୁଏ ଉପରେ ପାଣି ଓ କାଦୁଅ ଜମି ରହେ। ରାସ୍ତା ପାର୍ଶ୍ୱରେ ଡ୍ରେନ ନ ଥିବାରୁ ପାଣି ନିଷ୍କାସନ ହୋଇ ପାରୁନି। ଏବେ ବି ୭୦ ପ୍ରତିଶତ କଚ୍ଚା ଘର ରହିଛି। ସରକାରୀ ଆବାସ ଗୃହ ଏ ଗାଁ ପାଇଁ ସାତ ସପନ ପାଲଟିଛି। ଗାଁରେ ତିନିଟି ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ତାହାର ଅଙ୍ଗନବାଡ଼ି ଘର ନାହିଁ। ସ୍କୁଲ, ଗୁହାଳ ଘରଠାରୁ ମଧ୍ୟ ହୀନ। ସେହିଭଳି ସ୍କୁଲ ଛାତ ମରାମତି ହେଉ ନ ଥିବାରୁ ଛାତ ଉପରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହେଲାଣି। ଲୋକଙ୍କ ପିଇବା ପାଣି ପାଇଁ ଗାଁରେ ୧୦ରୁ ଅଧିକ ନଳକୂପ ଥିଲେ ମଧ୍ୟ ସବୁ ଅଚଳ। ବସୁଧା ଯୋଜନା ପାଣି କେତେବେଳେ ଆସୁଛି ତ କେବେ ଆସୁ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁ ଭିତରକୁ ଆମ୍ବୁଲାନ୍ସଟିଏ ଆସି ପାରେ ନାହିଁ। ସେଥି ପାଇଁ ସ୍ୱାସ୍ଥ୍ୟ ସେବା ଅପହଞ୍ଚ। ସତେ ଯେପରି ମନେ ହୁଏ ଏହି ଗାଁର ଲୋକେ ଅଭିଶପ୍ତ ଜୀବନ ଜିଉଁଛନ୍ତି। ମାତ୍ର ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ କାର୍ଯ୍ୟ ପାଇଁ ଟଣାଓଟରା ଯୋଗୁଁ କାର୍ଯ୍ୟ ହୋଇ ପାରୁ ନାହିଁ। ଯେଉଁଥିରେ ପେଶି ହେଉଛନ୍ତି ପଞ୍ଚରୁଖି ଗ୍ରାମବାସୀ। ଯଦି ଏହି ଗାଁରେ ଉପୁଜିଥିବା ସମସ୍ୟାର ସମାଧାନ କରି ତୁରନ୍ତ ବିକାଶ ମୂଳକ କାର୍ଯ୍ୟ କରା ନ ଯାଏ ତାହାହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଖୁବଶୀଘ୍ର ସମାଧାନ କରି କାର୍ଯ୍ୟ କରାଯିବ ବୋଲି ବିଡିଓ ରାଧା ରଞ୍ଜନ ଦାସ କହିଛନ୍ତି।

# ବାଲି ବୋଝେଇ ୨ ହାଇୱା ଜବତ

ସୋର, ୪।୯ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆଜି ସକାଳେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଅଚାନକ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଦୁଇଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ବେଳେ ଏହାର ଚାଳକ ଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତହସିଲଦାର ଶ୍ରୀ ମଲ୍ଲିକ ଜବତ ବାଲି ଗାଡିକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିବା ବେଳେ ଚଢ଼ାଉ ହେଉଥିବା ଜାଣିପାରି ଅନେକ ଗାଡି ଫେରାର ହୋଇଯାଇଥିବା ଜଣାପଡ଼ିଛି।


# ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ, ଜଣେ ଆହତ



ସିମୁଳିଆ, ୪।୯ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଜାତୀୟ ରାଜପଥ ମାର୍କୋଣା ଛକ ନିକଟରେ ୧୦୮ ଜନନୀ ଆମ୍ବୁଲାନ୍ସ ଷଣ୍ଢକୁ ବଞ୍ଚାଇବାକୁ ଯାଇ ଟ୍ରକକୁ ଧକ୍କା ଦେଇଥିଲା। ଯାହା ଫଳରେ ଆମ୍ବୁଲାନ୍ସରେ ଥିବା ୪ଜଣଙ୍କ ମଧ୍ୟରୁ ଆଶା କର୍ମୀ ଆହତ ହୋଇଥିଲେ। ଆମ୍ବୁଲାନ୍ସଟି"ବାସୁଦେବପୁରରୁ ଗର୍ଭବତୀ ମହିଳାଙ୍କୁ ନେଇ ଭଦ୍ରକ ଯାଉଥିବା ସମୟରେ ମାର୍କୋଣା ଠାରେ ଦୁର୍ଘଟଣା ଘଟିଥିଲା। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଉଦ୍ଧାର କରି ସିମୁଳିଆ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡ଼ିକାଲକୁ ଯାଇଥିବା ସୂଚନା ମିଳିଛି।

# ପୋଲ ସଂଲଗ୍ନ ରାସ୍ତା କାମ ହେଉନି, ପଥଚାରୀ ହନ୍ତସନ୍ତ

କାଳିପଦା, ୪।୯ (ସମିସ): ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଖାଲ ମୁହାଁଣୀ ଚଟାଣରେ ଦୀର୍ଘ ଦିନରୁ ପୋଲ ନିର୍ମାଣ ସରିଛି। ମାତ୍ର ପୋଲ ସଂଲଗ୍ନ ଆପ୍ରୋଚ ରୋର୍ଡ କାମକୁ ଠିକାଦାର ନ ସାରି ଦୀର୍ଘଦିନ ହେବ ପକାଇ ରଖିଛନ୍ତି। ଏବେ ବର୍ଷା ଋତୁ ହୋଇ ଥିବାରୁ ହୋଇଥିବା ମେଟାଲିଂ ଦବି ଯିବା ସାଙ୍ଗକୁ ଖାଲ ଖମାରେ ପରିଣତ ହୋଇଛି। ଫଳରେ ରାସ୍ତା ପାରୁଥିବା ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ଦୁଇ ଚକିଆ ଗାଡି ଚାଳକ ମାନେ ବେଶୀ ହଇରାଣ ହେଉଛନ୍ତି। ଦୈନନ୍ଦିନ ଛୋଟ ମୋଟ ଦୁର୍ଘଟଣାମାନ ସଂଗଠିତ ହେଉଛି। ପୂର୍ତ୍ତ ବିଭାଗ ଉଚ୍ଚ ପଦାଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।



# ନିସହାୟଙ୍କ ପାଇଁ କୁଡ଼ିଆ ତୋଳିଲେ ସ୍ୱେଚ୍ଛାସେବୀ



ଜଳେଶ୍ୱର, ୪।୯ (ସମିସ): ସରକାର ଗରୀବ ଗୁରୁବାଙ୍କ ଲାଗି ଯେତେ ଯୋଜନା କଲେ ମଧ୍ୟ ତୃଣମୂଳ ସ୍ତରରେ ତାର ସଫଳ ରୂପାୟନ ହୋଇ ପାରୁନାହିଁ। ଫଳରେ ବହୁ ଦୀନ ଦୁଃଖୀ କର୍ମକୁ ଆଦରି ସହର ତଳି ଅଞ୍ଚଳରେ ଜୀବନ ଯାପନ କରିବା ସହ ଭିକ୍ଷା ବୃତ୍ତିକୁ ଆପଣେଇ ନେଇଛନ୍ତି। ଜଳେଶ୍ୱର ବ୍ଲକ ଅଧିନ ହାତିଗଡ଼ ଅଞ୍ଚଳର ରମେୟା ପୂର୍ତ୍ତା ଗାଁର ସ୍ୱର୍ଗତ କୁନୁ ସୋରେନଙ୍କ ପୁଅ ଚୈତନ୍ୟ ସୋରୋନ ନିସହାୟ ଭାବେ ଷ୍ଟେସନ, ପୋଲ ତଳେ ଓ ଫୁଟପାଥରେ ଆଶ୍ରୟ ନେଉଥିଲେ। ରୋଗାକ୍ରାନ୍ତ ସ୍ତ୍ରୀ ବିଷ୍ଣୁ ପ୍ରିୟା ସଂପର ପାରିକୁ ଚାଲିଯାଇଥିବା ବେଳେ ଭିନ୍ନକ୍ଷମ ଚୈତନ୍ୟ ବିଭିନ୍ନ ରୋଗରେ ପୀଡିତ ହୋଇ ଦୁର୍ବିସହ ଜୀବନ ବିତାଉଛନ୍ତି। ପିଲା ଦିନରୁ ଗୋଟିଏ ଗୋଡ଼ ପୋଡି ଯାଇଥିବା ବେଳେ ଦୃଷ୍ଟି ଶକ୍ତି ଦୁର୍ବଳ ଥିବାରୁ ଠିକ୍ ଭାବେ ଚଳାଚଳ କରି ପାରନ୍ତି ନାହିଁ। ବଡ଼ ବଜାର ପୋଲ ଉପରେ ଖୋଲା ଆକାଶ ତଳେ ପ୍ରାକୃତିକ ଦୁର୍ବିପାକ ରେ ଦୟନୀୟ ଭାବେ ଚୈତ୍ୟନ କାଳାତିପାତ କରିଆସୁଛନ୍ତି। ସହରରେ ଭୋକିଲା ମାନଙ୍କୁ ଦୀର୍ଘ ବର୍ଷ ଧରି ପ୍ରତ୍ୟହ ଆହାର ଯୋଗାଇ ଆସୁଥିବା ସମାଜସେବୀ ହରି ଶଙ୍କର ପଣ୍ଡା ଓ ସାଥୀ ସହାୟତାର ହାତ ବଢ଼ାଇଛନ୍ତି। ଜଳେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଭୋଳା ଭଣ୍ଡାରୀ ଅନ୍ନ ଦାତା ପରିବାର ଆନୁକୂଲ୍ୟରେ ଏକ ଜରିପାଲରେ କୁଡ଼ିଆ ନିର୍ମାଣ କରିଛନ୍ତି। ଏହି ସମୟରେ ସଂଗଠନର ଉପଦେଷ୍ଟା କହ୍ନେୟା ଲାଲ ଜାଜୁ, ଉପ ସଭାପତି ଗିରିଜା ଶଙ୍କର ଦାସ, ଉଦ୍ୟୋକ୍ତା ମଣ୍ଟୁ ରଣା, ବିଶ୍ୱରଞ୍ଜନ ଦାସ, ସୁଜୟ କୁମାର ଦାସ, ସ୍ୱରୂପ କୁମାର ଦାସ, ବିଭୁତି ଭୋଇ, ସଂଯୁକ୍ତା ଭୋଇ, ଗୀତାରାଣୀ ଘୋଷ, ସୁଭଦ୍ରା ବେହେରା, ସସ୍ମିତା ଦାସ ପ୍ରମୁଖଙ୍କ ସହଯୋଗରେ କୁଡ଼ିଆ ନିର୍ମାଣ ହୋଇଥିଲା।

# ମାନସିକ ଚାପମୁକ୍ତ ସଚେତନତା କର୍ମଶାଳା




ଜଳେଶ୍ୱର, ୪।୯ (ସମିସ): ଅନ୍ତର୍ଜାତୀୟ ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ଭାବେ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ପବ୍ଲିକ ସ୍କୁଲରେ ମାନସିକ ଚାପ ମୁକ୍ତ ଜୀବନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଆୟୋଜିତ କର୍ମଶାଳାରେ ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୋଟାରିଆନ ରିଙ୍କି ଗିରି ଛାତ୍ରଛାତ୍ରୀଙ୍କୁ ଜୀବନ ଶୈଳୀରେ କିପରି ପ୍ରତ୍ୟେକ ନିଜର ମାନସିକ ଚିନ୍ତନକୁ ସଠିକ ଭାବେ ସନ୍ତୁଳିତ କରି ସମ୍ବେଦନଶୀଳ, ଶାରୀରିକ ଓ ସାମାଜିକ ଭାବେ ଆତ୍ମବିଶ୍ୱାସଭରା ଚେତନାରେ ରହିଲେ ଆମେ ମାନସିକ ଚାପମୁକ୍ତ ଜୀବନ ଅତିବାହିତ କରିପାରିବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ବିକାଶ କୁମାର ଧର, ତାରାପଦ ମହାନ୍ତି, ଡା. ଦିପ୍ତିମୟୀ ମହାପାତ୍ର, ସୁବ୍ରତ କୁମାର ରଣା, ଲେଲିନ କୁମାର ପ୍ରଧାନ, ରୋଟାରିଆନ ଦିପ୍ତି ନନ୍ଦୀ, ବିଦ୍ୟାଳୟ ଅଧ୍ୟକ୍ଷ ଅଜିତ କୁମାର ନନ୍ଦୀ ପ୍ରମୁଖ ଆଜିର ଯୁବ ପିଢ଼ି ପରୀକ୍ଷା ଚାପ, କିମ୍ବା ପାରିବାରିକ, ଆଧୁନିକ ସାମାଜିକ ଚଳନିକୁ ନେଇ ବିଭିନ୍ନ ପ୍ରକାର ଚାପରେ ପଡ଼ି ମୂଲ୍ୟବାନ ଜୀବନ ହାରି ଦେଉଥିବା ଦେଖାଯାଉଛି ବୋଲି ଅଭିଭାଷଣ ରଖିଥିଲେ। ଏହିଭଳି ସଚେତନତା କର୍ମଶାଳା ପ୍ରତ୍ୟେକ ମହାବିଦ୍ୟାଳୟ, ବିଦ୍ୟାଳୟ ମାନଙ୍କରେ ଆବଶ୍ୟକତା ରହିଛି ବୋଲି ମଧ୍ୟ କହିଥିଲେ। ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଞ୍ଜନ କୁମାର ଦେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସଚେତନତା କର୍ମଶାଳାର ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ପ୍ରୋତ୍ସାହିତ କରିବାକୁ ରୋଟାରୀ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।

## ଖଇରାକୁ ଏନ୍‌ଏସି ଦାବିରେ ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି

# ଶନିବାର ୬ ଘଣ୍ଟିଆ ଖଇରା ବନ୍ଦ

ଖଇରା, ୪।୯ (ସମିସ): ବାଲେଶ୍ୱର ଜିଲା ଖଇରା ବଜାର ବିଜ୍ଞାପିତ ଅଞ୍ଚଳ ମାନ୍ୟତାରୁ ବାଦ ପଡ଼ିବା ପରେ ଖଇରାରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ପ୍ରଥମେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଗଠିତ ଖଇରା ସ୍ୱାଭିମାନ ମଞ୍ଚ ଦ୍ୱାରା ଖଇରା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବାର ଗୋଟିଏ ଦିନ ପରେ ବିଜେଡି ପକ୍ଷରୁ ଶନିବାର ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଖଇରା ବନ୍ଦ ପାଇଁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ଯୋଗ ଦେଇ ସେ ବିଧାୟକ ଥିବା ସମୟରେ ନବୀନ ବାବୁ ଖଇରା ସମେତ ଓଡ଼ିଶାର ୫୭ଟି ସହରକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ପ୍ରଦାନ କରିଥିଲେ। ହେଲେ ସରକାର ବଦଳିବା ପରେ ବର୍ତ୍ତମାନର ଭାଜପା ସରକାର ପୁରୁଣା ଘୋଷଣାକୁ ବାତିଲ କରିବା ସହ ନୂତନ ଭାବେ ୨ ପର୍ଯ୍ୟାୟରେ ଏନଏସି ଘୋଷଣା ପରେ ମଧ୍ୟ ଖଇରା ସମେତ ୩୯ଟି ସହରକୁ ବଞ୍ଚିତ କରି ରଖାଯାଇଛି। ଉଦବେଗ ଓ ଚିନ୍ତାର ବିଷୟ ଏହିକି ଯେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରାକୁ ବାଦ ଦିଆଯାଇଛି। ଭାଜପା ସରକାର ଖଇରାବାସୀଙ୍କୁ ପ୍ରତାରିତ କରିଛନ୍ତି। ଏଣୁ ବିଜେଡି କେବଳ ଖଇରା ବନ୍ଦରେ ପ୍ରତିବାଦକୁ ସୀମିତ ନ ରଖି ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ। ଯଦି ସରକାର ଏ ବିଷୟରେ କର୍ଣ୍ଣପାତ ନ କରନ୍ତି ବା ଖଇରାକୁ ଏନଏସିର ମାନ୍ୟତା ନ ଦିଅନ୍ତି ତେବେ ଆବଶ୍ୟକ ପଡ଼ିଲେ ଖଇରା ବ୍ଲକର ୩୭ ପଞ୍ଚାୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଏଥିରେ ସହଯୋଗ କରିବାକୁ ଖଇରାର ସବୁ ସଙ୍ଗଠନକୁ ଅନୁରୋଧ କରିବା ସହ ସ୍ୱାଭିମାନ ମଞ୍ଚର ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଖଇରା ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସାରୁଗାଁ ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ଗୋବିନ୍ଦପୁର ସମିତିସଭ୍ୟା ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ, ଅମରିଆ ସରପଞ୍ଚ ସସ୍ମିତା ଧିନ୍ଦା, ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସ, ରବୀନ୍ଦ୍ର ବେହେରା, ଈଶ୍ୱର ଦାସ, ଟୁନି ଧିନ୍ଦା, ଶଶାଙ୍କ ମହାପାତ୍ର, ବିଜୟ ବାରିକ, କମଳାକାନ୍ତ ନାୟକ, ଦିପକ କୁମାର ସୂତାରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ଥିଲେ।



# ବିନା ସୂଚନାଫଳକରେ ପାଣି ଟାଙ୍କି ନିର୍ମାଣ



କାଳିପଦା, ୪।୯ (ସମିସ): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ବଡାଶ ମହାଦେବ ମନ୍ଦିର ପାଖ ପଡ଼ିଆରେ ବିନା ଫଳକରେ ତିଆରି ହେଉଛି କୋଟି କୋଟି ଟଙ୍କାର ପାଣି ଟାଙ୍କି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବି ବିଭାଗ କୌଣସି ପଦକ୍ଷେପ ନ ନେଇ ନୀରବ ରହିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁ ଖୋଜ ତାଡ ପରେ ବୁ ଷ୍ଟାର ନାମକ ଏକ ଠିକାଦାରୀ ସଂସ୍ଥା କାମ କରୁଥିବା ଜଣା ପଡ଼ିଛି। ଜିଲ୍ଲା ପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗୁଣାକର ବାରିକ, ସୁମନ୍ତ ବାରିକ, ଗଣେଶ୍ୱର ବେହେରା, ପୂର୍ଣ୍ଣ ଚନ୍ଦ୍ର ମହୁରୀ, ସନାତନ ସାହୁ, ଗଜେନ୍ଦ୍ର ନାୟକ, ସୁବାଶିଷ ଦେ, ମଧୁମିତା ଜେନା, ସୁରେନ୍ଦ୍ର ନାଥ କୁହ୍ଲାରୀ, ଭୂଷଣ ଜେନା, ସାବିତ୍ରୀ ଦେବ ନାଥ, ପ୍ରଣବ କୁମାର ନନ୍ଦୀ, ସୁରେଶ ଚନ୍ଦ୍ର ବାରିକ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

# କେବେ ବଦଳିବ ବାହାର୍ଦ୍ଧା ଗ୍ରାମର ରାସ୍ତା ଅବସ୍ଥା



ଭୋଗରାଇ, ୪।୯ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଦୁଡପଳ ଗ୍ରାମପଞ୍ଚାୟତ ବାହାର୍ଦ୍ଧା ଗ୍ରାମରେ ଥିବା ୯ ଓ ୧୦ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ରାସ୍ତାଟି ଏବେ ମରଣ ଯନ୍ତା ପାଲଟିଛି। କଂକ୍ରିଟ ରାସ୍ତା ୱାର୍ଡବାସୀଙ୍କ ପାଇଁ ସାତସ୍ୱପ୍ନ ପାଲଟିଛି। ବାଲିଆପାଳରୁ କମର୍ଦ୍ଧା ମୁଖ୍ୟ ରାସ୍ତାରୁ ବାହାର୍ଦ୍ଧା ଗ୍ରାମର ମଧ୍ୟସ୍ଥଳକୁ ମୁଖ୍ୟ ରାସ୍ତା ଲମ୍ବ ୧୫୦୦ ମିଟର, ରବୀନ୍ଦ୍ର ମଣ୍ଡଳ ଘରଠାରୁ ରାଜେନ୍ଦ୍ର ରାଉତ ଭାୟା ବୃନ୍ଦାବନ ପାଳ ଘର ପର୍ଯ୍ୟନ୍ତ ସେହିରାସ୍ତାରେ ୧୯୯୯ ମସିହାଠାରୁ ୨୦୨୫ ମସିହା ଦୀର୍ଘ ୨୬ ବର୍ଷ ଧରି ସେହି ରାସ୍ତାରେ କଂକ୍ରିଟ ଦୂରର କଥା ବାଲିଗୋଡ଼ି ମୁଠାଏ ପଡ଼ିନାହିଁ। ଯାହାଫଳରେ ବର୍ଷା ଋତୁରେ ସେହି ରାସ୍ତାରେ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅ ହୋଇଯାଏ। ଏ ବାବଦରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ମାତ୍ର ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଏହି ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ। ସ୍କୁଲ କଲେଜକୁ ଯାଉଥିବା ପିଲାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଏହି ରାସ୍ତାରେ ଆସିବା କଷ୍ଟକର। ଏମିତିକି ରୋଗୀଙ୍କୁ ଖଟିଆରେ ଆଣିବାକୁ ପଡୁଛି। ଏ ବାବଦରେ ସ୍ଥାନୀୟ ଲୋକପ୍ରତିନିଧି, ସରପଞ୍ଚ, ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ଫଳ ମିଳୁ ନଥିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ରାଜେନ୍ଦ୍ର ରାଉତ, ରବୀନ୍ଦ୍ରମଣ୍ଡଳ, ଦୁଷ୍ମନ୍ତ କୁମାର ରାଉତ, ପ୍ରରେନ୍ଦ୍ର ପାଳ, ଦୀପକ ପାଳ, ପ୍ରକାଶ ରାଉତ, ବୃନ୍ଦାବନ ପାଳ, ମାନସ ରାଉତ, ଉତ୍ପଳ କେଶରୀ ରାଉତ, ସୁଶାନ୍ତ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



ଭୋଗରାଇ, ୪।୯ (ସମିସ): ଭୋଗରାଇ ବ୍ଲକର ବାରବାଟିଆ ପଞ୍ଚାୟତର ସେହି ଗ୍ରାମରେ ଅବସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଏନଏସଏସ ର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିଜୟ କୁମାର ପ୍ରଧାନ ଏନଏସଏସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଅନୁଷ୍ଠାନର ୧୦୦ ଜଣ ସ୍ୱେଚ୍ଛାସେବୀ ଭାବେ ଅଂଶଗ୍ରହଣ କରିଥିଲେ।ଶେଷରେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● ବିପଦ ସଙ୍କେତ ନିକଟତର ଜଳକା

# ପୁଣି ବନ୍ୟା ଆଶଙ୍କା, ତଳିଆ ଅଞ୍ଚଳରେ ପାଣି

ରାଜଘାଟ, ୪।୯ (ସମିସ): ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫ ମିଟର ରହିଛି। ଆଜି ସନ୍ଧ୍ୟା ବେଳକୁ ଏହା ସତର୍କ ସଙ୍କେତ ଟପି ୬.୪୬ ରେ ପହଞ୍ଚିବା ସହିତ ବିପଦ ସଂକେତ ନିକଟବର୍ତ୍ତୀ ହୋଇଛି। ଯାହାକୁ ନେଇ ଜଳକାରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଜଳସ୍ତର ବୃଦ୍ଧି ପାଇବା ହେତୁ ବସ୍ତା ଓ ସଦର ବ୍ଲକର ନଦୀ ନିକଟବର୍ତ୍ତୀ ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ପୁଣି ଏକ ବନ୍ୟା ଆଶଙ୍କା ଚାଷୀଙ୍କ ନିଦ ହଜାଇ ଦେଇଛି। ଭୟଭୀତ ଅବସ୍ଥାରେ ରହିଛନ୍ତି ନଦୀକୁଳିଆ ବାସୀ। ମଥାନୀ, ବାହାର୍ଦ୍ଧା, ଦୁଧହଂଶା ଓ ବାସୁ ଚକୁରୀ ପଞ୍ଚାୟତର ଏକାଧିକ ଅଞ୍ଚଳ ଜଳମଗ୍ନ ହୋଇଛି। ବର୍ଷା ଲାଗି ରହିଥିବାରୁ ପୁଣି ଏକ ବଡ ବନ୍ୟାର ସମ୍ଭାବନା ଦେଖାଦେଇଛି।

# ମାଟି ଓ ମୋରମ ଚାଲାଣ ଯୋଗୁଁ ରାସ୍ତା ଶୋଚନୀୟ

ରୂପସା, ୪।୯ (ସମିସ)

ମାଟି ଓ ମୋରମ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଓଡ଼ିଆଶାସନ ଗ୍ରାମ ଛକରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଫଳରେ ଦୁଇ ଘଣ୍ଟା ଧରି

## କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ

ଯାତାୟାତ ଠପ୍ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ଅନାବାଦୀ ଓ ଜଙ୍ଗଲ କିସମ ଜମିରୁ ମାଫିଆମାନେ ମାଟି ଓ ମୋରମ ତାଡ଼ିନେଇ ରେଳ ଲାଇନ୍ କାମ କରୁଥିବା ଠିକାଦାରମାନଙ୍କୁ ବିକ୍ରି କରୁଛନ୍ତି। ରାତିତମାମ ଡମ୍ପର ସବୁ ମାଟି ଓ ମୋରମ ବୋଝେଇ କରି



ଚାଲିବା ଫଳରେ ରାସ୍ତାର ଅବସ୍ଥା ସବୁ ଶୋଚନୀୟ ହୋଇପଡ଼ିଛି। ଗାଡ଼ି ଶବ୍ଦରେ ଲୋକେ ରାତିରେ ଶୋଇପାରୁ ନାହାନ୍ତି କି ପିଲା ମାନେ ପାଠପଢ଼ି ପାରୁନାହାନ୍ତି। ନିୟମିତ ଭାବେ ଭରିଯାନ ଚଳ ପ୍ରଚଳ ପାଇଁ କୋଟି କୋଟି ଟଙ୍କାରେ ନିର୍ମିତ ରାସ୍ତା ସବୁ ନଷ୍ଟ ହୋଇଯାଉଛି। ରାସ୍ତା ଉପରେ ବଡବଡ ଖାଲ ହୋଇ ସେଥିରେ ପାଣି ଜମି ରହିଛି। ଯାହା ଫଳରେ ଯାତ୍ରୀ ମାନେ ଖାଲର ଗଭୀରତା ଅନୁମାନ କରିନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ୧୦୦ରୁ ଅଧିକ ଲୋକ ଦୁର୍ଘଟଣାର ଶିକାର ହୋଇ ଶାରୀରିକ ଓ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରାମବାସୀ ମାନେ ଘଟଣା ସମ୍ପର୍କରେ ଗ୍ରାମବାସୀ ମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ପାଇନଥିଲେ। ଆଜି ସ୍ଥାନୀୟ ଆରଆଇ କୌଣସି କାମରେ ଗଡ଼ପଦା ପଞ୍ଚାୟତ ଆସିଥିବା ବେଳେ ଗ୍ରାମର କିଛି ଲୋକ ତାଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ମାତ୍ର ଆର ଆଇ ଲୋକ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରି ଓଡ଼ିଆ ଶାସନ ଛକରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଦୀର୍ଘ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇଥିଲା। ରୂପସା ଥାନା ଅଧିକାରୀ ମୌସୁମୀ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଆସନ୍ତା ସାତଦିନ ମଧ୍ୟରେ ଅଭିଯୋଗର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



### ରାଜାବନ୍ଧ ନିକଟରେ ସୁଉଚ୍ଚ ପୋଲ ନିର୍ମାଣ ଦାବି

# ଲଘୁଚାପ ବର୍ଷାରେ ମୋରଡ଼ାରେ କୃତ୍ରିମ ବନ୍ୟା



**ମୋରଡା, ୪।୯ (ସମିସ):** ଗତ ୨ ତାରିଖରୁ ଆଜିଯାଏଁ ଲଘୁଚାପ ଜନିତ ବର୍ଷାରେ ମୋରଡା ବ୍ଲକର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବାରିପଦା-ଚିତ୍ରଡା-ଅମର୍ଦା ୬୧ନମ୍ବର ରାଜ୍ୟ ରାଜପଥର ଚିତ୍ରଡା ରାଜାବନ୍ଧ ପୋଲ ଉପରେ ୩ ଫୁଟର ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଗାଡି ଚଳାଚଳ ଠପ ହୋଇଛି। ତେବେ ପୋଲଟି ରାସ୍ତାର ଉଚ୍ଚତାରୁ କମ ରହିଥିବାରୁ ସାଧାରଣ ବର୍ଷା ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ସେଠାରେ ସୁଉଚ୍ଚ ନୂତନ ପୋଲ ନିର୍ମାଣ ପାଇଁ ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି ପୂର୍ତ୍ତ ବିଭାଗକୁ ନିବେଦନ କରିଛନ୍ତି। ସେହିପରି ଘୋଳମୁଁହା ପଞ୍ଚାୟତର ଆଣୁଆ ଗ୍ରାମର ପାତ୍ରସାହି ଗାଁ ରାସ୍ତା ଉପରେ ପାଣି ପ୍ରବାହିତ ହେବା ଫଳରେ ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଅଣୁଆ ଗ୍ରାମର ବହୁ ଲୋକଙ୍କ ଘରେ ପାଣି ପଶିଯାଇଛି। ଏପରିକି ବାରମାଇଲସ୍ଥିତ କିଷାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବର୍ଷା ପାଣି ଲହଡି ଭାଙ୍ଗୁଥିବା ଖବର ପ୍ରସାରଣ ହେବା ପରେ ବି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏନଆରଏଚଏମ ସହକାରୀ ଯନ୍ତ୍ରୀ ବସନ୍ତ ରାଜଙ୍କୁ ପଚାରିବାରୁ ପୁରୁଣା ମେଡ଼ିକାଲଟି ଅତି ତଳେ ରହିଛି। ବର୍ତ୍ତମାନର ପୂର୍ତ୍ତବିଭାଗ ରାସ୍ତାର ଡ୍ରେନଟି ଉଚ୍ଚରେ ଥିବାରୁ ଡାକ୍ତରଖାନା ପାଣି ନିଷ୍କାସନ ହୋଇ ପାରୁନାହିଁ। ତେଣୁ ସେ ମେଡ଼ିକାଲ ଇନଚାର୍ଜଙ୍କୁ ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ ପାଇଁ କହିଥିବା ପ୍ରକାଶ କରିଛନ୍ତି।

### ରାସ୍ତା ନିର୍ମାଣ ଦାବିରେ ଶରତ ବିକାଶ ମଞ୍ଚର ବିକ୍ଷୋଭ

# ୧୫ ଦିନରେ ଶେଷ ହେବା ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**ବାରିପଦା, ୪।୯ (ସମିସ)**




ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ମହିଷାସୁରୀଠାରୁ କଳମଗଡ଼ିଆ ଯାଏ ୧୯କିମି ରାସ୍ତାର ନିର୍ମାଣ ସମ୍ପୂର୍ଣ୍ଣ କରିବା ଦାବିରେ ଗତକାଲି ଶରତ ବିକାଶ ମଞ୍ଚ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୂଚନା ଥାଉ କି, ଗତ ୨୧.୪.୨୦୨୧ରୁ ଏହି ୧୯ କି.ମି ରାସ୍ତା ନିର୍ମାଣ ପାଇଁ ୨୪ କୋଟି ଟଙ୍କା ମଞ୍ଜୁର ହୋଇଛି ଏବଂ ୨୦.୪.୨୦୨୬ ସୁଦ୍ଧା ଶେଷ ହେବ ବୋଲି ଫଳକରେ ଉଲ୍ଲେଖ ରହିଛି; କିନ୍ତୁ ଆଜିଯାଏ ରାସ୍ତା ନିର୍ମାଣ ଆରମ୍ଭ ହୋଇ ପାରୁ ନ ଥିବାରୁ କପ୍ତିପଦା ବ୍ଲକ ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷା ଋତୁରେ ରାସ୍ତରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହେଉଛି। ଏପରିକି ଦୈନିକ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ବିକ୍ଷୋଭ ପରେ ଜିଲ୍ଲାପାଳ ହେମାକାନ୍ତ ସୟଙ୍କୁ ବିକାଶ ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ୧୫ ଦିନ ମଧ୍ୟରେ ରାସ୍ତା ଶେଷ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମୟୂରଭଞ୍ଜକୁ ଆକାଂକ୍ଷା ଜିଲ୍ଲା ମାନ୍ୟତା, କପ୍ତିପଦାକୁ ଆକାଂକ୍ଷା ବ୍ଲକ ମାନ୍ୟତା, ନିର୍ମାଣାଧୀନ ଶରତ ଏବଂ କଳମଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୃହକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା, କଟୁରିଆ ଛକରୁ କଟୁରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରିବା, ଶରତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଶିକ୍ଷକ ପଦ ପୂରଣ, ଫୁଲମତୀ ହେମ୍ବ୍ରମ ବାଳିକା ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ନିଯୁକ୍ତି, କଳମଗଡ଼ିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ, ଶରତ ଅଞ୍ଚଳର ସମସ୍ତ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବା ଆଦି ଦାବି ଅନ୍ତର୍ଭୁକ୍ତ। ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ସମାଜସେବୀ ନବୀନ ମୁଣ୍ଡରୀ, ରମେଶ କୁମାର ବିରୁଆ, ବେଲମଣୀ ତିୟୁ ନାନିକା ସିଂ, ମନୋରଞ୍ଜନ ଗୋଇପାଇ, ହେମନ୍ତ ସାହୁ, ସୋମନାଥ ହୋ, ବିଶାନ୍ତ ଖୁଣ୍ଟିଆ, ଘନବାବୁ ପାତ୍ର, ମହାନ୍ତି ସିଂ ଦେଓଗାମ, ସେବତୀ ସିଂ, ମିଞ୍ଜାରୀ ତିୟୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଯଦି ଆସନ୍ତା ୨ ମାସ ମଧ୍ୟରେ ସମସ୍ତ ଦାବି ନ ପୂରଣ ନ ହୁଏ ତାହାହେଲେ ମଞ୍ଚ ପକ୍ଷରୁ ବିଧାନସଭା ଘେରଉ କରାଯିବ ବୋଲି ଶ୍ରୀ ଗୋଇପାଇ ଚେତାବନୀ ଦେଇଛନ୍ତି।

### ଗଙ୍ଗାହାରରେ ପୁଣି ବନ୍ୟା

# ଖଡିକାପଦା କଲଭର୍ଟ ଉପରେ ୩ ଫୁଟର ପାଣି



**କୁଆମରା, ୪।୯ (ସମିସ):** ତିନି ଦିନ ଧରି କ୍ରମାଗତ ଲଘୁଚାପ ଜନିତ ବର୍ଷା ଲାଗି ରହିବା ଫଳରେ ଗଙ୍ଗାହାର ନଦୀରେ ପୁଣି ଚତୁର୍ଥ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଲାଗି ରହିଥିବାରୁ ଅନ୍ୟ ଛୋଟ ଛୋଟ ଶାଖା ନଦୀଗୁଡିକ ମଧ୍ୟ ଫୁଲିବାରେ ଲାଗିଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ଗୁରୁବାର ମଧ୍ୟାହ୍ନରୁ ବନ୍ୟାଜଳ ବଢ଼ିବାରେ ଲାଗିଛି। ଫଳରେ ନଈକୂଳିଆ ଲୋକଙ୍କ ପ୍ରତି ବିପଦ ଦେଖାଦେଇଛି। ଖଡିକାପଦା କଲଭର୍ଟ ଉପରେ ତିନି ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବଡ଼ସାହି-କୁଆମରା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ନଦୀରେ ବନ୍ୟା ଜଳ ବଢ଼ିବା ଯୋଗୁଁ ଭୋଳପଦା ନିକଟରେ ଉକ୍ତ ନଦୀ ସହ ମିଶ୍ରଣ ହୋଇଥିବା ନାଲୁହା ମଧ୍ୟ ଫୁଲିବାରେ ଲାଗିଛି। ଫଳରେ ଉକ୍ତ ବ୍ଲକର ପଶୁଦା ପଞ୍ଚାୟତର କେତେକ ଗ୍ରାମ୍ ଓ ଚାଷ ଜମି ପ୍ରଭାବିତ ହୋଇଛି। ଖଡିକାପଦା ତଳେ ଥିବା ବଡ଼ସାହି ବ୍ଲକର ପଟିସାରି ପଞ୍ଚାୟତ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ନଦୀ କୂଳକୁ ଲାଗିଥିବା ପ୍ରାୟ ୨୦ ପ୍ରତିଶତ ଚାଷ ଜମିରେ ବନ୍ୟାଜଳ ମାଡିଯାଇଛି। ସେହିପରି ଗୋପବନ୍ଧୁ ନଗର ବ୍ଲକରୁ ଉଦଳା ବ୍ଲକକୁ ସଂଯୋଗ କରୁଥିବା ଟାଙ୍ଗଣା ଓ ଦେଓ ନଦୀର ବନ୍ୟା ପରିସ୍ଥିତି ଦେଖା ଦେବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ତେବେ ସାଧାରଣ ଜନତାଙ୍କ ସୁରକ୍ଷା ନିମନ୍ତେ ଖଡ଼ିକାପଦା ନିକଟରେ କୁଆମରା ଫାଣ୍ଡି ପକ୍ଷରୁ ପୁଲିସ ମୁତୟନ କରାଯାଇଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହୁଲଡିହା, ୪।୯ (ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସୁନାରିପୋଷି ଗ୍ରାମରୁ ଶୋଇବା ଘରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ଯୁବକଙ୍କ ବଡଭାଇ ରାମଚନ୍ଦ୍ର ଆଲଦାଙ୍କ ଏତଲା ଆଧାରରେ ଜଣାପଡ଼ିଛି ଯେ ତାଙ୍କ ସାନ ଭାଇ ପାରଦାନ (୨୨) ୩ ତାରିଖ ବୁଧବାର ସଂଧ୍ୟାରେ ଘରୁ ବାହାରି ଆସି ଆଉ ଫେରିନଥିଲା। ପରିବାର ଲୋକ ୪ ତାରିଖରେ ସକାଳୁ ଦେଖିଲା ବେଳକୁ ମା'ଙ୍କ ଶୋଇବା ଘରେ ଗାମୁଛାରେ ବନ୍ଧା ହୋଇ ପରଦିନର ମୃତଦେହ ଝୁଲୁଥିବାର ଦେଖି ଥାନାକୁ ଜଣାଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଠାକୁରମୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ତଦନ୍ତ ଆରମ୍ଭ ଚାଲିଛି। ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

# ଗୁରୁ ଦିବସରେ ୭୧ ଶିକ୍ଷକ ପାଇବେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

**ବାରିପଦା, ୪।୯ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୭୧ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ଶିକ୍ଷା ସଂଯୋଜକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯିବ। ଆସନ୍ତାକାଲି ଗୁରୁ ଦିବସରେ ବାରିପଦା ସହିଦ ସ୍ମୃତି ଭବନରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହେବ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଭୁବନେଶ୍ୱରର ପଞ୍ଚସଖା ଶିକ୍ଷା ସେତୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିବ। ଏହି ସମାରୋହରେ ବିଧାୟକ, ସାଂସଦ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପୁରସ୍କାରପ୍ରାପ୍ତଙ୍କ ଉପସ୍ଥିତି ନିଶ୍ଚିତ କରିବାକୁ କୁହାଯାଇଛି। ଏହି ପୁରସ୍କାର ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମେ ୪ଜଣ କ୍ଲଷ୍ଟର ରିସୋର୍ସ ସେଣ୍ଟର ସଂଯୋଜକ (ସିଆରସିସି) ନିରଞ୍ଜନ ଗୋପ (ଜମଦା), ଗୀତିକା ବେହେରା (ବାରିପଦା), ଗୋବିନ୍ଦ ବଲ୍ଲଭ ଜେନା (ଖୁଣ୍ଟା), ଏବଂ ନିର୍ମଳ ଚନ୍ଦ୍ର ମାଝୀ (କରଞ୍ଜିଆ) ସେମାନଙ୍କର ଶିକ୍ଷାଗତ ମାର୍ଗଦର୍ଶନ ପାଇଁ ସମ୍ମାନିତ ହେବେ। ଦ୍ୱିତୀୟରେ ୨୫ ଜଣ ପ୍ରାଥମିକ ଶିକ୍ଷକ ଯଥା ସୀମା ମହାନ୍ତା, ସୁନୀତା ବାସା, ଦୀପ୍ତିମୟୀ ବେହେରା, ପୁଷ୍ପଲତା ସାହୁ, ସବିତା ଦାସ, ଭରତେନ୍ଦୁ ମହାନ୍ତା, ରାକେଶ କୁମାର ମାଲିକ, ଜିତେନ୍ଦ୍ର ନାଥ ମୁର୍ମୁ, ମିଳିରାଣୀ ସିଂ, ସନ୍ତୋଷ କୁମାର ସାହୁ, ଜଗଦୀଶ ଚନ୍ଦ୍ର ନାୟକ, କଳ୍ପତରୁ କଟୁଆଲ, ରବି ନାରାୟଣ ଦତ୍ତ, ଜୟନ୍ତ କୁମାର ଗହନ, ଅନୁରାଧା ଦେ, ଉର୍ମିଳା ପାଣି, କ୍ଷୀତିଶ ଚନ୍ଦ୍ର ମହାନ୍ତା, ନିବେଦିତା ଗିରି, ଅଜିତ କୁମାର ସାହୁ, ସମୀର କୁମାର ଦଣ୍ଡପାଟ, ଗଜେନ୍ଦ୍ର ପ୍ରସାଦ ବେହେରା, ରଞ୍ଜନ କୁମାର ଦାସ, ମମତାରାଣୀ ଶା, ବିଜୟ କୁମାର ସାହୁ, ଏବଂ ପ୍ରମଦା ସେନାପତି ପ୍ରାଥମିକ ଶିକ୍ଷାରେ ସେମାନଙ୍କର ଅବଦାନ ପାଇଁ ପୁରସ୍କୃତ ହେବେ। ତୃତୀୟରେ, ୪୨ ଜଣ ମାଧ୍ୟମିକ ଶିକ୍ଷକ ଯଥା ମଧୁମିତା ନାୟକ, କାର୍ତ୍ତିକ ଚନ୍ଦ୍ର ବେହେରା, ବିହମଣ ତପଥୀ, ଧର୍ମେନ୍ଦ୍ର ପଣ୍ଡା, ଦ୍ରୌପଦୀ ମହାନ୍ତା, ଜଗନ୍ନାଥ ତାରେଇ, ସତ୍ୟ ରଞ୍ଜନ ମହାରୁଦ, ବିଜ୍ଞାଶ୍ରୀ ହୋତା, ପ୍ରଦ୍ୟୁମ୍ନ କୁମାର ପ୍ରଧାନ, କାଞ୍ଚନ ମାଳା ଜେନା, ସୋନାମଣୀ ହାଂସଦା, ଅମିୟ ରଞ୍ଜନ ପଣ୍ଡା, ହରପ୍ରିୟା ମାଝି, ନେତୁ ବାଳା, ସପନ କୁମାର ଦାସ, ଅନୁପମା ବେହେରା, ସୁଚିନ୍ତିତା ନରେନ୍ଦ୍ର, କିଶୋର କୁମାର ସାହୁ, ନୟନ କୁମାର ଗିରି, ଆଶୀଷ କୁମାର ଗିରି, ସତାରୂପା ପଟେଲ, ଦେବବ୍ରତ ବାର୍କ, ରାଜୀବ ଲୋଚନ ଜେନା, ଦେବାଶ ମଲ୍ଲିକ, ନୀରଞ୍ଜନ ବେହେରା, ସୁଭାନା କୁମାର ସେଠୀ, ପ୍ରାର୍ଥନା ମିଶ୍ର, ତନୁଶ୍ରୀ ସି, ବିଷ୍ଣୁପଦ ଆଚାର୍ଯ୍ୟ, ରଞ୍ଜନ କୁମାର ହାଣ୍ଡା, ଓମପ୍ରକାଶ ମହାନ୍ତ, ମଧୁସ୍ମିତା ମହାନ୍ତ, ଜ୍ୟୋତିରଞ୍ଜନ ପଣ୍ଡା, ସସ୍ମିତା ବଡୁ, ଶିବଦତ୍ତ ପାତ୍ର, ରାଜା ବିକ୍ରମାଦିତ୍ୟ ରାଉଳ, ମଳୟ କୁମାର ଦାସ, ହୀରଣ୍ମୟ ନାୟକ, ମିନତୀ ଜେନା, ନାଦିଆ ଦାସ, କାଳଶୀ ଚନ୍ଦ୍ର ମହାନ୍ତ ଏବଂ ରାଜେଶ କୁମାର ସୁର ଉଚ୍ଚତର ଶିକ୍ଷାରେ ସେମାନଙ୍କର ବିଷୟଗତ ଦକ୍ଷତା ଓ ଅବଦାନ ପାଇଁ ସମ୍ମାନିତ ହେବେ।

# ଡ. ଶ୍ୟାମସୁନ୍ଦର ଦାସଙ୍କୁ 'ଶିକ୍ଷାଶ୍ରୀ ସମ୍ମାନ'

**ବାରିପଦା, ୪।୯ (ସମିସ):** ଭୁବନେଶ୍ୱର ଚେତନା ଭବନରେ ଆୟୋଜିତ ଅବସରପ୍ରାପ୍ତ ଅଧ୍ୟାପକ ସଂଘର ବାର୍ଷିକ ଉତ୍ସବ ପାଳନ ଅବସରରେ ପୂର୍ବତନ ବେତନଟୀ ମହାବିଦ୍ୟାଳୟ, ସୀମାନ୍ତ ମହାବିଦ୍ୟାଳୟ ଓ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସଙ୍କୁ ଶିକ୍ଷାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଜଣେ ଶିକ୍ଷାବିତ, ମହାବିଦ୍ୟାଳୟ ପ୍ରତିଷ୍ଠା, ସଂଗଠକ, ପରିବେଶବିତ, ଐତିହାସିକ ଓ ସାହିତ୍ୟିକ ଭାବରେ ଅବଦାନ ପାଇଁ ସଂଘ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି।



ଭାରତର ବିଶିଷ୍ଟ ବୈଜ୍ଞାନିକ ପୂର୍ବତନ ତାମିଲନାଡୁ କୁଳପତି, ନୀତିଦିନ ଖବର କାଗଜ ସମ୍ପାଦକ ଡ଼ ମନୋଜ କୁମାର, ଝାଡାଖଣ୍ଡ ପ୍ରଫେସର ହରିଅମ ପାଣ୍ଡେ ଓ ଚେତନାର ପ୍ରତିଷ୍ଠା ନାରାୟଣ ଚନ୍ଦ୍ର ଡ଼. ଦାସଙ୍କୁ ଶିକ୍ଷାଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ସଂଘର ସଭାପତି ପ୍ରଫେସର ବାଲ୍ମୀକି ପଟ୍ଟନାୟକଙ୍କ ସହିତ ସମ୍ପାଦକ ପ୍ରଫେସର ଗୋପାଳ ଚନ୍ଦ୍ର ନନ୍ଦ, ଆନ୍ତର୍ଜାତିକ ଶିକ୍ଷକ ସଂଘର ସଭାପତି ଡ଼. ଅମୀୟ କୁମାର ମହାନ୍ତି, ଚେତନାର ଅଧ୍ୟକ୍ଷ ଲଲାଟେନ୍ଦୁ କର ଓ ପ୍ରଫେସର ପ୍ରଦୀପ୍ତ କିଶୋର ପଣ୍ଡା ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ।

# କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ପ୍ରତିବାଦ



**ବାରିପଦା, ୪।୯ (ସମିସ):** ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ସମୂହ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାର ୪୨ଟି କେନ୍ଦ୍ରର ପ୍ରାଣୀ ଚିକିତ୍ସକମାନେ ପ୍ରତିବାଦ କରିଛନ୍ତି। ଏନେଇ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରି ଦାବି ଉପସ୍ଥାପନ କରିଛନ୍ତି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣୀ ପାଳନର ପରିଭାଷା ବଦଳିଛି। ସହରୀକରଣ, ଔଦ୍ୟୋଗିକରଣ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରଗତି ପ୍ରାଣୀପାଳନ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଦୀର୍ଘ ୨୨ରୁ ୨୩ ବର୍ଷ ଧରି ଗୋଟିଏ ଦରମା ହାରରେ କାର୍ଯ୍ୟ କରୁଛନ୍ତି। ଏହାସହିତ ଚିକିତ୍ସା କେନ୍ଦ୍ରର ଅଧୀନସ୍ଥ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫଳରେ ପ୍ରାଣୀ ଚିକିତ୍ସକଙ୍କୁ ଅଧିକ ଚାପ ପଡୁଛି। ତେଣୁକରି ଆବଶ୍ୟକ କ୍ୟାଡର ପୁନର୍ଗଠନ କରିବା ପାଇଁ ସଂଘ ପକ୍ଷର କେନ୍ଦ୍ରୀୟ ହାରରେ ଡିଏସପି ଏବଂ ଏନ୍‌ପିଏ ଯୋଜନାରେ ଅର୍ନ୍ତଭୁକ୍ତ କରିବାକୁ ଦାବି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବଙ୍କୁ ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ସଂଘ ପକ୍ଷରୁ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଛନ୍ତି।

# ଗଞ୍ଜେଇ ସହ କାର ଜବତ; ଜଣେ ଗିରଫ

**ବାରିପଦା, ୪।୯ (ସମିସ):** ପୁଣି ବାଲେଶ୍ୱରରୁ ମୟୂରଭଞ୍ଜ ଜିଲ୍ଲାକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ପୁଲିସ ହାତରେ ଧରାପଡ଼ିଛି। ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ୭୯କେଜି ଗଞ୍ଜେଇ ଜବତ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଏହା ସହିତ ଏକ କାରକୁ ଜବତ କରିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ପରିଚୟ ଜଣାପଡ଼ିନାହିଁ। ବାରିପଦା ଟାଉନ ଥାନା ପୁଲିସ ପାଲବଣି ଅଞ୍ଚଳରେ ପାଟ୍ରୋଲିଂ ବେଳେ ଗଞ୍ଜେଇ ଚାଲାଣ ନେଇ ଖବରପାଇ ଟାଉନ ଥାନା ପୁଲିସ ଏକ ଟିମ୍ ଚଢ଼ାଉ କରିଥିଲେ। କାରରୁ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲେ। ମାଜିଷ୍ଟ୍ରେଟ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି। କଳାବାଡ଼ିଆ ଅଞ୍ଚଳର ଗଞ୍ଜେଇ ଚାଲାଣର ପେଣ୍ଠସ୍ଥଳ ସାଜିଥିବା ବେଳେ ବାଲେଶ୍ୱରରୁ କଳାବାଡ଼ିଆ ଅଞ୍ଚଳକୁ ଗଞ୍ଜେଇ କାରବାର ନିମନ୍ତେ ଚାଲାଣ ହେଉଥିଲା। ଏନେଇ ଏନଡିପିସି ଆକ୍ଟରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ଭ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | ସାନ୍ନା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୦୪୫୫ | ଟ.୩୦,୬୮୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରଇଡା, ଭୂଇଁଗଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୨୩,୬୮୬.୮୫ | ୫.୫୬ | ୬.୬୫ |
| | **ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ବୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪** | | | |
| ୧. | ମହମ୍ମଦ କୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୫୧ | ଟ.୧,୫୬,୩୩୦.୦୦ | ୩୩.୪୧୭ | ୩୫.୫୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୯୬୭ | ଟ.୪,୮୭,୯୧୯.୬୮ | ୮୫ | ୧୦୦.୬ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ଜିଲ୍ଲାସ୍ତରୀୟ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

# ସ୍ୱଚ୍ଛତା, ଶୃଙ୍ଖଳାଗତରେ ଶ୍ରେଷ୍ଠ ବିଦ୍ୟାଳୟକୁ କରାଯିବ ପୁରସ୍କୃତ





**ବାରିପଦା, ୪।୯ (ସମିସ):** ମୟୂରଭଞ୍ଜ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ସହିଦ ସ୍ମୃତି ଭବନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବୈଷୟିକ ପରାମର୍ଶଦାତାଙ୍କୁ ନେଇ ଏକ ଏକଦିବସୀୟ ଜିଲ୍ଲାସ୍ତରୀୟ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ଚାଲିଥିବା 'ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ରେଟିଙ୍ଗ କାର୍ଯ୍ୟକ୍ରମ', 'ଏକ ପେଡ ମାଆ କେ ନାମ', 'ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ' ଏବଂ ପ୍ରକଳ୍ପ କାର୍ଯ୍ୟାଳୟର ବିଭିନ୍ନ ବିଦ୍ୟାଳୟାଭିମୁଖୀ ଯୋଜନା ବିଷୟରେ ଦୁଇଟି ଅଧିବେଶନ ମାଧ୍ୟମରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ସ୍ୱାଗତ କରିଥିଲେ। ପରେ ନୂତନ ଭାବେ ଯୋଗଦାନ କରିଥିବା ୧୮୫ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସ୍ୱଚ୍ଛ ଏବଂ ସବୁଜ ମୂଲ୍ୟାଙ୍କନ ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟକୁ ଯୋଡି ବିଦ୍ୟାଳୟସ୍ତରୀୟ ସ୍ୱଚ୍ଛଜଳ, ପରିମଳ ସ୍ୱଚ୍ଛତା, ରକ୍ଷଣାବେକ୍ଷଣ, ଶୃଙ୍ଖଳାଗତ ବ୍ୟବହାର ଓ ସବୁଜତାକୁ ନେଇ ମୂଲ୍ୟାଙ୍କନ କରାଯାଇ ଶ୍ରେଷ୍ଠତ୍ୱ ହାସଲ କରିଥିବା ବିଦ୍ୟାଳୟକୁ ପୁରସ୍କୃତ କରାଯିବ। ଏଣୁ ପ୍ରତ୍ୟେକ ବିଦ୍ୟାଳୟକୁ ସାମିଲ କରି ରାଜ୍ୟସ୍ତରରେ ଜିଲ୍ଲାର ସ୍ଥିତିକୁ ଅଗ୍ରଗାମୀ କେନ୍ଦ୍ର ସଂଯୋଜକଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ସମସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ହରିତ ବିଦ୍ୟାଳୟ କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଫିସର ବିନୋଦ ସିଂ କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥିତି ଏବଂ ଉଲ୍ଲେଖନୀୟ ସଫଳତା ପାଇଁ ଏକନିଷ୍ଠ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନୋଡାଲ ଅଫିସର ଶଶିଧର ସିଂ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବା ନିମିତ୍ତ ସଂକଳ୍ପ ନେବାକୁ ବାର୍ତ୍ତା ରଖିଥିଲେ। ଜିଲ୍ଲା ବର୍ତ୍ତମାନ ଷଷ୍ଠ ସ୍ଥାନ ହାସଲ କରିଥିବା ଯୋଗୁଁ ପୂର୍ଣାଙ୍ଗ ସଫଳତା ନିମିତ୍ତ ପ୍ରୟାସ ଜାରି ରଖିବାକୁ ଅନୁରୋଧ କରିଥିଲେ। ସ୍ୱତନ୍ତ୍ର ଭାବେ ଏହି କର୍ମଶାଳାରେ ସମ୍ବଳ ପ୍ରଶିକ୍ଷକ ଭାବେ ୟୁନିସେଫର ବରିଷ୍ଠ ବୈଷୟିକ ପରାମର୍ଶଦାତା ଏମଏସ ଖାନ ଯୋଗଦେଇ କାର୍ଯ୍ୟକ୍ରମ ବାବଦରେ ତାଲିମ ଦେଇଥିଲେ। ବରିଷ୍ଠ ବୈଷୟିକ ପରାମର୍ଶଦାତା ପଦ୍ମଲୋଚନ ପ୍ରଧାନ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କଙ୍କ ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ।

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

ସକାଳ
THE SAKALA

## ଜିଏସ୍‌ଟି ଆଶ୍ୱସ୍ତି

ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ପ୍ରଚଳନ ପରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଗଲା ସେଥିରେ କୁହାଗଲା ଯେ ପୂର୍ବରୁ ଗରିବଙ୍କ ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଅଟା ଓ ଚାଉଳରେ ମଧ୍ୟ ଟିକସ ଲାଗୁଥିଲା। ଜିଏସ୍‌ଟି ପରେ ଗରିବ ଆଶ୍ୱସ୍ତ ହେବେ। କିନ୍ତୁ ଜିଏସ୍‌ଟି ପରିସରକୁ ଏଭଳି ଅନେକ ଦ୍ରବ୍ୟ ଓ ସେବା ଅଣାଗଲା, ଯାହା ଥିଲା ଅଭୂତପୂର୍ବ ଓ ଅବିଶ୍ୱସନୀୟ। ସେଥିମଧ୍ୟରୁ ଗୋଟିଏ ଥିଲା ସମ୍ବିଧାନ ପ୍ରଦତ୍ତ ଜୀବନ ଜିଇଁବାର ମୌଳିକ ଅଧିକାର ସହିତ ଯୋଡ଼ି ହୋଇଥିବା ସ୍ୱାସ୍ଥ୍ୟବୀମା ଓ ଜୀବନ ବୀମା। ଅବିଶ୍ୱସନୀୟ ଭାବେ ଏହା ଉପରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଧାର୍ଯ୍ୟ କରାଯାଇଥିଲା। ଭାରତରେ ବୀମା କମ୍ପାନୀମାନେ ପ୍ରଚୁର ଲାଭ କରୁଥିଲେ ମଧ୍ୟ ଜିଏସ୍‌ଟି ବୋଝ ବୀମାଧାରୀ ବା ଉପଭୋକ୍ତାଙ୍କୁ ହିଁ ମୁଣ୍ଡାଇବାକୁ ପଡୁଥିଲା। ଏହାକୁ ନେଇ ଟିକସଦାତାଙ୍କ ମନରେ ପ୍ରବଳ ଅସନ୍ତୋଷ, ଏପରିକି ଏନ୍‌ଡିଏ ଭିତରେ ମଧ୍ୟ ବିରୋଧାଭାସ ସୃଷ୍ଟି ହୋଇଥିଲା। ବରିଷ୍ଠ ବିଜେପି ନେତା ନିତିନ ଗଡ଼କରୀ ଅନେକ ଜନସଭାରେ ଏହାକୁ ନାପସନ୍ଦ କରି ମନ୍ତବ୍ୟ ଦେଇଥିଲେ। ସୁଖର କଥା ଯେ ସଦ୍ୟତମ ଜିଏସ୍‌ଟି ବୈଠକରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ସମେତ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଶିକ୍ଷା ସହିତ ଜଡ଼ିତ କେତେକ ଉପକରଣକୁ ଜିଏସ୍‌ଟି ପଞ୍ଝାରୁ ମୁକ୍ତ କରିଦିଆଯାଇଛି।

ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବିଧାନ ପ୍ରଦତ୍ତ ଦୁଇ ମୌଳିକ ଅଧିକାର। ଅଥଚ ଭାରତରେ ସର୍ବାଧିକ ସମସ୍ୟାବହୁଳ କ୍ଷେତ୍ର ରୂପେ ପରିଚିତ ଏହି ଦୁଇଟିରେ ବଜେଟ୍ ବ୍ୟୟବରାଦ ନୈରାଶ୍ୟଜନକ। ଅପରପକ୍ଷରେ ଦିନକୁ ଦିନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟୟବହୁଳ ହୋଇପଡୁଥିବା ବେଳେ ସେଗୁଡ଼ିକ ଉପରେ ୧୨%-୧୮% ଜିଏସ୍‌ଟି 'ବୋଝ ଉପରେ ନଳିତା ବିଡ଼ା' ଭଳି ହୋଇଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟ୍ ଯେ ସମ୍ବିଧାନର ପରିପନ୍ଥୀ ଏହା ହୃଦ୍‌ବୋଧ କରିବାକୁ ସରକାରଙ୍କୁ ୯ ବର୍ଷ ଲାଗିଗଲା। ଶିକ୍ଷା ସହିତ ସଂଶ୍ଳିଷ୍ଟ ଉପକରଣକୁ ୧୨% ଜିଏସ୍‌ଟି ସ୍ଲାବ୍‌ରୁ ମୁକ୍ତ କରି ୦% କରାଯାଇଥିବା ବେଳେ ତଥାପି କେତେକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଉପକରଣ ଜିଏସ୍‌ଟିର ପଞ୍ଝାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହିଁ। ଆଗାମୀ ଦିନରେ ଏ ଦିଗପ୍ରତି ଜିଏସ୍‌ଟି ପରିଷଦ ଦୃଷ୍ଟି ଦେବେ ବୋଲି ଆଶା।

ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ବିବାଦ ପୃଷ୍ଠଭୂମିରେ ବିହାର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବର ବାଧ୍ୟବାଧକତା ହେଉ କିମ୍ବା ସରକାରଙ୍କ ଜନକଲ୍ୟାଣ ଦୃଷ୍ଟିକୋଣରୁ ଚାରିଥାକିଆ ଜିଏସ୍‌ଟି ଏବେ ତିନିଥାକିଆର ରୂପ ନେଇଛି। ୧୨% ଓ ୨୮% ସ୍ଲାବ୍‌କୁ ହଟାଇ ତା' ଅଧୀନରେ ଆସୁଥିବା ନିତ୍ୟବ୍ୟବହାର୍ଯ୍ୟ, ବିଳାସପୂର୍ଣ୍ଣ ଓ ଆମୋଦଦାୟକ ସାମଗ୍ରୀ, ଯାନବାହନ, କୃଷି ଉପକରଣ ଆଦିକୁ ୫% ଓ ୧୮% ସ୍ଲାବ୍‌ରେ ବାଣ୍ଟି ଦିଆଯାଇଥିବାରୁ ମହଙ୍ଗା ମାଡ଼ ଓ ଆୟ ସଂକୋଚନରେ ଘାଇଲା ଖାଉଟି ଆଶ୍ୱସ୍ତି ପାଇବେ ନିଶ୍ଚୟ। ଏହାଦ୍ୱାରା ବଜାର ଅର୍ଥନୀତି ମଧ୍ୟ ଚଳଚଞ୍ଚଳ ହୋଇ ଅଭିବୃଦ୍ଧିକୁ ଗତି ମିଳିବ। ଜିଏସ୍‌ଟି ସ୍ଲାବ୍ କୋହଳ ଦ୍ୱାରା ସରକାର ଯେତିକି ରାଜସ୍ୱ ହରାଇବେ ତାହାକୁ ତମାଖୁଜାତୀୟ ଉତ୍ପାଦରୁ ଭରଣା କରିବେ। କାରଣ ଇତିମଧ୍ୟରେ ସେହିସବୁ ଆପତ୍ତିଜନକ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଜିଏସ୍‌ଟିର ୪୦% ସ୍ଲାବ୍ ମଧ୍ୟରେ ସେଗୁଡ଼ିକୁ ରଖାଯାଇଛି। ତେଣୁ ରାଜସ୍ୱ ଭରଣାରେ ସରକାରଙ୍କ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ଏହାଦ୍ୱାରା ରାଜ୍ୟମାନଙ୍କର ଟିକସ ରାଜସ୍ୱ ହାନି ନେଇ ଯେଉଁ ଅଭିଯୋଗ ଓ ଭରଣା ଦାବିମାନ ଆସିବ ତାହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ।

## ସ୍ୱପ୍ନରେ ଅଙ୍କୁଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧୀ ଅସୂୟା ଉତ୍କଟ ହେଉଛି। ଏହା ଯେ ଉଭୟଦେଶ ପାଇଁ ଅହିତ ତାହା ବୁଝିବା ସ୍ଥିତିରେ ଟ୍ରମ୍ପ ନାହାନ୍ତି। ଭାରତର ରପ୍ତାନି ବାଣିଜ୍ୟ ପରେ ଟ୍ରମ୍ପଙ୍କ ରୋଷର ଶିକାର ହେବାକୁ ଯାଉଛନ୍ତି ଆମେରିକାରେ ପାଠପଢ଼ି ସେଠାରେ ଚାକିରି ଖୋଜିବାକୁ ସ୍ୱପ୍ନ ଦେଖୁଥିବା ପ୍ରବାସୀ ଛାତ୍ରଛାତ୍ରୀ। ଆମେରିକାରେ ପ୍ରଚଳିତ ନିୟମ ଓ ସର୍ତ୍ତ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏଫ୍-୧ ଓ ଜେ ଆକାରରେ ଦୁଇପ୍ରକାର ଭିସା ଦିଆଯାଉଛି। ଏଫ୍-୧ ଭିସାଧାରୀମାନଙ୍କ ପାଖରେ ଛାତ୍ର ମାନ୍ୟତା ଥିବା ପର୍ଯ୍ୟନ୍ତ ଆମେରିକାରେ ରହିପାରୁଛନ୍ତି। ଗୋଟିଏ ପାଠ୍ୟକ୍ରମ ସରିବା ପରେ ଅନୁରୋଧ ଆଧାରରେ ଆମେରିକାର ଶିକ୍ଷାନୁଷ୍ଠାନମାନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅବଧି ବୃଦ୍ଧି ପାଇଁ ସୁପାରିସ କରୁଛନ୍ତି। ଏହାଦ୍ୱାରା ସେମାନେ ସେଠାରେ ରହି ଚାକିରି ଖୋଜିବା ସହଜ ହେଉଛି। ପାଠପଢ଼ା ଅବଧି ପରେ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ରହିବାର ଅନୁମତି ମିଳୁଛି। ଏହି ନିୟମକୁ ଏବେ ଟ୍ରମ୍ପ ପ୍ରଶାସନ ସଂଶୋଧନ କରିବାର ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଆମେରିକାର ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି(ଡିଏଚ୍‌ଏସ୍) ଦ୍ୱାରା ପ୍ରଣୀତ ସଂଶୋଧିତ ଚିଠା ନିୟମ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କୁ ୪ ବର୍ଷ କିମ୍ବା ପାଠ୍ୟକ୍ରମ ଅବଧି ମଧ୍ୟରୁ ଯାହା କମ୍ ଥିବ ସେତିକି ଦିନ ପାଇଁ ଭିସା ଅନୁମତି ମିଳିବ। ଏହାପରେ ଛାତ୍ରଛାତ୍ରୀମାନେ ସେଠାରେ ରହିବାକୁ ହେଲେ ସିଧାସଳଖ ଡିଏଚ୍‌ଏସ୍‌କୁ ଆବେଦନ କରିବାକୁ ପଡ଼ିବ। ଯଦି ଡିଏଚ୍‌ଏସ୍ ସନ୍ତୁଷ୍ଟ ହୁଏ ତେବେ ସର୍ବାଧିକ ୩୦ ଦିନ ପର୍ଯ୍ୟନ୍ତ ହିଁ ରହିବା ଅନୁମତି ମିଳିବ।

୨୦୨୩-୨୪ ତଥ୍ୟାନୁଯାୟୀ ଆମେରିକାରେ ୧୧ ଲକ୍ଷ ୨୭ ହଜାର ପ୍ରବାସୀ ଛାତ୍ରଛାତ୍ରୀ ଅଛନ୍ତି, ଯାହାଙ୍କ ମଧ୍ୟରୁ ପ୍ରାୟ ଏକ-ଚତୁର୍ଥାଂଶ ବା ୩ ଲକ୍ଷ ୩୧ ହଜାର ଭାରତୀୟ। ତେଣୁ ଟ୍ରମ୍ପଙ୍କ ନୂଆ ଭିସା ନିୟମରେ ଭାରତୀୟ ଛାତ୍ରଛାତ୍ରୀ ସର୍ବାଧିକ ପ୍ରଭାବିତ ହେବେ। କିନ୍ତୁ ଯେଉଁମାନଙ୍କୁ ଏଫ୍-୧ ଭିସା ଅନୁମତି ମିଳିସାରିଛି ସେମାନେ ନୂଆ ନିୟମରେ ପ୍ରଭାବିତ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆମେରିକାକୁ ପୁଣି ସମୃଦ୍ଧିଶାଳୀ କରିବା ଲକ୍ଷ୍ୟ(ମେକ୍ ଆମେରିକା ଗ୍ରେଟ୍ ଏଗେନ୍-ମାଗା)ରେ ଟ୍ରମ୍ପଙ୍କ ମାତ୍ରାଧିକ ରକ୍ଷଣଶୀଳ ରାଷ୍ଟ୍ରବାଦୀ ନୀତି ଆମେରିକାକୁ ତାଙ୍କ ଲକ୍ଷ୍ୟ ବିପରୀତ ଦିଗରେ ନେଇଯାଇପାରେ। ତେଣୁ ଆମେରିକାର କୁଳପତି ଓ ଅଧ୍ୟକ୍ଷ ସଂଘ ଚିଠା ନିୟମର ପୁନଃବିଚାର ପାଇଁ ଟ୍ରମ୍ପ ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। 'ମାଗା'ରେ ମଣିଷ ଗଢ଼ା ଉଦ୍ୟମର ଫଳ ଯଦି ମାଙ୍କଡ଼ର ରୂପ ନିଏ ତେବେ ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ପାଇଁ ଅହିତକର ହେବ - ଏହା ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତା ପରିଷଦ ବୁଝାଇବା ଆବଶ୍ୟକ।

# ଆମେ ଖାଉଟି ହୋଇ ରହିଗଲେ

**ଗୌରୀ ପ୍ରସାଦ ମହାପାତ୍ର**

ଆମେ ବିଶ୍ୱର ସର୍ବବୃହତ୍ ଓ ସଚଳ ଖାଉଟି ବଜାରର ଅଧିକାରୀ। ତେଣୁ ବିଦେଶୀ ଯେତେ ଶକ୍ତିଶାଳୀ ଓ ପ୍ରତିପତ୍ତିଶାଳୀ ହେଉ ପଛକେ ଆଜିର ବଜାର-ଅର୍ଥନୈତିକ ବିଶ୍ୱ ପ୍ରେକ୍ଷାପଟରେ ଆମ ସହିତ ସାଲିସ୍ କରିବାକୁ ବାଧ୍ୟ। ଏହି ଧାରଣାରୁ ଊର୍ଦ୍ଧ୍ୱକୁ ଆମେ ଯଦି ଉଠିପାରିଥା'ନ୍ତେ, ତା'ହେଲେ ଆଜି ଆମେରିକା ଚାପରେ ଅସହାୟ ହୋଇ ପଡ଼ି ନଥା'ନ୍ତେ। ଖାଉଟି ମାନସିକତା, ଶ୍ରମକାତରତା ଓ ନୀତିଗତ ଅର୍ଥବତାର କର୍ମସଂସ୍କୃତି ଭିତରେ ଆମେ ଯାହା ଯେତିକି ଉତ୍ପାଦନ କଲୁ ସେଥିରୁ ସିଂହଭାଗ ରପ୍ତାନୀ ପାଇଁ କେବଳ ଆମେରିକା ବଜାର ଉପରେ ନିର୍ଭର କରି ଅଧିକ ଲାଭ, ସୁଖ ଓ ଶାନ୍ତି ଖୋଜିଲୁ; ଅଥଚ ବିଶ୍ୱ ବଜାରର ଆହ୍ୱାନକୁ ସମ୍ମୁଖୀନ ହେବାକୁ ଆଗଭର ହେଲୁ ନାହିଁ। ଆମେରିକାର ଆମଦାନୀ ଶୁଳ୍କ ବୃଦ୍ଧିରେ ଆକ୍ରାନ୍ତ ହେବା ପରେ ଯାଇ ଏବେ ବିକଳ୍ପ ବଜାର ସନ୍ଧାନ ଆରମ୍ଭ କରିଛୁ। ଯଦିବା ଆମେ ଏଥିରେ ଆଶୁ ସଫଳତା ଲାଭ କରୁ, ତଥାପି ଯେ ବାଣିଜ୍ୟ ନିଅଣ୍ଟକୁ ଭରଣା କରିପାରିବୁ ସେ ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁନାହିଁ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମେ କେବଳ ଖାଉଟି ହୋଇ ରହିଯିବା ପଛରେ ମୁଖ୍ୟ କାରକଟି ହେଉଛି ରାଜନୈତିକ ବାଧ୍ୟବାଧକତା ଜନିତ ନୀତିଗତ ସ୍ଥାଣୁତା। ପ୍ରତିଯୋଗୀ ପ୍ରତିବେଶୀ ଚୀନ୍ ସହିତ ଆମର ତୁଳନା କରାଯାଉ। ଆମେ ସ୍ୱାଧୀନତା ଲାଭ କରିବାର ଦୁଇବର୍ଷ ପରେ ଚୀନ୍ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହେଲା। ଭାରତ ୧୯୯୧ରେ ମୁକ୍ତ ବାଣିଜ୍ୟ ଅର୍ଥନୀତିକୁ ଆପଣେଇବାର ପାଞ୍ଚ ବର୍ଷ ପରେ ଚୀନ୍ ଅର୍ଥନୈତିକ ସଂସ୍କାର ଆରମ୍ଭ କଲା। ଭାରତ ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ' ଘୋଷଣା କରିବାର ବର୍ଷକ ପରେ 'ମେକ୍ ଇନ୍ ଚାଇନା -୨୦୨୫' ପ୍ରଣୟନ ହେଲା। ଅଥଚ ଆଜି ଚୀନ୍ ତୁଳନାରେ ଆମ ସ୍ଥିତି କେଉଁଠି ତାହାର ତର୍ଜମା କଲା ବେଳେ ନିରାଶା ଓ ହତାଶା ସୃଷ୍ଟି ହେବା ସ୍ୱାଭାବିକ। ମୁକ୍ତ ଅର୍ଥନୀତିକୁ ଆପଣେଇବା ସହିତ ଚୀନ୍ ତାହାର ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଉତ୍ପାଦନଭିତ୍ତିକ କରିବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କଲା। ଅଥଚ ଆମେ ଆମର ବିଶାଳ ଖାଉଟି ବଜାର ଲବ୍ଧ ରାଜସ୍ୱ ଉପରେ ସମ୍ପୂର୍ଣ୍ଣ ଭରସା କରି ରହିଗଲୁ। ଖାଉଟି ବଜାର ଅର୍ଥନୀତି ୨୦୦୮ ଆର୍ଥିକ ମାନ୍ଦାବସ୍ଥାରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ସୁରକ୍ଷା ଦେବାରେ ସହାୟକ ହେଲା ସତ; କିନ୍ତୁ ଖାଉଟି-ଭାରତୀୟର ଛାପ ସୃଷ୍ଟି କରିଗଲା। ଫଳ ହେଲା ଆଜି ଭାରତରେ ବିଶ୍ୱର ସର୍ବାଧିକ ବିଜ୍ଞାପନ ଓ ବହୁଦେଶୀୟ କମ୍ପାନୀଙ୍କ ଭିଡ଼ ବଢ଼ିବାରେ ଲାଗିଛି।

ଆର୍ଥିକ ମାନ୍ଦାବସ୍ଥା ପରେ ପରେ ୨୦୧୦ରେ ଚୀନ୍ ଏକ ଅଭିନବ ଉତ୍ପାଦନ ନୀତି ଆପଣେଇଲା। ଅପେକ୍ଷାକୃତ କମ୍ ମୂଲ୍ୟଯୁକ୍ତ ସାମଗ୍ରୀ ନିର୍ମାଣକୁ ଭାରତ, ବାଂଲାଦେଶ, ମେକ୍ସିକୋ, ଭିଏତ୍‌ନାମ ପରି ସୁଲଭ ଶ୍ରମଭିତ୍ତିକ ଦେଶକୁ ସ୍ଥାନାନ୍ତରିତ କରି ଉଚ୍ଚମୂଲ୍ୟଯୁକ୍ତ ନିର୍ମାଣ, ଅଭିନବତା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଉତ୍ପାଦ ସବୁକୁ ନିଜ ଦେଶରେ ରଖିଲା। ସେଥିପାଇଁ ଆଜି ଏଆଇ, ମେସିନ ଲର୍ଣ୍ଣିଂ, ସବୁଜ ଶକ୍ତି ଆଦି କ୍ଷେତ୍ରରେ ଚୀନ୍ ଆମେରିକା ସହିତ କାନ୍ଧ ମିଳାଇବାର ଯୋଗ୍ୟତା ଅର୍ଜନ କରିପାରିଛି। ଚୀନ୍‌ର ଉତ୍ପାଦନ ନୀତିକୁ ସେତେବେଳେ କେତେକ ବିକାଶଶୀଳ ଦେଶ ଆପଣେଇଥିଲେ ମଧ୍ୟ ଆମେ ଆମ ମାତ୍ରାଧିକ ଆତ୍ମବିଶ୍ୱାସ ଏବଂ ଖର୍ବକାୟ ଶିଳ୍ପ-ବାଣିଜ୍ୟ ନୀତିକୁ ଜାବୁଡ଼ି ଧରି ସେଥିରୁ ଦୂରେଇ ରହିଲୁ। ଯଦି ଆମେ ସେତେବେଳେ ଚୀନ୍ ସୁଲଭ ବିଶ୍ୱ ନିର୍ମାଣ ହବ୍ ପ୍ରତିଷ୍ଠା କରି ଭାରତୀୟ ଉତ୍ପାଦକୁ ବହୁମୁଖୀ କରିଥା'ନ୍ତୁ ଏବେ ସେହିସବୁ କେନ୍ଦ୍ରରୁ ଉତ୍ପାଦିତ ଭାରତୀୟ ସାମଗ୍ରୀ ଶୁଳ୍କ କଟକଣାରୁ ମୁକ୍ତ ରହି ଆମେରିକା ବଜାରରେ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ପ୍ରବେଶ କରିପାରିଥା'ନ୍ତା ଏବଂ ଭାରତୀୟ ବାଣିଜ୍ୟ-ଅର୍ଥନୀତିକୁ ଚିନ୍ତାମୁକ୍ତ କରିପାରିଥା'ନ୍ତା।

ଖାଉଟି-ଭାରତୀୟରୁ ଉତ୍ପାଦକ-ଭାରତୀୟ ହେବାର ରାସ୍ତାରେ ଆଉ ଏକ ପ୍ରତିବନ୍ଧକ ଥିଲା ଆମ ରାଜନୈତିକ ସ୍ଥିତି ଓ ଶାସନ ବ୍ୟବସ୍ଥା। ବିଗତ ଶତାବ୍ଦୀର ଶେଷ ଦଶନ୍ଧିରୁ ଚଳିତ ଶତାବ୍ଦୀର ପ୍ରଥମ ଦେଢ଼ ଦଶନ୍ଧିରେ ମେଣ୍ଟ ସରକାରର ବାଧ୍ୟବାଧକତା ଯୋଗୁଁ ଅନେକ ଅତ୍ୟାବଶ୍ୟକ ଓ ଯୁଗୋପଯୋଗୀ ନୀତିଗତ ସଂସ୍କାର କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରବର୍ତ୍ତୀ ଦଶନ୍ଧିରେ ମେଣ୍ଟ ଶାସନର ବାଧ୍ୟବାଧକତା ଦୂର ହେଲା, ଅଥଚ କେନ୍ଦ୍ରରେ ବିରୋଧୀ ପ୍ରଭାବଶୂନ୍ୟ ନିରଙ୍କୁଶ ଶାସନ ନୀତିଗତ ସଂସ୍କାର ଦିଗରେ ମନ ବଳାଇଲା ନାହିଁ। ସଂସ୍କାର ସହିତ ପ୍ରତିଯୋଗିତାର ତୀବ୍ରତା ଜଡ଼ିତ ଥିବାରୁ ଭାରତୀୟ ଶିଳ୍ପ ଜଗତକୁ ସରକାର ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ, ଯାହାର ପରାଭବ ଆମକୁ ଆଜି ଭୋଗ କରିବାକୁ ପଡୁଛି।

୨୦୧୪ରେ ଆମେ ଆତ୍ମନିର୍ଭରଶୀଳତାର ସ୍ଲୋଗାନ୍ ଦେଇ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କଲୁ। ଆଶା ଥିଲା ଖାଉଟି-ଭାରତର ଅପବାଦ ଲିଭି ଉତ୍ପାଦକର ସମ୍ମାନ ମିଳିବ। କିନ୍ତୁ ଆମେ 'ମେକ୍ ଇନ୍ ଇଣ୍ଡିଆ'ର ପ୍ରଚାରରେ ଯେତିକି ମୁଖର ହେଲୁ ବାସ୍ତବତାଠାରୁ ସେତିକି ଦୂରେଇଗଲୁ। ଅପରପକ୍ଷରେ ପ୍ରତିବେଶୀ ଚୀନ୍ ଡବ୍ଲୁଟିଓର ନୀତି ଓ ସର୍ତ୍ତର ଊର୍ଦ୍ଧ୍ୱରେ ତା'ର ଉତ୍ପାଦକଙ୍କୁ ସରକାରୀ ପ୍ରୋତ୍ସାହନ ଓ ସୁରକ୍ଷା ଦେଇ ବିଶ୍ୱ ପ୍ରତିଯୋଗୀକ୍ଷମ କରିବା ପାଇଁ 'ମେକ୍ ଇନ୍ ଚୀନ୍-୨୦୨୫' ଯୋଜନାକୁ ସମ୍ପୂର୍ଣ୍ଣ ଗୋପନ ରଖିଲା। ପୁଣି ବିଦେଶୀ ନିବେଶକମାନଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଭଳି କଠୋର ସର୍ତ୍ତ ଧାର୍ଯ୍ୟ କଲା। ଏ ବିଷୟରେ ଅବଶିଷ୍ଟ ବିଶ୍ୱ ଜାଣିବା ବେଳକୁ ଚୀନ୍‌ର ସାମଗ୍ରୀ ବିଶ୍ୱବଜାରରେ ଆଧିପତ୍ୟ ବିସ୍ତାର କରିସାରିଥିଲା। ଏପରିକି ଭାରତରେ ଉତ୍ପାଦିତ ନିର୍ମାଣ ସାମଗ୍ରୀ ତୁଳନାରେ ଚୀନ୍‌ରୁ ଆମଦାନୀ ସାମଗ୍ରୀ ବହୁ କମ୍ ଦାମରେ ଉପଲବ୍ଧ। ବିଶ୍ୱ ଅର୍ଥନୈତିକ ମଞ୍ଚର ସୂଚନା ଅନୁଯାୟୀ, ସମ୍ପ୍ରତି ଚୀନ୍ ବିଶ୍ୱର ସବୁଜ ଜ୍ଞାନକୌଶଳର ୭୫%, ସୌରଚାଳିତ ଶକ୍ତିର ୮୦%, ଇଭିରେ ସିଂହଭାଗ ଦଖଲ କରିସାରିଛି। ରୋବୋଟିକ୍ ଓ ଇଞ୍ଜିନିୟରିଂରେ ଆମେରିକା ସହିତ ପାଦ ମିଳାଇ ପାରିଛି। ୧୯୯୬ରେ ବିଶ୍ୱ ରପ୍ତାନିଭିତ୍ତିକ ଉତ୍ପାଦନରେ ମାତ୍ର ୪% ଅବଦାନ ଥିବା ଚୀନ୍‌ର ଅଂଶ ଏବେ ୩୦%। ଭାରତର ଅଂଶ ୧.୮%ରୁ ସାମାନ୍ୟ ଅଧିକ।

ଆମର ଖାଉଟି ମାନସିକତା, ଉତ୍ପାଦନରେ ନୀତିଗତ ଜଡ଼ତା ଓ ବିକଳ୍ପ ସନ୍ଧାନର କାତରତା ଯୋଗୁଁ ବିଗତ ୩୩ ବର୍ଷ ଧରି ଆମର ହାରାହାରି ଅଭିବୃଦ୍ଧି ହାର ୬.୨%ରେ ସୀମିତ। ଗତ ଦୁଇଦଶନ୍ଧି ମଧ୍ୟରେ ଆମ ଦେଶରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ପରିମାଣ ଜିଡିପିର ହାରାହାରି ୨-୨.୫%। ଏବେ ତାହା ୧୯୯୦ ପୂର୍ବ ସ୍ଥିତି ୧%କୁ ହ୍ରାସ ପାଇଛି। ଏଫ୍‌ଡିଆଇର ଶିଥିଳତା ପଛରେ ମଧ୍ୟ ଥିଲା ଆମର ମାତ୍ରାଧିକ ଆତ୍ମବିଶ୍ୱାସ ପ୍ରେରିତ ନୀତିଗତ ନିଷ୍ପତ୍ତି ବା 'ଦ୍ୱିପାକ୍ଷିକ ନିବେଶ ଚୁକ୍ତି(ବିଆଇଟି)।' ୨୦୧୫ରେ ପ୍ରଣୀତ ଏହି ନୀତି ଅନୁଯାୟୀ ଯଦି ବିଦେଶୀ ଓ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରତିଷ୍ଠିତ ଯୌଥ ଉଦ୍ୟୋଗରୁ କୌଣସି ସଂସ୍ଥା ଓହରିବାକୁ ଚାହାନ୍ତି ତେବେ ସେମାନେ ଭାରତୀୟ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ। ଏହି ନୀତି ପ୍ରଣୟନ ବେଳେ ଆମେ ନିଶ୍ଚିତ ହୋଇସାରିଥିଲୁ ଯେ ଆମର ବିଶାଳ ଖାଉଟି ବଜାର ପ୍ରତି ଆକୃଷ୍ଟ ହୋଇ ଯେକୌଣସି ବିଦେଶୀ ସଂସ୍ଥା ଆମ ମାଟିରେ ଶିଳ୍ପ ପ୍ରତିଷ୍ଠା କିମ୍ବା ନିବେଶ କରିବା ପାଇଁ ଧାଇଁ ଆସିବେ, ଯାହାଙ୍କୁ ଆମେ ଆମ ଆଇନ କାନୁନ୍ ଦ୍ୱାରା ବାନ୍ଧି ରଖିପାରିବୁ। କିନ୍ତୁ ଆମ ବିଲମ୍ବିତ ନ୍ୟାୟିକ ପ୍ରକ୍ରିୟା ଯୋଗୁଁ ବିଦେଶୀ ସଂସ୍ଥା ତ ଏହି ସର୍ତ୍ତରେ ରାଜି ହେଲେ ନାହିଁ, ଅଧିକନ୍ତୁ ଯୌଥ ଉଦ୍ୟୋଗର ଭାରତୀୟ ସଂସ୍ଥାମାନେ ବିଦେଶୀ ବିଚାର ବ୍ୟବସ୍ଥା ଅଧୀନସ୍ଥ ହେବାକୁ ଅଧିକ ଇଚ୍ଛୁକ ହେଲେ।

ଆମେ ଏବେ ଔଷଧ ଉତ୍ପାଦନ ଓ ରପ୍ତାନୀରେ ଅଗ୍ରଣୀ ରାଷ୍ଟ୍ର, ଅଥଚ ଏହାର କଞ୍ଚାମାଲ୍‌ର ୮୦% ଚୀନ୍ ଉପରେ ନିର୍ଭରଶୀଳ। ଆମର ଯେଉଁ ରପ୍ତାନିଭିତ୍ତିକ ବୟନ ଶିଳ୍ପ ଆମେରିକା ବଜାରରେ ଆଦୃତ ବୋଲି ଦାବି କରୁଛୁ, ତାହାର କଞ୍ଚାମାଲ୍ ବା କପାର ସିଂହଭାଗ ଆମେରିକାରୁ ଆସୁଛି। ଆମ ପରିସ୍ଥିତି ଏପରି ହୋଇଛି ଯେ ଆମେରିକା ଭାରତୀୟ ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ଆମେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ୦% ଶୁଳ୍କରେ ଆମେରିକାରୁ କପା ଆମଦାନୀ ପାଇଁ ଅନୁମତି ଦେଇଛୁ। ଏଥିରୁ ଆତ୍ମନିର୍ଭର ଭାରତର ବିବଶତା କେତେ ତାହାର ଅଧିକ ବିଶ୍ଳେଷଣ ଅନାବଶ୍ୟକ।

କୃଷି କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ଅଶୋଧିତ ତୈଳ ପରେ ଡାଲି ଓ ଖାଇବା ତେଲ ଚାହିଦା ପୂରଣ ପାଇଁ ଆମେ ଆମଦାନୀ ଉପରେ ନିର୍ଭରଶୀଳ। ଭାରତରେ ଡାଲି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ନୀତିଗତ ବୈଷମ୍ୟ ଆମ ଆମଦାନୀ ନିର୍ଭରଶୀଳତାକୁ ବୃଦ୍ଧି କରିଚାଲିଛି। ଉଦାହରଣସ୍ୱରୂପ ମୁଗଡାଲିର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୮, ୬୮୨ ଟଙ୍କା ଥିବା ବେଳେ ଖୋଦ୍ ସରକାରୀ ସଂସ୍ଥା ଖୋଲା ବଜାରରୁ କ୍ୱିଣ୍ଟାଲ୍ ପିଛା ୬ ହଜାର ଟଙ୍କାରେ କିଣୁଛି। ସୋୟାବିନ୍‌ର ମଧ୍ୟ ସମାନ ଅବସ୍ଥା। ଏଭଳି ସ୍ଥିତିରେ ଚାଷୀମାନେ କେବଳ ଏମ୍‌ଏସ୍‌ପି ପ୍ରାଧାନ୍ୟ ଧାନ ଓ ଗହମ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ସ୍ୱାଭାବିକ। ସେହିପରି ଆମେ ଏବେ ମୋଟ ଖାଇବା ତେଲ ଚାହିଦାର ମାତ୍ର ୪୦% ଉତ୍ପାଦନରେ ସକ୍ଷମ ଥିବା ବେଳେ ୬୦% ଆମଦାନୀ ଦ୍ୱାରା ପୂରଣ ହେଉଛି। ବିଡ଼ମ୍ବନା ହେଲା ଆମଦାନୀ ଭିତ୍ତିକ ଖାଇବା ତେଲ ଘରୋଇ ଉତ୍ପାଦ ତୁଳନାରେ ବହୁ ଶସ୍ତାରେ ମିଳୁଛି।


ଏବେ ସମୟ ଆସିଛି ଆମେ ଉପଭୋକ୍ତାରୁ ଉତ୍ପାଦକ ହେବାର ମାନସିକତାକୁ ଉନ୍ନୀତ ହେବାକୁ ପଡ଼ିବ। ଏଥିପାଇଁ ଶିଳ୍ପଗୋଷ୍ଠୀ, ଶ୍ରମବଜାର ଓ ସର୍ବୋପରି ନୀତି ନିର୍ଦ୍ଧାରକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯେଉଁ ଦେଶର ଭୋଟ ରାଜନୀତିରେ ୮୦ କୋଟି ପରିବାରକୁ ମାଗଣା ରାସନ୍ ଜରିଆରେ ଖାଉଟି ବ୍ୟବସ୍ଥାର ବାଧ୍ୟବାଧକତା ଭିତରକୁ ଠେଲି ଦିଆଯାଇଛି, ସେଠାରେ ଉତ୍ପାଦକ ମନସ୍କ ପରିବେଶ ସୃଷ୍ଟି ହେବ କେବେ ଓ କେମିତି?

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ୟୁରାନସର ୨୯ ତମ ଚନ୍ଦ୍ର

**ଡ. ବିଜୟ କେତନ ପଟ୍ଟନାୟକ**

ୟୁରାନସ୍ ସୌରମଣ୍ଡଳର ସପ୍ତମ ଗ୍ରହ। ସୌର ମଣ୍ଡଳର କେନ୍ଦ୍ରବିନ୍ଦୁ ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି ଓ ସପ୍ତମରେ ୟୁରାନସ୍ ଗ୍ରହର ଅବସ୍ଥିତି। ୟୁରାନସ୍ ପଛକୁ ରହିଛି ନେପଚୁନ୍ ଓ ବାମନ ଗ୍ରହ ପ୍ଲୁଟୋ। ସୂର୍ଯ୍ୟଙ୍କଠାରୁ ଏହି ଗ୍ରହର ଦୂରତା ହାରାହାରି ୨.୮୭ ବିଲିୟନ କିଲୋମିଟର (୧ବିଲିୟନ=୧୦୦ କୋଟି)। ସୂର୍ଯ୍ୟଙ୍କ ଠାରୁ ଉତ୍ପନ୍ନ ସୂର୍ଯ୍ୟକିରଣ ୟୁରାନସ୍ ଗ୍ରହରେ ପହଞ୍ଚିବାକୁ ସମୟ ଲାଗେ ୨ଘଣ୍ଟା ୪୦ ମିନିଟ୍। ଏହି ଗ୍ରହଟିକୁ ବରଫାବୃତ ଗ୍ରହ କୁହାଯାଏ। କାରଣ ଗ୍ରହରେ ମହଜୁଦ୍ ଆମୋନିଆ, ମିଥେନ୍ ଗ୍ୟାସ୍, ଜଳ ଓ ହାଇଡ୍ରୋକାର୍ବନ ହିମୀକୃତ ଅବସ୍ଥାରେ ଅଛି। ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂରି ଆସିବାକୁ ୟୁରାନସ୍‌କୁ ଆମ ପୃଥିବୀର ବର୍ଷ ଅନୁପାତରେ ୮୪ ବର୍ଷ ବା ୩୦, ୬୮୭ ଦିନ ସମୟ ଲାଗିଥାଏ। ପ୍ରଦକ୍ଷିଣ ସମୟରେ ଗ୍ରହର ବେଗ ଘଣ୍ଟା ପ୍ରତି ୨୪, ୬୦୭ କିଲୋମିଟର ଅଟେ। ନିଜର ଅକ୍ଷଦଣ୍ଡ ସହ ୯୮ ଡିଗ୍ରୀ ବକ୍ର ରହିଥିବାରୁ, ପ୍ରଦକ୍ଷିଣ ସମୟରେ ଏହାର ମେରୁ ଅଞ୍ଚଳ ଯଥାକ୍ରମେ ୪୨ ବର୍ଷ ଧରି ସୂର୍ଯ୍ୟାଲୋକ ପ୍ରାପ୍ତ ହୁଏ ଏବଂ ୪୨ ବର୍ଷ ଅନ୍ଧକାରାଚ୍ଛନ୍ନ ରୁହେ।




ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ୟୁରାନସ୍‌ର ଦୁଇଟି ଚନ୍ଦ୍ର ଟାଇଟାନିଆ ଓ ଓବେରନ୍ ଆବିଷ୍କୃତ ହୋଇଥିଲେ। ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ 'ହରଶ୍ଚେଲ' ଏହାକୁ ପ୍ରଥମେ ଠାବ କରିଥିଲେ। ଉପଗ୍ରହ 'ଟାଇଟାନିଆ' ବୃହତ୍ତମ। ଏହାର ବ୍ୟାସ ୧୫୬୮ କିଲୋମିଟର। ସୌରମଣ୍ଡଳର ଅନ୍ୟ ଗ୍ରହମାନଙ୍କର ଚନ୍ଦ୍ର ମଧ୍ୟରେ ଏହି ଉପଗ୍ରହଟି ଅଷ୍ଟମ ସର୍ବାଧିକ ବୃହତ୍ତମ। ପୃଥିବୀର ଉପଗ୍ରହ ଚନ୍ଦ୍ରର ବସ୍ତୁତ୍ୱ ତୁଳନାରେ ଟାଇଟାନିଆର ବସ୍ତୁତ୍ୱ ୨୦ ଭାଗରୁ ୧ ଭାଗ।

ଗତ ଅଗଷ୍ଟ ୨୦ ତାରିଖରେ ଜେମ୍ସ ୱେବ ସ୍ପେସ୍ ଟେଲେସ୍କୋପ ଠାବ କରିଥିବା ଉପଗ୍ରହକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୟୁରାନସ୍ ଗ୍ରହର ଉପଗ୍ରହ ବା ଚନ୍ଦ୍ର ସଂଖ୍ୟା ୨୯ ରେ ପହଞ୍ଚିଛି। ଏହି ୨୯ ତମ ଉପଗ୍ରହର ବ୍ୟାସ ୯.୭ କିଲୋମିଟର ଏବଂ ପ୍ରତି ୯.୬ ଘଣ୍ଟାରେ ଏହା ମୂଳ ଗ୍ରହ ୟୁରାନସ୍‌କୁ ପ୍ରଦକ୍ଷିଣ କରିଥାଏ। ୟୁରାନସ୍‌ର ୨୯ଟି ଚନ୍ଦ୍ରଙ୍କ ମଧ୍ୟରୁ ୫ଟି ବୃହତ୍ ବା ପ୍ରମୁଖ, ୧୪ଟି ଆଭ୍ୟନ୍ତରୀଣ ଏବଂ ଅନ୍ୟ ଦଶଟି ଅନିୟମିତ। ବୃହତ୍ ଚନ୍ଦ୍ରଙ୍କ ମଧ୍ୟରେ ଦୁଇଟିର ଆବିଷ୍କାର ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ ୱିଲିୟମ ହରଶ୍ଚେଲ୍ କରିଥିବା ବେଳେ ଅନ୍ୟ ତିନୋଟି ଅଣ୍ଡାକୃତି ଉପଗ୍ରହ ଯଥାକ୍ରମେ ୧୮୫୧ ମସିହାରେ ୱିଲିୟମ ଲାସେଲ ଏବଂ ୧୯୪୮ରେ ଗୋରାର୍ଡ କୁପର କରିଥିଲେ। ଏହି ତିନୋଟି ଉପଗ୍ରହର ନାମ ମିରାଣ୍ଡା, ଏରିଏଲ୍ ଓ ଆମ୍ବ୍ରିଏଲ୍। ୧୯୮୫ ମସିହା ପରେ ଅନ୍ୟ ଉପଗ୍ରହଗୁଡ଼ିକୁ 'ଭଏଜର-୨' ମହାକଶ ଯାନରୁ ଏବଂ ଭୂପୃଷ୍ଠରୁ ଉନ୍ନତ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଯଥା ହବଲ୍ ସ୍ପେଶ୍ ଟେଲେସ୍କୋପ ଦ୍ୱାରା ଆବିଷ୍କୃତ ହୋଇଥିଲା। କିନ୍ତୁ ନିକଟରେ ଅଧିକ ଶକ୍ତିଶାଳୀ ଜେମ୍‌ସ ୱେବ ଟେଲେସ୍କୋପ ସାହାଯ୍ୟରେ ଠାବ କରାଯାଇଥିବା ୨୯ ତମ ଚନ୍ଦ୍ରଟି ଆକୃତିରେ ଏତେ ଛୋଟ ଯେ ତାହା ସେ ସମୟରେ ଅନାବିଷ୍କୃତ ହୋଇ ରହିଯାଇଥିଲା।

ଆମେରିକାର ମାନହାଟନ ସହରଠାରୁ ଯଥେଷ୍ଟ ଛୋଟ ଏହି ଉପଗ୍ରହଟି ବୈଷୟିକ ନାମକରଣ କରାଯାଇଛି ଏସ୍ / ୨୦୨୫ ୟୁ-୧। କିନ୍ତୁ ବିଧିବଦ୍ଧ ଭାବରେ ଏହାର ନାମକରଣ କରିବେ ଆନ୍ତର୍ଜାତୀୟ ଜ୍ୟୋତିର୍ବିତ ସଂଘ। ପୂର୍ବରୁ ୱିଲିୟମ ହରଶ୍ଚେଲ୍ ଆବିଷ୍କାର କରିଥିବା ଦୁଇଟି ଚନ୍ଦ୍ରର ନାମକରଣ ଗ୍ରୀକ୍ ପୌରାଣିକ ଚରିତ୍ର ଉପରେ ପର୍ଯ୍ୟବସିତ ନ କରି ତତ୍କାଳୀନ ଇଂରାଜୀ ସାହିତ୍ୟର ଖ୍ୟାତନାମା ଚରିତ୍ରକୁ ନେଇ ନାମିତ କରିଥିଲେ। ତଦନୁଯାୟୀ ୱିଲିୟମ ସେକ୍ସପିୟରଙ୍କ 'ଏମିଡ୍ ସମର ନାଇଟସ୍ ଡ୍ରିମ' ଏବଂ ଆଲେକଜାଣ୍ଡାର ପୋପଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟର 'ଦଟେମ୍ପେଷ୍ଟ ଏବଂ 'ଏମିଡ୍ ସମର ନାଇଟସ୍ ଡ୍ରିମ୍' ଏବଂ ଆଲେକ୍ଜାଣ୍ଡାର ପୋପଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟରଙ୍କ 'ଦ ଟେମ୍ପେଷ୍ଟ' ଓ 'ମଚ୍ ଏଡୋ ଆବାଉଟ୍ ନଥିଙ୍ଗ' ପୁସ୍ତକର ଚରିତ୍ରରୁ ନିଆଯାଇଛି। ଆଶା କରାଯାଏ ୟୁରାନସ୍ ଗ୍ରହର ୨୯ ତମ ଚନ୍ଦ୍ରର ନାମକରଣ ମଧ୍ୟ ପୂର୍ବ ପ୍ରଥାନୁଯାୟୀ ଇଂରାଜୀ ସାହିତ୍ୟର ଏକ ବଳିଷ୍ଠ ଚରିତ୍ରକୁ ନେଇ କରାଯାଇପାରେ।

(ପୂର୍ବତନ ପି.ସି.ସି.ଏଫ୍, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ହନୁମାନଙ୍କ ସହ ପୂଜା ପାଆନ୍ତି ଅହିରାବଣ ଓ ମହିରାବଣ

**ଓଜସ୍ୱିନୀ**

**ବିଚିତ୍ର ବିଶ୍ୱାସ**

ଭାରତର ଧର୍ମବିଶ୍ୱାସର ବୈଚିତ୍ର୍ୟ ଯୋଗୁଁ କେବଳ ଦେବୀଦେବତା ନୁହନ୍ତି, ଅସୁରଅସୁରୁଣୀମାନେ ମଧ୍ୟ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି। ଏହି ଦେବଲୀଳାଭୂମିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଆସୁରିକ ଶକ୍ତିକୁ ଈଶ୍ୱରୀୟ ଶକ୍ତିରେ ପରିଣତ କରିଦେଇଛି। କେତେକ ମନ୍ଦିରରେ ଅସୁର ପୂଜା ପାଉଥିବା ବେଳେ ଆଉ କେତେକ ସ୍ଥାନରେ ଦେବଦେବୀଙ୍କ ସହ ଅସୁରମାନେ ପୂଜିତ ହେଉଛନ୍ତି। ଏହିକ୍ରମରେ ଭାରତରେ ଅହିରାବଣ ଓ ମହିରାବଣ ପୂଜା ପାଇବା ଅବିଶ୍ୱସନୀୟ ନୁହେଁ।

ପୌରାଣିକ କଥା ଅନୁସାରେ ଅହିରାବଣ ଓ ମହିରାବଣ ହେଉଛନ୍ତି ରାବଣଙ୍କ ଦୁଇ ଭାତ୍ରା। ଆସୁରିକ ପ୍ରବୃତ୍ତି ସତ୍ତ୍ୱେ ଭାରତର ଅନେକ ସ୍ଥାନରେ ଏହି ଦୁଇ ଅସୁରଙ୍କୁ ପୂଜା କରାଯାଉଛି। ଭାରତରେ କେତେକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନଙ୍କ ସହିତ ଏହି ଅସୁରଦ୍ୱୟ ପୂଜା ପାଇଥା'ନ୍ତି। ଏହିସବୁ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ଦ୍ୱାରା କର୍ମପଥରେ ଆସୁଥିବା ବାଧାବିଘ୍ନ ଦୂର ହେବା ସହିତ ଶତ୍ରୁଭୟ ରହେ ନାହିଁ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ଏଭଳି ଗୋଟିଏ ମନ୍ଦିର ହେଉଛି - ଚିନ୍ତାହରଣ ହନୁମାନ ମନ୍ଦିର।

ଉତ୍ତର ପ୍ରଦେଶର ଝାନ୍ସୀ ନିକଟସ୍ଥ ପଞ୍ଚକୁଇଁଆ ଅଞ୍ଚଳରେ ଥିବା 'ଚିନ୍ତାହରଣ ହନୁମାନ ମନ୍ଦିର'ରେ ହନୁମାନଙ୍କର ୫ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା ରହିଛି ଏବଂ ତାଙ୍କର ଦୁଇ କାନ୍ଧ ଉପରେ ପ୍ରଭୁ ଶ୍ରୀରାମ ଓ ଲକ୍ଷଣ ବିରାଜମାନ କରିଛନ୍ତି। ହନୁମାନଙ୍କ ପାଦ ତଳେ ଜଣେ ତନ୍ତ୍ର ଦେବୀ ଅଛନ୍ତି। ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ହନୁମାନଙ୍କ ସହିତ ଅହିରାବଣ ଓ ତାଙ୍କ ଭାଇ ମହିରାବଣ ମଧ୍ୟ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଯେ, ମଙ୍ଗଳବାର ଦିନ ମନ୍ଦିରରେ ଅଟାରେ ପ୍ରସ୍ତୁତ ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

ଏହି ମନ୍ଦିରର ବିଶେଷତ୍ୱ ହେଉଛି, ମନସ୍କାମନା ପୂର୍ଣ୍ଣ ହେବା ପରେ ଭକ୍ତମାନେ ଯେଉଁ ବସ୍ତୁ ଦାନ କରନ୍ତି, ସେଗୁଡ଼ିକ ହନୁମାନଙ୍କ ସହିତ ଅହିରାବଣ ଓ ମହିରାବଣଙ୍କୁ ସମର୍ପଣ କରାଯାଏ। ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି, ପୂଜାରୀଙ୍କ ବ୍ୟତୀତ ମୂର୍ତ୍ତିକୁ କେହି ମଧ୍ୟ ସ୍ପର୍ଶ କରିପାରିବେ ନାହିଁ। ମନ୍ଦିର ନିକଟରେ ହନୁମାନଙ୍କ ପୁତ୍ର ମକରଧ୍ୱଜଙ୍କର ମଧ୍ୟ ଗୋଟିଏ ମନ୍ଦିର ଅଛି। ହନୁମାନ ଓ ଅହିରାବଣ ମଧ୍ୟରେ ହୋଇଥିବା ଯୁଦ୍ଧ ଆଧାରରେ ଏହି ମୂର୍ତ୍ତି ନିର୍ମାଣ ହୋଇଛି ବୋଲି କୁହାଯାଏ।

ରାମାୟଣର ଲଙ୍କାକାଣ୍ଡରେ ବର୍ଣ୍ଣିତ ଏକ କଥା ଅନୁଯାୟୀ ଶ୍ରୀରାମ ଓ ରାବଣଙ୍କ ଯୁଦ୍ଧ ସମୟରେ ମହିରାବଣ ମାୟାବୀ ଶକ୍ତିର ପ୍ରୟୋଗ କରି ଶ୍ରୀରାମଙ୍କ ସେନାରେ ଯୋଗ ଦେଇଥିଲେ। ରାତ୍ରିରେ ସେ ଶ୍ରୀରାମ ଓ ଲକ୍ଷଣଙ୍କୁ ମୂର୍ଚ୍ଛିତ କରି ଅପହରଣ କରିନେଇ ପାତାଳଲୋକ ଚାଲି ଯାଇଥିଲେ। ପାତାଳଲୋକରେ ମହିରାବଣ ଓ ଅହିରାବଣ ପ୍ରଭୁ ଶ୍ରୀରାମ ଓ ଲକ୍ଷଣଙ୍କୁ ବଳି ଦେବା ପାଇଁ ଯୋଜନା କରିଥିଲେ। ରାତିପାହିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ନଦେଖି ବାନରସେନା ସନ୍ଧାନ ଆରମ୍ଭ କଲେ। ସଙ୍କଟମୋଚନ ଭକ୍ତଶ୍ରେଷ୍ଠ ହନୁମାନ ଦିବ୍ୟଦୃଷ୍ଟି ଦ୍ୱାରା ମହିରାବଣଙ୍କ ସମ୍ପର୍କରେ ଜାଣିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ଉଦ୍ଧାର କରିବା ପାଇଁ ପାତାଳଲୋକକୁ ଯାଇଥିଲେ। ଏଥିପାଇଁ ହନୁମାନଙ୍କୁ ପୁତ୍ର ମକରଧ୍ୱଜ ସହାୟତା କଲେ। ହନୁମାନ ଓ ଅହିରାବଣଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ହନୁମାନ ପଞ୍ଚମୁଖ ସ୍ୱରୂପ ଧାରଣ କରି ଅସୁରକୁ ପରାସ୍ତ କଲେ ଏବଂ ଶ୍ରୀରାମ ଓ ଲକ୍ଷଣଙ୍କୁ ସୁରକ୍ଷିତ ଫେରାଇ ଆଣିଲେ।

ଏହି ପୌରାଣିକ କଥାକୁ ଭିତ୍ତି କରି ମଧ୍ୟପ୍ରଦେଶର ଇନ୍ଦୋର୍ ଜିଲ୍ଲାର ସାନୱେର୍‌ଠାରେ ମଧ୍ୟ ହନୁମାନଙ୍କର ଏକ ବିଚିତ୍ର ମନ୍ଦିର ଅଛି, ଯେଉଁଠି ହନୁମାନଙ୍କ ମୂର୍ତ୍ତି ଓଲଟା ସ୍ୱରୂପରେ ପୂଜା ପାଇଥା'ନ୍ତି। ଅର୍ଥାତ୍ ହନୁମାନ ପାତାଳପୁରକୁ ଯାଉଥିବା ଭଳି ଦୃଶ୍ୟମାନ ହୋଇଥାଏ। ହନୁମାନଙ୍କ ମୁଖ ତଳକୁ ଥିବା ବେଳେ ପାଦୁକାଦ୍ୱୟ ଉପରକୁ ରହିଛି। ଏହି ସ୍ଥାନରୁ ହନୁମାନ ପାତାଳପୁରକୁ ଗମନ କରିଥିବାର ବିଶ୍ୱାସ ରହିଥିବାରୁ ସେଠାରେ ହନୁମାନଙ୍କର ଏଭଳି ବିଚିତ୍ର ପ୍ରତିମା ନିର୍ମାଣ କରାଯାଇଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସ୍ନେହାଙ୍ଗିନୀ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ନିଯୁକ୍ତ

**ସୁମିତ୍ରା, ରାଜଶ୍ରୀ, ଲେଖାଶ୍ରୀ ବରିଷ୍ଠ ସାଧାରଣ ସମ୍ପାଦକ**
**୧୨ ବରିଷ୍ଠ ଓ ଯୁବ ନେତ୍ରୀଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ**



ଭୁବନେଶ୍ୱର,୪।୯ (ସମିସ): ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପୁଣିଥରେ ହୋଇଛନ୍ତି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ। ଏହାସହିତ ମହିଳା ବିଜେଡିକୁ ସଂଗଠିତ କରିବା ନିମନ୍ତେ ଉଭୟ ବରିଷ୍ଠ ଓ ଯୁବ ନେତ୍ରୀମାନଙ୍କୁ ମଧ୍ୟ କମିଟିରେ ନବୀନ ସ୍ଥାନ ଦେଇଛନ୍ତି। ଦଳର ବରିଷ୍ଠ ନେତ୍ରୀ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ୍, ଦୀପାଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆଙ୍କ ସାଧାରଣ ସମ୍ପାଦିକା ଭାବେ ନବୀନ ନିଯୁକ୍ତି ଦେଇଛନ୍ତି ।

## ୩ ଜିଲ୍ଲା ପାଇଁ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଭୁବନେଶ୍ୱର,୪।୯ (ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଢେଙ୍କାନାଳ, କୋରାପୁଟ ଓ ରାୟଗଡା ଜିଲ୍ଲା ପାଇଁ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବରିଷ୍ଠ ନେତା ଡ. ନୃସିଂହ ଚରଣ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ସଭାପତି ଓ ସନ୍ଦୀପ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ମିଳିଛି। କୋରାପୁଟ ଜିଲ୍ଲା ସଭାପତି ଭାବେ ଝିନ ହିକକା ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ରାୟଗଡା ଜିଲ୍ଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଲାଓ ଓ ରଞ୍ଜିତ କୁମାର ପାଣିଗ୍ରାହୀ ପାଇଛନ୍ତି ।

## ସାଇବର୍ ଠକେଇ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ଲକ୍ଷର ଚୂନ

କଟକ,୪।୯ (ସମିସ): ଅନଲାଇନ୍‌ରେ ପୁଞ୍ଜିନିବେଶ ଆଳରେ ସାଇବର୍ ଠକମାନେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଯାଜପୁର ବାଲିଚନ୍ଦ୍ରପୁରର ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର୍ ନାରାୟଣ ଚନ୍ଦ୍ର ପଣ୍ଡା। ଏ ସଂପର୍କରେ ସେ କଟକ କ୍ରାଇମବ୍ରାଞ୍ଚ୍ ସାଇବର୍ ସେଲରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଠକମାନେ ପ୍ରଥମେ ତାଙ୍କ ଆଇଟି ଇଞ୍ଜିନିୟର ପୁଅଙ୍କୁ ଟାର୍ଗେଟ୍ କରିଥିଲେ। ମାତ୍ର ୫ ଲକ୍ଷ ଟଙ୍କା ନିବେଶ କରି କମ୍ ଦିନରେ ଅଧିକ ରୋଜଗାର କରିବା ପାଇଁ ପ୍ରବର୍ତ୍ତାଇଥିଲେ। ତେବେ ଏ ସଂପର୍କରେ

**ଆଇଟି ଇଞ୍ଜିନିୟର ପୁଅ କଥାରେ ନିବେଶ କରିଥିଲେ ବାପା**

ସେ ତାଙ୍କ ବାପାଙ୍କୁ କହିଥିଲେ। ପୁଅ କଥାରେ ପଡ଼ି ନାରାୟଣ ଠକଙ୍କ କହିବାନୁଯାୟୀ, ଆର୍‌ଟିଜିଏସ୍ ଜରିଆରେ ଟଙ୍କା ଜମା କରିଥିଲେ। ଗତ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୩ ତାରିଖ, ମାତ୍ର ୪ ଦିନ ମଧ୍ୟରେ ସେ ୧୧ଟି ବ୍ୟାଙ୍କ ଆକାଉଣ୍ଟରେ ୭୩ ଲକ୍ଷ ଟଙ୍କା ସାଇବର୍ ଠକ ଜମା କରିଥିଲେ। ତାଙ୍କ ୱାଲେଟ୍‌ରେ ୧ କୋଟି ୮ ଲକ୍ଷ ଟଙ୍କା ମିଳିବ ବୋଲି ସାଇବର ଠକମାନେ ତାଙ୍କୁ କହିଥିଲେ। ତେବେ ଟିକସ ବାବଦକୁ ଠକମାନେ ଆହୁରି ତାଙ୍କ ମାଗିବାରୁ ନାରାୟଣଙ୍କ ସନ୍ଦେହ ହୋଇଥିଲା। ୱାଲେଟ୍‌ରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଛନ୍ତି।

## ବଣାଇଁ ରେଞ୍ଜରେ ପୁଣି ବାଘ ଆତଙ୍କ

**ଆକ୍ରମଣରେ ବାଛୁରୀ ମୃତ**



ବଣାଇଁ, ୪।୯ (ସମିସ): ବଣାଇଁ ରେଞ୍ଜ ସରସରା ବଲାଙ୍ଗ ସେକ୍ସନ ଦଲକି ଗ୍ରାମର ଗଣେଶ କିସାନ ଆଜି ସକାଳୁ ଗାଇ ଚରାଇବାକୁ ନେଇଥିବା ବେଳେ ଏକ ବାଛୁରୀକୁ ବାଘ ଆକ୍ରମଣ କରିଥିବା ଦାବି କରିଛନ୍ତି। ଗ୍ରାମବାସୀ ଏ ଖବର ବନ ବିଭାଗକୁ ଖବର ଦେବା ପରେ ବିଭାଗ ପକ୍ଷରୁ ଅନୁଧ୍ୟାନ ଆରମ୍ଭ ହୋଇଛି। ସମଗ୍ର ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବା ସହ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାଘର ଗତିବିଧି ଜାଣିବା ପାଇଁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। କିଛି ଦିନ ପୂର୍ବରୁ ବଣାଇଁ ରେଞ୍ଜର ଘୋଷରା ନିକଟସ୍ଥ ବେଲଡିହି ଜଙ୍ଗଲରେ ବାଘର ପାଦଚିହ୍ନ ଠାବ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ବାଘ ହୁଏତ ଦଲକି ଜଙ୍ଗଲକୁ ପଳାଇ ଆସିଥିବ, ସେନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ବାବଦରେ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ବଜ୍ରପାତରେ ଚାଷୀ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୪।୯ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ରେ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆ ସାହିର ମଙ୍ଗୁଳି ପ୍ରଧାନ। ଆଜି ମଧ୍ୟାହ୍ନରେ ସେ ଚାଷ ଜମିରେ ଘାସ ବାଛୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ୮ ମାସରେ ଏସ୍‌ସିବିରେ ଓପନ ହାର୍ଟ ସର୍ଜରୀ କରିଥିବା ୨୬ ଜଣଙ୍କ ମୃତ୍ୟୁ

**ମୃତ୍ୟୁ ସମୀକ୍ଷା ବୋର୍ଡର ରିପୋର୍ଟ ଉପସ୍ଥାପନ କର: ହାଇକୋର୍ଟ**

କଟକ, ୪।୯ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ଗତ ୮ ମାସ ମଧ୍ୟରେ ଓପନ ହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ ହୋଇଛି। ଭର୍ତ୍ତି ହୋଇଥିବା ରୋଗୀଙ୍କ ସଂଖ୍ୟାର ଏହା ଏକ ତୃତୀୟାଂଶ ହୋଇଥିବା ନେଇ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ପକ୍ଷରୁ ଏତେସଂଖ୍ୟାରେ ରୋଗୀ ମୃତ୍ୟୁକୁ ନେଇ ସମୀକ୍ଷା କରାଯାଇଛି କି ନାହିଁ ଓ ଏ ସମ୍ପର୍କିତ ବୈଠକର ବିବରଣୀ ଉପସ୍ଥାପନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ମେଡିକାଲ ଅଧୀକ୍ଷକଙ୍କ ତରଫରୁ ଏକ ସତ୍ୟପାଠ ଦିଆଯାଇଥିଲା। ଏଥିରେ ଗତ ୨୦୨୩ରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷର ଜାନୁଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୮ମାସ ମଧ୍ୟରେ ଏତେସଂଖ୍ୟକ ରୋଗୀ ମୃତ୍ୟୁ ବରଣ କରିବାକୁ ନେଇ ଅଦାଲତ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଅନ୍ୟପଟରେ ଓପନ ହାର୍ଟ ସର୍ଜରୀ ପାଇଁ ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ଅନେକ ରୋଗୀ ଭର୍ତ୍ତି ହେଲା ପରେ ମଧ ପଳାଇ ଯାଉଛନ୍ତି। ଏହି କ୍ରମରେ ଗତ ୨୦୨୩ରେ ୨୧,୨୦୨୪ରେ ୪୬ଜଣ ଓ ୨୦୨୫ର ୮ମାସ ମଧ୍ୟରେ ସର୍ବାଧିକ ୫୩ଜଣ ସର୍ଜରୀ କରିବାକୁ ଅନାଗ୍ରହ ପ୍ରକାଶ କରିଛନ୍ତି। ଏଭଳି ରୋଗୀଙ୍କ ଅନାଗ୍ରହତାର କାରଣ ସମ୍ପର୍କରେ ମଧ୍ୟ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇପିଏଲ୍ ଟିକଟ...

ହେବ। ବର୍ତ୍ତମାନ ପର୍ଯ୍ୟନ୍ତ, ଅନ୍ୟ ସ୍ୱୀକୃତିପ୍ରାପ୍ତ ମ୍ୟାଚ୍ ପାଇଁ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ଟିକଟ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେଉଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୨୨ରୁ ଭାରତରେ ଖେଳାଯିବାକୁ ଥିବା ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ୍ ଇଭେଣ୍ଟ, ମହିଳା ବିଶ୍ୱକପ୍ ଆରମ୍ଭ ହେବାର ଗୋଟିଏ ସପ୍ତାହ ପୂର୍ବରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଟିକଟ୍ ବିକ୍ରି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।

### ଶ୍ରୀନଅରରେ ସୁନିଆଁ...

ହେଲା ଏବଂ ୧୪୩୩ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି। ସୂଚନାଯୋଗ୍ୟ, ସୁନିଆଁକୁ ଗଜପତି ମହାରାଜାଙ୍କ ନବବର୍ଷ ବୋଲି ଧରାଯାଏ। ଓଡ଼ିଆଙ୍କ ପାଇଁ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ଏହିଦିନ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସ ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ଆଶୀର୍ବାଦ କରିଥା'ନ୍ତି।

### ଥାନାରେ ସିସିଟିଭି...

ଫୁଟେଜ୍ ଦାଖଲ ନକରିବା ଲାଗି ବିଭିନ୍ନ ବାହାନା ଦେଖାଉଛି।

ହାଜତମୃତ୍ୟୁକୁ ରୋକିବା ସହିତ ପାରଦର୍ଶିତା ଆଣିବା ଲାଗି ସମସ୍ତ ପୁଲିସ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ସୁପ୍ରିମ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ମାନବାଧିକାର ଉଲ୍ଲଂଘନ ରୋକିବାକୁ ଏହା ଜରୁରି। ସିସିଟିଭି ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣା ନେଇ ସୁପ୍ରିମ କୋର୍ଟ ଏହାପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶ ଦେଇଛନ୍ତି। ସିସିଟିଭି ଡାଟା ଏବଂ ରେକର୍ଡିଂ ବ୍ୟାକଅପ୍ ସୁରକ୍ଷିତ ରଖିବା ସହିତ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ଦାୟିତ୍ୱ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କର ବୋଲି କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। କୋର୍ଟ ନି ।।ର୍ଦ୍ଦେଶ ସ ।।ତ୍ତ୍ୱେ ବିଭିନ୍ନ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଛି। ଏକ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ଆଦେଶ ପାଳନ କରାଯାଉ ନଥିବାରୁ ୨୦୨୩ରେ ଜଷ୍ଟିସ ଗଭାଇ ବେଞ୍ଚ କ୍ଷୋଭ ପ୍ରକାଶ କରିଥିଲେ।

ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୦୦ରୁ ୨୦୨୨ ମଧ୍ୟରେ ବର୍ଷକୁ ୯୨ ଜଣ ବ୍ୟକ୍ତି ପୁଲିସ ହାଜତରେ ପ୍ରାଣ ହରାଇଥିଲେ। ତେବେ ୨୦୦୫ରେ ସର୍ବାଧିକ ୧୨୮ଟି ହାଜତମୃତ୍ୟୁ ହୋଇଥିବା ବେଳେ ୨୦୦୭ରେ ୧୧୮ଟି ହାଜତମୃତ୍ୟୁ ହୋଇଥିଲା।

### ହାଇକୋର୍ଟ ନିର୍ଦ୍ଦେଶ...

କି ପ୍ରକାର ନ୍ୟାୟ ମିଳୁଛି ତାହା ନିଶ୍ଚିତ ହୋଇପାରିନାହିଁ। ୨୦୨୪ ସେପ୍ଟେମ୍ବର ୧୫ ତାରିଖ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ପୁଲିସ ନିର୍ଯାତନା ମାମଲାର ଶୁଣାଣି କରି ହାଇକୋର୍ଟ ଦର୍ଶାଇଥିଲେ ଯେ କୌଣସି ଆର୍ମି ଅଫିସର ଥାନାକୁ ଆସିଲେ କିପରି ବ୍ୟବହାର କରାଯିବ ସେ ନେଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ସବୁ ଥାନାକୁ ଏସଓପି ଜାରି କରିବେ ଏବଂ ରାଜ୍ୟର ପ୍ରତ୍ୟେକ ପୁଲିସ ଅଧିକାରୀ ଏହାକୁ ଅନୁସରଣ କରିବେ। ଏହି ଏସଓପିକୁ ଠିକ ଭାବେ ଚାରିଆଡେ ପ୍ରଚାର କରାଯିବ। ଏପରିକି ପୁଲିସ ଅଧିକାରୀମାନେ କିପରି ସଚେତନ ହେବେ ସେନେଇ ପଦକ୍ଷେପ ନିଆଯିବ। ଏସଓପିକୁ ଓଡ଼ିଆରେ ପ୍ରତ୍ୟେକ ଥାନା ଏବଂ ଫାଣ୍ଡିରେ ବଣ୍ଟାଯିବ ବୋଲି ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯିବା ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀ ଏତଲା ଦେବାକୁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ରୁଜୁ କରିବା ପରିବର୍ତ୍ତେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏପରିକି ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ ଏନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଲେଟର ପିଟିସନ ଲେଖିଥିଲେ। ଏହି ଲେଟର ପିଟିସନକୁ ମାମଲା ଭାବେ ଗ୍ରହଣ କରି ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ଭରତପୁର ଥାନା ସମେତ ରାଜ୍ୟର କେତେ ଥାନାରେ ସିସିଟିଭି କ୍ୟାମେରା ଲାଗିଛି ତାହାର ରିପୋର୍ଟ ତଲବ କରିଥିଲେ।

### ଗୋଟାଏ ସ୍ଥାନକୁ...

ମାତ୍ର ସେହିଦିନ ଉତ୍ତର ଓଡ଼ିଶାର କେନ୍ଦୁଝର ଜିଲ୍ଲାର ହାଟଡିହଠାରେ ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମି ରୁ ଅଧିକ) ୨୨୫.୧ ମିମି ରେକର୍ଡ ହେଲା। ଘସିପୁରାରେ ୧୩୦.୩ ମିମି, ଆନନ୍ଦପୁର ୧୦୩.୪ ମିମି, ସେହିପରି ବାଲେଶ୍ୱର ସହରରେ ୧୩୩.୮ ମିମି, ଗୋବିନ୍ଦପୁର ଠାରେ ୧୨୩.୨ ମିମି, ରେମୁଣା ୯୧ ମିମି, ଭଦ୍ରକ ଆଖୁଆପାଦ ଠାରେ ୭୦.୪ ମିମି ରେକର୍ଡ ହୋଇଥିବା ବେଳେ ଭାରି ବର୍ଷା ପାଇଁ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରୁ କେବଳ ମାଲକାନଗିରି ଠାରେ ସର୍ବାଧିକ ୪୮ ମିମି ବର୍ଷା ରେକର୍ଡ ହୋଇଥିଲା। ସେହିପରି ଦକ୍ଷିଣ ଓଡିଶାର ଅନ୍ୟ ଜିଲ୍ଲାଗୁଡିକରେ ବିକ୍ଷିପ୍ତ ବର୍ଷା ଅନୁଭୂତ ହୋଇଥିଲା। ୨ ତାରିଖ ଲଘୁଚାପ ସୃଷ୍ଟି ପରେ ପାଣିପାଗ କେନ୍ଦ୍ର ୪ ଜିଲ୍ଲାକୁ ଉତ୍ତର ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଏବଂ ଦେବଗଡ଼ ପାଇଁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା କରି ରେଡ୍ ଆଲର୍ଟ ଜାରି କରିଥିଲା। ମାତ୍ର ଏହି ଜିଲ୍ଲାମଧ୍ୟରୁ କେବଳ ସୁନ୍ଦରଗଡ଼ରେ ୩୮ ମିମି ବର୍ଷା ରେକଡର୍ ହୋଇଥିଲା ଓ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁଭାଁ ବର୍ଷା ହୋଇଥିଲା। ତେବେ ବର୍ଷା ସମ୍ଭାବନା ସୂଚନା ନ ଥିବା ବଲାଙ୍ଗୀରରେ ୧୨୯ ମିମି, ନୟାଗଡ଼ରେ ୭୫.୩ ମିମି ବର୍ଷା ରେକଡର୍ ହୋଇଥିଲା। ୩ ତାରିଖରେ ଲଘୁଚାପ ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ ସହ ଏହା ଉତ୍ତର ଓଡିଶା ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ ମୁହାଁ ହେବ ଆଶଙ୍କାରେ ପାଣିପାଗ ବିଜ୍ଞାନକେନ୍ଦ୍ର ଖୋର୍ଦ୍ଧା, କଟକ, ଜଗତସିଂହପୁର ଏବଂ ପୁରୀକୁ ଅତି ପ୍ରବଳ ବର୍ଷା ସହ ଅରେଞ୍ଜ ଆଲର୍ଟ ଏବଂ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୧୬ ଜିଲ୍ଲାକୁ କମ୍ ବର୍ଷା ଆଶଙ୍କା କରି ୟେଲୋ ଆଲର୍ଟ ଜାରି କରିଥିଲା। ହେଲେ ଅରେଞ୍ଜ ଆଲର୍ଟ ଜାରି କୌଣସି ଜିଲ୍ଲାରେ ବର୍ଷା ୩୦ ମିମି ଟପି ନ ଥିବାବେଳେ ୟେଲୋ ଆଲର୍ଟ ଜାରି ହୋଇଥିବା ଯାଜପୁର ଜିଲ୍ଲାର ଅଧିକାଂଶ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିଲା। ସେହିପରି ଚେତାବନୀ ଅନ୍ତର୍ଭୁକ୍ତ ନଥିବା ଝାରସୁଗୁଡା ଜିଲ୍ଲାର ଲାଇକିରା ଠାରେ ସର୍ବାଧିକ ୨୧୨.୨ ମିମି, କିର୍ମିରା ଠାରେ ୧୭୦.୪ ମିମି, କୋଲାବିରା ୧୬୩ ମିମି, ଲଖନପୁର ୧୪୩.୨ ମିମି , ଦେବଗଡ ସହରରେ ୧୪୫ ମିମି, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଠାରେ ୧୧୪ ମିମି ସହ ବର୍ଷା ରେକର୍ଡ ହୋଇଥିଲା।

ପାଣିପାଗ ବିଭାଗର ଏଭଳି ଆକଳନ ଫଳରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହାର କୌଣସି ଠିକ୍ ଠିକଣା ରହୁ ନଥିବା ବେଳେ ବନ୍ୟା ଜଳ ନିଷ୍କାସନରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଗତ ୨୪ ଘଣ୍ଟାରେ ମହାନଦୀର ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ହୀରାକୁଦ ଡ୍ୟାମ୍‌ରୁ ବର୍ତ୍ତମାନ ୧୬ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମହାନଦୀ ତଳମୁଣ୍ଡ ପାଇଁ ବର୍ଷା ଆଶଙ୍କା କରାଯାଇ ନ ଥିବା ବେଳେ ସେଠାରେ ପ୍ରଚୁର ବର୍ଷା ହୋଇଥିବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା ହୋଇଛି। ସେହିପରି ଉତ୍ତର ଓଡ଼ିଶାରେ ବର୍ତ୍ତମାନ ବୈତରଣୀ ପୁଣି ଥରେ ବିପଦ ସଙ୍କେତ ଟପିବା ସହ ଜଳକା ମଧ୍ୟ ଫୁଲିବାରେ ଲାଗିଛି। ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଗୋଟିଏ ବର୍ଷରେ ଏଭଳି ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି।

### ପ୍ର. ପ୍ରମୋଦ ଶତପଥୀ...

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ଅବ୍ୟାହତି ଦିଆଯାଇଛି। ୨୦୨୨ ଡିସେମ୍ବର ୭ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଏକ ବର୍ଷ ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ପରନ୍ତୁ ୨ ବର୍ଷ ୮ ମାସ ପରେ ବି ସ୍ଥାୟୀ କୁଳପତି ନିଯୁକ୍ତି ନ ହେବାରୁ ସେ ଦାୟିତ୍ୱ ତୁଲାଉଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ମଧ ସେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବାରୁ ଏହାକୁ ନେଇ ବିବାଦ ଉପୁଜିଥିଲା। ଫଳରେ ଗତ ଜୁଲାଇରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ବିଧୁଭୂଷଣ ମିଶ୍ରଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

### ସତରେ ଫେରିବ...

ମୋକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଥିଲେ। ଅନୁରୂପ ଭାବରେ ଶ୍ରୀ ଜଗନ୍ନାଥଙ୍କ ଜମି ସମ୍ପର୍କରେ ଗତ ମାର୍ଚ୍ଚ ମାସରେ ବିଧାନସଭାରେମ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥଙ୍କ ଉତ୍ତରକୁ ଦୋହରାଇଥିଲେ। ଅତଏବ ୨୦୨୩ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଗୋଟିଏ ହେଲେ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନାହିଁ ଓ ଅବରୋଧ ହୋଇଥିବା ଜମିର ସ୍ଥିତି ଅପରିବର୍ତ୍ତିତ ରହିଛି ।

ଅପରପକ୍ଷେ ଗତ ମେ ମାସରେ ଓଡ଼ିଶା ହାଇକୋର୍ଟ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ହାଇକୋର୍ଟ କହିଥିଲେ ଯେ ମହାପ୍ରଭୁଙ୍କ ସମ୍ପତ୍ତିର ଭୂକ୍ଷରଣ କେବଳ ଆଇନଗତ ବ୍ୟତିକ୍ରମ ନୁହେଁ, ଏହା ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି । ତେଣୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ସମ୍ପତ୍ତି ସଂକ୍ରାନ୍ତୀୟ ତଥ୍ୟ ସଠିକ୍ ଭାବେ ରେକର୍ଡ କରିବାକୁ ରାଜସ୍ୱ ଓ ଭୂମି ରେକର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ଉଭୟ ମନ୍ଦିର ପ୍ରଶାସନ ଏବଂ ଆଇନ ବିଭାଗ ଏକଠି କାମ କରିବାକୁ ପରାମର୍ଶ ଦେଇଥିଲେ ହାଇକୋର୍ଟ। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସରକାର ଗୋଟିଏ ଡ଼ିସିମିଲ ଜମିର ସତ୍ୱଲିପି ସଂଶୋଧନ କରିବାରେ ବ୍ୟର୍ଥ ହୋଇଥିବାବେଳେ ୫୮ ହଜାର ଏକର ଜମି କିପରି ଫେରାଇ ଅଣାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଅପରପକ୍ଷେ ମନ୍ତ୍ରୀଙ୍କ ବୟାନକୁ ରାଜନୈତିକ ହଟଚମଟ ବୋଲି କହିଛନ୍ତି ବିଜେଡି ଓ କଂଗ୍ରେସ। ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତି କହିଛନ୍ତି ଶ୍ରୀ ଜଗନ୍ନାଥଙ୍କ ଜମି ଯଥାଶୀଘ୍ର ଫେରାଇ ଆଣିବାର ଆବଶ୍ୟକତା ରହିଛି। ବହୁ ଅସାଧୁ ଲୋକେ ଶ୍ରୀ ଜଗନ୍ନାଥଙ୍କ ଜମି ବେଆଇନ ଭାବରେ ବିକ୍ରି କରିଥିବା ବେଳେ ପୁରୀରେ ଉକ୍ତ ଜମିରେ ଏକ ବସ୍ତି ମଧ୍ୟ ତିଆରି ହୋଇଗଲାଣି। ତେଣୁ ସରକାର ପ୍ରଥମେ ଯେଉଁ ବିକ୍ରି ହେଉଛି ତାହାକୁ ରୋକନ୍ତୁ। ଏନେଇ ସରକାର ପଦକ୍ଷେପ ନେବା ପରିବର୍ତ୍ତେ କେବଳ ଅଯଥା ହଟଚମଟ ବୟାନ ଦେଉଛନ୍ତି ବୋଲି ସୁନୀଲ କହିଛନ୍ତି । ସେହିପରି ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନଥିବା ବେଳେ ଅବରୋଧ ଜମି ଚିହ୍ନଟ ଯଥା ପୂର୍ବଂ ତଥା ପରଂ ରହିଛି। ଏପରିସ୍ଥଳେ ଆଇନ ମନ୍ତ୍ରୀ କେବଳ ବାହାବା ନେବା ପାଇଁ ଆଜି ଭୂସମ୍ପତ୍ତି ସମ୍ପର୍କିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି ।

### ମାନସିକ ଅବସାଦରେ...

ଅତିକମରେ ୩୦ ଭାଗ ହ୍ରାସ କରିବାକୁ ଡବ୍ଲ୍ୟୁଏଚ୍‌ଓ ଲକ୍ଷ୍ୟ ଧାର୍ଯ୍ୟ କରିଛି। କିନ୍ତୁ ଯେଉଁ ହିସାବରେ ଅଭିଯାନ ଚାଲିଛି, ସେଥିରୁ ଜଣାପଡୁଛି ଯେ ଏହି ଲକ୍ଷ୍ୟ ହାସଲ ହେବାର ସମ୍ଭାବନା କମ୍। ଆତ୍ମହତ୍ୟା ହାର ମାତ୍ର ୧୨ ପ୍ରତିଶତ କମିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯୁବପିଢ଼ି କାହିଁକି ମାନସିକ ଅବସାଦର ଶିକାର ହେଉଛନ୍ତି, ତାହାର କାରଣ ଖୋଜି ବାହାର କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ନିମ ।।ନ୍ତେ ଗାଇଡଲାଇନ୍ସ ଜାରି କରିଛି ସଂଗଠନ।

### ଶ୍ୱେତପତ୍ର ଦାବିକଲା...

ନ ରହିବା, କଳାବଜାରୀ ରୋକିବାରେ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯିବା, ଆବଶ୍ୟକ ଚାଷଜମି ଅନୁଯାୟୀ ସାରର ସୁଷମ ବଣ୍ଟନ ନିମିତ ପରିସଂଖ୍ୟାନ କରା ନ ଯିବା ଯୋଗୁଁ ବାରମ୍ବାର ଏପରି ସମସ୍ୟା ଉପୁଜୁଛ ବୋଲି ଅଭିଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।


**AFFIDAVIT**

By virtue of an Affidavit before Notary Public, Malkangiri, I, **Mase Sodi**, aged about 55 years, W/o.: Pandu Sodi resident of Village: Singharajkhunta, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1469/2025, Dated: 02.09.2025 that I have changed my name from Mashe Sodi to **Mase Sodi**. Henceforth I shall be known as **Mase Sodi** for all future purposes.

**AFFIDAVIT**

I, SURAJ DHALS/O SUBASH CHANDRA DHALSULDHIAPADA, PO-EKATALI, WARD NO-07, JHARSUGUDA -768202, ODISHA Declare by this affidavit No.4671 dtd-04/09/2025, that now onwards i shall be known as **SURAJ KUMAR DHAL** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Adama Madhi**, aged about 47 years, S/o.: Muka Madhi resident of Village: Chidipali, PO.: Tumusapalli, P.S./ Dist.: Malkangiri, Odisha, declare by this Affidavit No.: 1468/2025, Dated: 02.09.2025 that I have changed my & my father surname from Adama Madi, S/o.: Muka Madi to **Adama Madhi, S/o.: Muka Madhi**. Henceforth I shall be known as **Adama Madhi, S/o.: Muka Madhi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Makar Burudi**, aged about 37 years, S/o.: Hari Burudi resident of Village: Gudumpadar, PO.: Biralakshmanpur, P.S./Dist.: Malkangiri, Odisha, declare by this Affidavit No.: 1470/2025, Dated: 02.09.2025 that I have changed my name from Makara Burudi to **Makar Burudi**. Henceforth I shall be known as **Makar Burudi** for all future purposes.

**AFFIDAVIT**

I, Madhujyotshna Samal, W/o- Bijay Kumar Nayak, resident of Karadamali, PO- Gadbandhagoda, PS- Ramachandrapur, District- Kendujhar, PIN-758043, Odisha declare by this affidavit No. A/39 dtd. 02.09.2025 that now onwards I shall be known as **Madhujyotsna Nayak** for all future purposes.

**AFFIDAVIT**

I, Jeetindra Kumar Patro, S/o.- Lambodara Patro, resident of Vill- Sahasapur, Po.- Gothagam, Ps.- Jaradagada, Dist- Ganjam, Dist- Ganjam, Pin: 761037, Odisha declare by this affidavit No. 80, Dtd: 03.09.2025 that now onwards I shall be known **JITENDRA KUMAR PATRO** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Gouda**, aged about 58 years, S/o.: Late Sambharu Gouda resident of Village: Bahalguda (Titang), PO.: Tandiki, P.S./ Dist.: Malkangiri, Odisha, declare by this Affidavit No.: 1503/2025, Dated: 04.09.2025 that I have changed my & my father surname from Gangaram Madhi, S/o.: Late Sambharu Madhi to **Gangaram Gouda, S/o.: Late Sambharu Gouda**. Henceforth I shall be known as **Gangaram Gouda, S/o.: Late Sambharu Gouda** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Banpur, Dist.- Khordha vide no-3381, Dated- 3/9/2025, I Gurubari Nayak, aged about 40 yrs., W/O- Sukadeb Nayak, Address At- Halanda, Po.- Badasireipur, Ps.- Banpur, Dist.- Khordha, Pin- 752031, Odisha, declare that I have changed my minor Son's name from **Sambit Kumar Nayak** to **Sambit Nayak**. Henceforth, he shall be known as **Sambit Nayak** for all purpose.

**ହଜିଯାଇଅଛି**

ଏହି ଶପଥ ପତ୍ର ନୋଟାରି ପବ୍ଲିକ୍, ନିମାପଡ଼ା, ପୁରୀଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଉଛି କି, ମୁଁ ଅଜୟ କୁମାର ବେହେରା, ପି- ମୃତ ଗଜେନ୍ଦ୍ର ବେହେରା, ଗ୍ରା/ପୋ- ରୂପଦେଇପୁର, ଥାନା, ବଳଙ୍ଗା, ଜିଲ୍ଲା, ପୁରୀ, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋ ବାପାଙ୍କ ନାମରେ ଥିବା ସେଲ ଡିଡ୍ ନମ୍ବର ୧୨୧୩, ତା.୨୨.୦୭.୧୯୯୭ ଲିଖିତ ମୁଁ ମୋ ମଟରସାଇକେଲରେ ରୂପଦେଇପୁରରୁ ବଳଙ୍ଗା ଯିବା ବାଟରେ ଓରିଜିନାଲ କବଲାଟି କେଉଁଠାରେ ହଜିଯାଇଅଛି । ମୁଁ ବଳଙ୍ଗା ଥାନା ଓ ଆଇସିଙ୍କ ମାଧ୍ୟମରେ ଏକ କେସ ଡାଏରୀ ମଧ୍ୟ ଏଣ୍ଟ୍ରି କରିଅଛି । ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛିକି ଉପରୋକ୍ତ ବିବରଣୀ ସତ୍ୟ ଅଟେ ।

ସ୍ୱାକ୍ଷର/- ଅଜୟ କୁମାର ବେହେରା

**AFFIDAVIT**

By an affidavit CF No. 30 sworn before Executive Magistrate, Bhubaneswar on dtd- 03/09/2025. I, **Indramani Panigrahy**, Husband of Sarojanalini Panigrahy, father of Ipsita Panigrahy, resident of Plot No. 65/3331, Narayani Club, Old Town Mahatab Road, Bhubaneswar, Dist.- Khurda, Odisha has declared that in my daughter's school document, my wife's name is wrongly mentioned as Sarojanalini instead of Sarojanalini Panigrahy. Sarojanalini Panigrahy is the correct name. Both **Sarojanalini** and **Sarojanalini Panigrahy** is one and the same person who happens to be the mother of Ipsita Panigrahy.

**AFFIDAVIT**

I, Asha Tarai, aged about 38 years, W/o- Manas Patnaik, resident of At- Bharati Bhavan, Srivihar Colony, Tulasipur, Cuttack, PIN- 753008, Odisha declared by this affidavit No. 12/2025, dtd- 01/09/2025 that now onwards I shall be known as **ASHA RAY** for all future purposes.

**AFFIDAVIT**

I, Rena Dev, aged about 72 years, W/o- Late Samir Deb, resident of At- Gujurati Colony, Purunabasti, Po- Kalimandir Road, Ps/Dist- Jharsuguda, Odisha, PIN- 768201 declared by this affidavit C.F. No. 4657, dtd- 03/09/2025 that now onwards I shall be known as **RENA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 04/09/2025. I Bijay Behera, S/o- Late Sikhar Behera, resident of Village-Bansahi, Po- Bilasuni, PS- Niali, Dist- Cuttack, Odisha, Aadhar No- 9779 8796 8122, declare that, in my driving licence No. OR 05 20060020688 my name recorded as **Sudhir Kumar Behera** which is my nick name. My self **Bijay Behera** and **Sudhir Kumar Behera** same and one person. Henceforth, I shall be known as **Bijay Behera** for all purposes. **Bijay Behera**

ଓଡ଼ିଶା ସରକାର
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
RR-12

**ବିଜ୍ଞାପନ**

**୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ,
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR-03029/11/0068/2526

### ସିଡିପିଓଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ

# ଉପଜିଲ୍ଲାପାଳଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ଫେରାଦ



ରାଇରଙ୍ଗପୁର, ୪।୯ (ସମିସ): ବିଜାତଳା ବ୍ଲକ ସିଡିପିଓଙ୍କ ମନୋମୁଖି କାର୍ଯ୍ୟକୁ ନେଇ ଗୁରୁବାର ଅଙ୍ଗନବାଡି କର୍ମୀମାନେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଛନ୍ତି। କର୍ମୀମାନେ କହିଛନ୍ତି ଯେ, ସିଡିପିଓ ଶାନ୍ତିଲତା ପୁଥାଲ ଯୋଗଦେବା ପରଠାରୁ ସେମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଏପରିକି ଗ୍ରାମବାସୀଙ୍କ ଉପସ୍ଥିତିରେ ଅପମାନ ମଧ୍ୟ କରୁଛନ୍ତି। ଜାମୁଡାଳି କେନ୍ଦ୍ରରେ ଛତୁଆ, ବୁଟ ଆଦି କିଛି ଅମାନିଆ ଶିଶୁ ଚୋରି କରିଥିବାରୁ ସିଡିପିଓ ଯାଞ୍ଚ କମିଟି ଡକାଇ କର୍ମୀ ଏବଂ ସହକର୍ମୀଙ୍କୁ ଗାଳି ଦେଇଥିଲେ। କଣ୍ଟିଜେନସି ଟଙ୍କାରୁ କବାଟ ଓ ଝରକା ମରାମତି ପାଇଁ ଆଦେଶ ଦେଲେ। ହେଲେ କଣ୍ଟିଜେନ୍ସି ଟଙ୍କାରେ ଖାତା ଏବଂ ବ୍ୟାନର ଖର୍ଚ୍ଚ ହୋଇଥିବାରୁ ବଳକା ଟଙ୍କାରେ କବାଟ ଓ ଝରକା ମରାମତି କରିବା ସମ୍ଭବ ନୁହେଁ। ଏକଡାଳି ଅଙ୍ଗନବାଡି କେନ୍ଦ୍ରର ସହକର୍ମୀ ନିଜର ୨ ବର୍ଷର ଭିନ୍ନକ୍ଷମ ଶିଶୁକୁ କେନ୍ଦ୍ରରେ ରଖି ନିଜ କାର୍ଯ୍ୟ କରନ୍ତି। ସିଡିପିଓ କେନ୍ଦ୍ର ପରିଦର୍ଶନରେ ଆସିଥିବାବେଳେ କାହିଁକି ଏଠାକୁ ପିଲାକୁ ଆଣୁଛ ବୋଲି କହିବା ସହିତ ଗାଳିଗୁଲଜ କରୁଛନ୍ତି। ଏପରିକି ଜରୁରୀ ସମୟରେ ଛୁଟି ମଧ୍ୟ ଦିଅନ୍ତି ନାହିଁ ବୋଲି କର୍ମୀମାନେ ଉପଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଫୁଡ ସେଫଟି ସାର୍ଟିଫିକେଟ୍ ପାଇଁ ବାଧ୍ୟତାମୂଳକଭାବେ ୧୦୦ ଟଙ୍କା ଲେଖାଏଁ ସଂଗ୍ରହ କରିଛନ୍ତି। ଏମଡିଏ ପ୍ରୋଗ୍ରାମ ସମୟରେ କର୍ମୀମାନଙ୍କୁ କୈଫିୟତ ମଧ୍ୟ ମାଗୁଛନ୍ତି। ସେ ସର୍ବଦା ଚାକିରିରୁ ବାହାର କରିଦବୋକୁ ମଧ୍ୟ ଧମକ ଦେଉଛନ୍ତି। ତେଣୁ କର୍ମୀମାନେ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି।

ସେହିପରି ବାଘିଆଟାଙ୍ଗର, ଅର୍ଜୁନପାଣି, ମାଣିକପୁର, ଜାମୁଡାଳି ଓ ପାଟପୁର କେନ୍ଦ୍ରର ଘର ଠିକ୍ ନାହିଁ। ଛଣପାଳ କେନ୍ଦ୍ରକୁ ଆଜିଯାଏ ରାସ୍ତା ନାହିଁ। ଫଳରେ ଶିଶୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଜିଲ୍ଲାପାଳଙ୍କ ଦାବିପତ୍ର ଦେବା ସମୟରେ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ଜିଲ୍ଲା ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ, ବିଜାତଳା ବ୍ଲକର ସଭାନେତ୍ରୀ ସାରଥୀ ମହାନ୍ତ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାନ୍ତ, କୋଷାଧ୍ୟକ୍ଷ ସିନଗୋ ମୁର୍ମୁ, ଉପସଭାନେତ୍ରୀ ଗୌରୀମଣି ସୋରେନ, ବ୍ଲକ ଉପଦେଷ୍ଟା ଚମ୍ପାବତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୋନସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବୈଶିଙ୍ଗା, ୪।୯ (ସମିସ): ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ହାଇସ୍କୁଲରେ ଜୋନସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କବିତା ନଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଦାନ୍ତିଆମୁହାଁ ସରପଞ୍ଚ ଗୁରୁବାରୀ ସିଂ ଯୋଗଦେଇ ଉଦଘାଟନ କରିଥିଲେ। କରମଶୋଳ ସ୍କୁଲର କ୍ରୀଡା ଶିକ୍ଷକ ଶୋଭାକର ମହାନ୍ତଙ୍କ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ନିରଞ୍ଜନ ସି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କ୍ରୀଡାଶିକ୍ଷକ ହରିଶ୍ଚନ୍ଦ୍ର ମିଶ୍ର, ସମାଜସେବୀ ଜୟଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଖପାଖ ୮ଟି ପଞ୍ଚାୟତର ୧୧ଟି ସ୍କୁଲରୁ ୧୪ ଏବଂ ୧୭ବର୍ଷରୁ କମ୍ ବୟସର ବାଳକ ଏବଂ ବାଳିକା ବର୍ଗରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋ-ଖୋ, କବାଡି, ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। 



ଅମୀୟ ରଞ୍ଜନ ପଣ୍ଡା, ପ୍ରାର୍ଥନା ମିଶ୍ର, ସନ୍ତୋଷୀ ପ୍ରିୟଦର୍ଶିନୀ, ନୀତୁ ବାଲା, ସୁଜାତାରାଣୀ ଦାସ ପରିଚାଳନା କରିଥିଲେ।

# ବ୍ଲକ ସ୍ତରୀୟ ଶାରଦୀୟ କ୍ରୀଡ଼ା ଚୟନ ଶିବିର

କୁଆମରା, ୪।୯ (ସମିସ): ଗୋପବନ୍ଧୁ ନଗର ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ଚୟନ ଶିବିର ଆରପଟା ପଞ୍ଚାୟତ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା ପତାକା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିବିରରେ ମୋଟ ୨୪ଟି ଉଚ୍ଚ ବିଦ୍ୟାଳୟର ୩୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିରେ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ ହୋଇଥିବା ବେଳେ ମୋଟ ୧୨ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ପିଟି ଧନଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ, ସୀତାରାମ ଶୀଳ, ଚଞ୍ଚଳା ମହାନ୍ତ, ନିର୍ମଳ ଚନ୍ଦ୍ର ଦାସବାବୁ ପ୍ରମୁଖ ୧୭ ଟି ବିଦ୍ୟାଳୟର ଖେଳ ଶିକ୍ଷକ ପରିଚାଳନା କରିଥିଲେ। ବ୍ଲକ ସ୍ତର ରୁ ମନୋନୀତ ହୋଇଥିବା ଛାତ୍ର ଛାତ୍ରୀ ୬ ତାରିଖରେ ଜିଲ୍ଲା ସ୍ତର କୁ ଯାଇ ଖେଳ ପ୍ରଦର୍ଶନ କରିବେ। ଖେଳର ଉଦଯାପନୀ ଉତ୍ସବ ରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସରପଞ୍ଚ ସଞ୍ଜୟ କୁମାର ସିଂ, ମୁଖ୍ୟବକ୍ତା ଜିବି ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ସମ୍ମାନିତ ଅତିଥି ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ଚନ୍ଦ୍ର ବେହେରା, ହରିବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା, ଯୁବ ନେତା ସଞ୍ଜୀବ କୁମାର ନାୟକ, ଶିକ୍ଷକ ମନଞ୍ଜୟ ଜେନା, ବରିଷ୍ଠ ଶିକ୍ଷୟତ୍ରୀ ଚଞ୍ଚଳା ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



# ମହୁଲଡିହାରେ କରମା ପର୍ବ ଉଦ୍‌ଯାପିତ



ମହୁଲଡିହା, ୪।୯ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମ ପଞ୍ଚାୟତ ମହୁଲଡିହା ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ରସାନନ୍ଦ ମହାନ୍ତଙ୍କ ପୁତ୍ର ସୁଶାନ୍ତ (କର୍ତ୍ତା)ଙ୍କ ଘରେ ଚାଲିଥିବା ଷଷ୍ଠ ବାର୍ଷିକ କରମା ପର୍ବ ଉଦ୍‌ଯାପିତ ହୋଇଯାଇଛି। ଢୋଲ ମାଦଳର ତାଳେ ତାଳେ ଧୂମଧାମରେ ଏହି ପର୍ବ ଶେଷ ହୋଇଛି। କର୍ମତୀ(ବ୍ରତଧାରୀ)ମାନେ ତିନି ଦିନ ପୂର୍ବରୁ ଜଳାଶୟରୁ ନୂଆ ଡାଲାରେ ବାଲି ସଂଗ୍ରହ କରି ଧାନ ଗଛ ଏବଂ ନଅ ପ୍ରକାର ଖାଦ୍ୟ ଶସ୍ୟ ମୁଗ, ବିରି, ସୋରିଷ, କୋଳଥ, ଗହମ, ମକା, ଚାଉଳ, ମଟର, ଚଣା ଆଦିକୁ ହଳଦୀ, ଗନ୍ଧା ମେଥି ପାଣିରେ ଭିଜାଇ ଅଙ୍କୁର (ଜାୱା) କରି ପାସନା କରିଥିଲେ। ବୁଧବାର ଏକାଦଶୀ ରାତିରେ ଗ୍ରାମର ଦେହୁରୀ ସୁରେନ୍ଦ୍ର ମହାନ୍ତ କର୍ତ୍ତା ସୁଶାନ୍ତଙ୍କ ସହିତ କରମ ଗଛକୁ ପୂଜାର୍ଚ୍ଚନା କରି ଡ଼ାଳ କାଟି ଆଣି ଅଗଣାରେ ସ୍ଥାପନା ହୋଇଥିବା ଆଖଳା (ମେଡ଼)ରେ ଜାୱା ଡାଲା ରଖି କୁଡୁମୀଙ୍କ ପାରମ୍ପରିକ ବିଧି ଅନୁସାରେ ଆରାଧନା କରିଥିଲେ। କରମା ଡ଼ାଳ ଆଖଳାରେ ସ୍ଥାପନ କରି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କର୍ମତୀ ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ କର୍ମା କାହାଣୀ (କର୍ମୁ ଓ ଧର୍ମୁ) ଶୁଣାଇ ଥିଲେ। କାହାଣୀ ଶେଷରେ କର୍ମତୀମାନେ ପାରମ୍ପରିକ କର୍ମା ଗୀତର ତାଳେ ତାଳେ ନାଚିଥିଲେ। ଏହି ଅବସରରେ କର୍ତ୍ତାଙ୍କ ଘରେ ଶତାଧିକ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ରାତିସାରା ଉଜାଗର ରହି ଢୋଲ ମାଦଳର ତାଳେ ତାଳେ ଗୀତ ଗାଇବା ସହିତ ନାଚିଥିଲେ।

# ଯଶିପୁରରେ କଂଗ୍ରେସର ସାଙ୍ଗଠନିକ ବୈଠକ

କରଞ୍ଜିଆ, ୪।୯ (ସମିସ): ଯଶିପୁର ସ୍ଥିତ କନକ ରେସିଡେନ୍ସିରେ କଂଗ୍ରେସର ବ୍ଲକ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଯଶିପୁର ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଶେଷକରି ବୈଠକରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଚୟନ ନିମନ୍ତେ ସଙ୍ଗଠନ ସୃଜନ ଅଭିଯାନ ଜାରି ରହିଛି। ଏଆଇସିସି ଯୁଗ୍ମ ସମ୍ପାଦକ ତଥା ସଙ୍ଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ



ନୀତିନ କୁମ୍ଭବାଲକର ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ସଂଗ୍ରାମ ଦାସ, ବନମାଳୀ ଦାସ, ପୂର୍ବତନ ସାଂସଦ ସୁଶିଳା ତିରିଆ, ଜିଲ୍ଲା ସଂଯୋଜକ ଭୁବନ ବିହାରୀ ସାହୁ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ମହେନ୍ଦ୍ର ନାୟକ, ବରିଷ୍ଠ କର୍ମୀ ଇମତାଜ୍ ହୁସେନ, ନବୀନ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲଚିକି ଶତବାର୍ଷିକୀରେ ଡିଜିଟାଲ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କୁଳିଅଣା, ୪।୯ (ସମିସ): ଆଦିବାସୀ ସାମାଜିକ, ଶୈକ୍ଷିକ ସାଂସ୍କୃତିକ ସଂଘ (ଆସେକା), ଚାନ୍ଦୁଆ ଶାଖା ଓ ଭାରତ ଜାକାତ ମାଝୀ ପାରଗାନା ମହଲ, କୁଳିଅଣାର ଆନୁକୂଲ୍ୟରେ ବ୍ଲକ ପରିସରରେ ଅଲଚିକିର ଶତବାର୍ଷିକୀ ପାଳିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ ବଜାଇ ଓ ସାଗୁନ ଦାରାମ ନୃତ୍ୟ ମାଧ୍ୟମରେ ଅତିଥିଙ୍କୁ ପାଛୋଟି ନିଆଯାଇଥିଲା। କୁଳିଅଣା ବ୍ଲକ ପାରଗାନା ବାବା ମାଙ୍ଗାତ ଚପେୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ଅତିଥିଗଣ ପ୍ରଥମେ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମିଶନ ଅଲଚିକି ଉପଦେଷ୍ଟା ମାଙ୍ଗାତ ମୁର୍ମୁ ଅଲଚିକି ଶତବାର୍ଷିକୀ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଡିଜିଟାଲ ଅଲଚିକି କାର୍ଯ୍ୟକର୍ତ୍ତା ତଥା ଉଇକିପିଡ଼ିଆ ଆଡ଼ମିନ ଆର. ଅଶ୍ୱିନୀ ବଞ୍ଜନ ମୁର୍ମୁ, ରାମଜିତ ଟୁଡ୍ଡୁ, ଫାଗୁ ବାସ୍କେ, ଦୁର୍ଗା ସୋରେନ, ସନେରସିଂ ହାଁସଦା, ସୁରୁକୁନୀ ମୁର୍ମୁ, ସନିଆ ମାର୍ଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଡିଜିଟାଲ ଅଲଚିକି କାର୍ଯ୍ୟକର୍ତ୍ତା ଅଲଚିକି ଡିଜିଟାଇଜେସନ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ମୁଖ୍ୟବକ୍ତା ଭାବରେ କୁଳିଅଣା ବିଡିଓ ଯତୀନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବରେ ସାହିତ୍ୟ ଅକାଡେମୀର ପୂର୍ବତନ ଆବାହକ ଡଃ ଗଙ୍ଗାଧର ହାଁସଦା, ଚାନ୍ଦୁଆ ଥାନା ଅଧିକାରୀ



ଲକ୍ଷ୍ମଣ କୁମାର ନାୟକ, ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପତି, ଆସେକା ମୁଖ୍ୟ କାର୍ଯ୍ୟାଳୟ ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା, କେଉଟୁଣୀମାରୀ ସରପଞ୍ଚ ରମେଶ ଚନ୍ଦ୍ର ହାଁସଦା, ପୂର୍ବତନ ସରପଞ୍ଚ ମକରଧ୍ୱଜ ମୁର୍ମୁ ପ୍ରମୁଖ ଯୋଗଦେଇ ଡିଜିଟାଲ ମାଧ୍ୟମରେ ସାନ୍ତାଳୀ ଭାଷା ଉନ୍ନତି ଏବଂ ଅଲଚିକିର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ଚାନ୍ଦୁଆ ପାରାନିକ ବାବା ଧାନଚନ୍ଦ୍ର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

### ● ବାଙ୍ଗିରିପୋଷିରେ ହାତୀ ଉପଦ୍ରବ

# ନଷ୍ଟ କରୁଛନ୍ତି ଧାନ ଫସଲ



କଳାବାଡିଆ, ୪।୯ (ସମିସ): ବାଙ୍ଗିରିପୋଷି ରେଞ୍ଜ ଅଧୀନରେ ଦୁଇ ମାସ ହେବ ଏକ ୧୧ ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ଧାନ ଫସଲକୁ ଦଳିଚକଟି ନଷ୍ଟ କରିଦେଉଛନ୍ତି। କିଛିଦିନ ପୂର୍ବରୁ ହାତୀପଲ କତରାନଦୀ ନିକଟ ଗୋଷାଣିପାଳ, ଜଳଡିଙ୍ଗା ଓ ସାତଭାୟା ଗ୍ରାମରେ ପଶି ଆତଙ୍କ ସୃଷ୍ଟି କରିଥିଲେ। ପରେ ବନ କର୍ମଚାରୀ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ; କିନ୍ତୁ ୫ ଦିନ ହେବ ହାତୀପଲ ଜଙ୍ଗଲକୁ ନ ଯାଇ କଳାବାଡିଆ ଓ ପଥୁରୀ ପଞ୍ଚାୟତରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ସନ୍ଧ୍ୟା ସମୟରେ ପଶି ଧାନ ଫସଲ ନଷ୍ଟ କରୁଛନ୍‌ତି। ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ହାତୀପଲକୁ ଘଉଡାଇବା ପାଇଁ ପ୍ରତିଦିନ ଦୁଇଟି ଟିମ୍ କାର୍ଯ୍ୟ କରୁଛନ୍ତି। ଯଦି ହାତୀ ନଷ୍ଟ କରୁଛନ୍ତି ଅନ୍‌ଲାଇନରେ ଆବେଦନ କଲେ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି। କିନ୍ତୁ କ୍ଷତିପୂରଣ ଶୀଘ୍ର ମିଳୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି।

# ୬ରୁ ଜାତୀୟ ନାଟ୍ୟ ମହୋତ୍ସବ; ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ବାରିପଦା, ୪।୯ (ସମିସ): ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ: ବାରିପଦ' ଆନୁକୂଲ୍ୟରେ ସହୀଦ ସ୍ମୃତି ଭାବନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି ବୋଲି ମୁଖ୍ୟ ଆୟୋଜକ ତଥା ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଜି ଶେଷ ପ୍ରସ୍ତୁତି ବୈଠକରେ ଆୟୋଜକ କମିଟିର ସଦସ୍ୟ ଉପସ୍ଥିତ ରହି ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ଆସନ୍ତା। ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟା ୬ଟା ୩୦ରେ ଭୁବନେଶ୍ୱରର ସ୍ମାରକୀ ନାଟ୍ୟସଂସ୍ଥା ପ୍ରସ୍ତୁତ 'ଜାତି ନନ୍ଦିଘୋଷ', ବାଲେଶ୍ୱରର ସ୍ରଷ୍ଟା ପ୍ରସ୍ତୁତ 'ନଷ୍ଟ ନାଟକର ନାଟ୍ୟକାର', କେ ସି ଏସ କୋରାପୁଟ ପ୍ରସ୍ତୁତ 'ରେମୋ', ବାସ୍ତବ ବାରିପଦା ପ୍ରସ୍ତୁତ 'ପାପି;, ନାଟ୍ୟ ଚେତନା ଭୁବନେଶ୍ୱର ପ୍ରସ୍ତୁତ 'ରେବତୀ, ସେବତୀ ଏଇ ବତୀ', ଶବ୍ଦମୁଗ୍ଧ କୋଲକାତା ପ୍ରସ୍ତୁତ 'ମାୟା ମୃଦଙ୍ଗ', ରଙ୍ଗମଞ୍ଚ ରାଉରକେଲା ପ୍ରସ୍ତୁତ 'ଜୀବନ ଯେମିତି', ପଲ୍ଲବୀ କରଞ୍ଜିଆ ପ୍ରସ୍ତୁତ 'ସେମାନେ ଆମ ପ୍ରତିନିଧି', କଳା ପରିଷଦ ଢେଙ୍କାନାଳ ପ୍ରସ୍ତୁତ 'ଯାହା କହିବି ସତ କହିବି', ନାଟ୍ୟ ଶ୍ରୀ ବ୍ରହ୍ମପୁର ପ୍ରସ୍ତୁତ 'ଜରାୟୁ', ଶତାବ୍ଦୀର କଳାକାର ଭୁବନେଶ୍ୱର ପ୍ରସ୍ତୁତ 'ମହାସଂଗ୍ରାମର ମହାନାୟକ', ପୂର୍ବାରଙ୍ଗ ଆସାମ ପ୍ରସ୍ତୁତ 'ଦ୍ରୋଣାଚାର୍ଯ୍ୟ ଶ୍ରୀଗୁରୁବେ ନମଃ' ଓ ଶେଷ ସନ୍ଧ୍ୟାରେ ଆମେ ବାରିପଦା ପ୍ରସ୍ତୁତ ନାଟକ ମଞ୍ଚସ୍ଥ ହେବବୋଲି ସଭାପତି ଡଃ କୈଳାଶ ଚନ୍ଦ୍ର ମହାନ୍ତି ଜଣାଇଛନ୍ତ। ବହୁ ସଂଖ୍ୟାରେ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିବାକୁ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ଓ ମେଜର କଳ୍ପନା ଦାସ ଅନୁରୋଧ କରିଛନ୍ତି। ଏଥିସହିତ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ୭ ଓ ୧୪ ତାରିଖ ପୂର୍ବାହ୍ନ ୧୧ଟାରେ ନାଟ୍ୟ ଆଲୋଚନାଚକ୍ର ଏବଂ ସହୀଦ ସ୍ମୃତି ଭବନରେ ୧୨ ଓ ୧୩ ତାରିଖରେ ଚିତ୍ରକଳା ଓ ଫୋଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାର, ନିର୍ଦ୍ଦେଶକ, ନାଟ୍ୟକାର ଓ ଅନନ୍ୟ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକଙ୍କ ସୂତ୍ରରୁ ପ୍ରକାଶ।




# କୃଷି ଅଧିକାରୀଙ୍କ ବିୟୋଗରେ ଶୋକସଭା



ବାରିପଦା, ୪।୯ (ସମିସ): ମୃତ୍ୟୁ କାହା ପାଇଁ କେତେବେଳେ ଆସେ, ତାହା କହି ହୁଏନା। ପରନ୍ତୁ ଏପରି କିଛି ଘଟଣା ସମସ୍ତଙ୍କୁ ବେଳେ ବେଳେ ସ୍ତମ୍ଭୀଭୂତ କରିଥାଏ। ମୟୂରଭଞ୍ଜ ଜିଲ୍ଲାରେ ନୂତନ ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାବେ ଯୋଗଦାନ କରିଥିବା କମଳ ଲୋଚନ ନାୟକ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଛନ୍ତି। ସେ ଗତ ୩୦ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ଜଣେ ଦକ୍ଷ ଅଧିକାରୀ ଭାବେ ଖୁବ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ବିୟୋଗରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ଦୁଇ ଶୃଗାଳକୁ ଉଦ୍ଧାରକରି ଜଙ୍ଗଲରେ ଛାଡ଼ିଲା ବନ ବିଭାଗ



ବୈଶିଙ୍ଗା, ୪।୯ (ସମିସ): ବେତନଟୀ ବ୍ଲକ ମଣତାପାଳ ଗ୍ରାମର ଜନୈକ ବ୍ୟକ୍ତି ଜଙ୍ଗଲରୁ ଉଦ୍ଧାରକରି ଘରେ ଲାଳନପାଳନ କରି ବଡ କରିଥିବା ଦୁଇଟି ଶୃଗାଳକୁ ବୁଧବାର ଉଦ୍ଧାର କରିଛି ବନବିଭାଗ। କିଛିମାସ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଜଙ୍ଗଲକୁ ଯାଇଥିବା ବେଳେ ଅସହାୟ ଅବସ୍ଥାରେ ଥିବା ଦୁଇଟି ଶୃଗାଳ ଛୁଆକୁ ଘରକୁ ନେଇଆସିଥିଲେ। ପରେ ଲାଳନପାଳନ କରି ବଡ଼ କରିଥିଲେ। କିଛିଦିନ ପରେ ଦୁଇଟିଯାକ ଶୃଗାଳ ଜଣେ ବ୍ୟକ୍ତିଙ୍କ କୁକୁଡା ମାରି ଖାଉଥିବା ନେଇ ଅଭିଯୋଗ ପରେ ଗ୍ରାମରେ ବୈଠକ ବସିଥିଲା। ମାତ୍ର ବୈଠକରେ କୌଣସି ସମାଧାନ ନହେବାରୁ ଶେଷରେ ମାମଲା ଥାନାରେ ପହଞ୍ଚିଥିଲା। ଏ ନେଇ ଥାନା ପକ୍ଷରୁ ବନବିଭାଗକୁ ଅବଗତ କରାଯିବା ପରେ ରେଞ୍ଜର ମନୁଓର ଖାଁ ବୁଧବାର ଅପରାହ୍ନରେ ଗ୍ରାମରେ ପହଞ୍ଚି ଦୁଇଟିଯାକ ଶୃଗାଳକୁ ଉଦ୍ଧାରକରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷାପରେ ଙ୍ଗଲରେ ଛଡାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଲଘୁ ଖଣିଜ ଚୋରାଚାଲାଣ ରୋକିବା ନେଇ ଟାସ୍କଫୋର୍ସର ବୈଠକ

ବୈଶିଙ୍ଗା, ୪।୯ (ସମିସ): ବେତନଟୀ ବ୍ଲକରେ ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ ରୋକିବା ସହିତ ସୁରକ୍ଷା ପାଇଁ ଯୁଗ୍ମ ଟାସ୍କଫୋର୍ସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୁଲିସ, ରାଜସ୍ୱ, ବନବିଭାଗ, ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ବେତନଟୀ ବ୍ଲକରେ କିଭଳି ଲଘୁ ଖଣିଜ ସମ୍ପଦ ଅନ୍ତର୍ଗତ ବାଲି, ମୋରମ, ମାଟିର ବେଆଇନ ଉତ୍ତୋଳନ ଏବଂ ଚୋରାଚାଲାଣକୁ ରୋକାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଲଘୁ ଖଣିଜ ସମ୍ପଦର ସୁରକ୍ଷା ଏବଂ ଚୋରାଚାଲାଣ ରୋକିବାକୁ ବିଭାଗ-ବିଭାଗ ମଧ୍ୟରେ ପାରସ୍ପରିକ ସମନ୍ୱୟ ସାଙ୍ଗକୁ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିବାନେଇ ମତପ୍ରକାଶ ପାଇଥିଲା। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ଖଣିବିଭାଗ ପକ୍ଷରୁ ଜୁନିୟର ମାଇନିଂ ଅଧିକାରୀ ଭବାନୀଶଙ୍କର ପାତ୍ର, ଶିବନାଥ ମୁଣ୍ଡାରୀ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଏଏସଆଇ ନିରଞ୍ଜନ ସେଠୀ, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ଶିବଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ହଦଗୋଠ ଗ୍ରାମରୁ ଦେଶୀ ମଦଭାଟି ଉଠିବା ପ୍ରସଙ୍ଗ

# ସରପଞ୍ଚଙ୍କ ହସ୍ତକ୍ଷେପ; ସ୍ଥାନାନ୍ତର ପାଇଁ ଦେଲେ ପ୍ରସ୍ତାବ

କପ୍ତିପଦା, ୪।୯ (ସମିସ): କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ଗ୍ରାମପଞ୍ଚାୟତ ଅଧୀନ ହଦଗୋଠ ଗ୍ରାମରେ ଥିବା ଦେଶୀ ମଦ ଭାଟି ସ୍ଥାନାନ୍ତର ଘଟଣା ଏବେ ଭିନ୍ନ ମୋଡ ନେଇଛି। ଗତ ୧ ତାରିଖରେ ବାଲେଶ୍ୱର ଗୋଲେଇ ନିକଟରେ ରାସ୍ତାରୋକ ଡାକରାକୁ ଗ୍ରାମବାସୀ ସ୍ଥଗିତ କରିଥିବାବେଳେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଜରୁରୀ ବୈଠକ ବସିଥିଲା। ଏହି ମଦ ଭାଟିକୁ ଯଥାଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦୀର୍ଘ ୧୭ ବର୍ଷ ଧରି ଚାଲିଛି ଏକ ଦେଶୀ ମଦଭାଟି ରହିଛି। ଫଳରେ ଗ୍ରାମର ପରିବେଶ ନଷ୍ଟ ହେଉଛି। ପଚାଶ ମିଟର ଦୂରରେ ଅଛି ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ମଦ ଭାଟି ଆରମ୍ଭ ହେବା ଠାରୁ ଏହାକୁ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ ହୋଇଛି। କିନ୍ତୁ ପ୍ରଶାସନିକସ୍ତରରେ ଫଳ ଶୂନ। ଅଞ୍ଚଳର ବୁଦ୍ଧିଜୀବୀ ଓ ସମାଜସେବୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ମାଙ୍କଡ଼ପଡ଼ା ସରପଞ୍ଚ କ୍ଷେତ୍ରମୋହନ ଟୁଡୁ ଏହି ଘଟଣା ଉପରେ ହସ୍ତକ୍ଷେପ କରିଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଅବକାରୀ ଅଧିକାରୀ ମୃତ୍ୟୁଞ୍ଜୟ ମଲ୍ଲିକ କହନ୍ତି ଯେ, ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଇନିସ୍ପେକ୍ଟରଙ୍କ ସହିତ ମୁଁ ତଦନ୍ତ କରିବାକୁ ଯାଇଥିଲୁ। ଗ୍ରାମ ଓ ବିଦ୍ୟାଳୟଠାରୁ ପାଞ୍ଚ ସହ ମିଟର ଦୂରତାରେ ଭାଟି ହେବା କଥା, ହୁଏତ ଭାଟି ହେବା ପରେ ବିଦ୍ୟାଳୟ ହୋଇଛି ଏବଂ କିଛି ଲୋକ ଘର କରିଛନ୍ତି। ଏବେ ରାସ୍ତା ଦେଇ ମାପିଲେ ୧୮୦ ମିଟର ହେଉଛି। ସିଧାରେ ମାପିଲେ ୫୦/୬୦ମିଟର ହେବ। ଭାଟି ନିକଟରେ ସ୍ଥାୟୀ ଘର ମଧ୍ୟ ରହିଛି। ତଦନ୍ତ ରିପୋର୍ଟ ଗଲା ପରେ ଜିଲ୍ଲା ଅଧିକାରୀ ଯାହା ଉଚିତ ମନେକରିବେ। ସ୍ଥାନାନ୍ତର ପାଇଁ ସମୟ ଟିକେ ଲାଗିବ ବୋଲି ପ୍ରକାଶ କରିଛନ୍ତି। ସରପଞ୍ଚ କ୍ଷେତ୍ର ମୋହନ ଟୁଡୁଙ୍କୁ ପଚାରିବାରୁ ତଦନ୍ତ ଅଧିକାରୀଙ୍କ ନିର୍ଦ୍ଦେଶମୂଳେ ଭାଟି ସ୍ଥାନାନ୍ତର ପାଇଁ ଲୋକଙ୍କ ଅଭିଯୋଗ କ୍ରମେ ମୁଁ ରିଜୁଲେସନ କରି ଯଥାଶୀଘ୍ର ଏହା କାର୍ଯ୍ୟକାରୀ କରିବାକୁ ଜିଲ୍ଲା ଅବକାରୀ ଅଧିକାରୀଙ୍କୁ ପଠାଇଛି।

# ଲଗାଣ ବର୍ଷାରେ ଜୀବନଯାତ୍ରା ପ୍ରଭାବିତ

ଆନନ୍ଦପୁର, ୪।୯ (ସମିସ)





୫ ଦିନ ଧରି ଲଗାଣ ବର୍ଷା ଯୋଗୁଁ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁହାକୁ ତୁହା ବର୍ଷା ଯୋଗୁଁ ଲୋକମାନେ ଘରୁ ବାହାରି ପାରୁ ନଥିବା ବେଳେ ଶ୍ରମଜୀବୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଆନନ୍ଦପୁର ପୌରାଞ୍ଚଳ ଶୈଲଙ୍ଗରେ ଗୋଟିଏ ପରିବାରର ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ସର୍ଭିସ୍ ରୋଡ୍‌ରେ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବଜାର ଏକପ୍ରକାର ଶୂନଶାନ୍ ରହିଛି। ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ କମ୍ ରହୁଥିବା ସୂଚନା ମିଳିଛି। ସରକାରୀ କାର୍ଯ୍ୟାଳୟ ମଧ୍ୟ ଏକପ୍ରକାର ଫାଙ୍କା ରହିଥିବା ପରିଲକ୍ଷିତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଆନନ୍ଦପୁରରେ ୧୦୬.୬ ମିମି ବର୍ଷା ରେକର୍ଡ କରାଯାଇଥିବା ନେଇ ସ୍ଥାନୀୟ କେନ୍ଦ୍ରୀୟ ଜଳଆୟୋଗ ସୂତ୍ରରୁ ଜଣାପଡ଼ିଛି। ଲଗାଣ ବର୍ଷାରେ ୧୬ନମ୍ବର ୱାର୍ଡ ଶୈଲଙ୍ଗ ମଝିସାହିରେ ପ୍ରଭାକର ସାଙ୍କ ଘର କାନ୍ଥ ପଡ଼ିଯାଇଛି। ୨୦ନମ୍ବର ଜାତୀୟ ରାଜପଥ ସର୍ଭିସ୍ ରୋଡ୍‌ର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବାଇକ୍, କାର ବହୁ କଷ୍ଟରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଅନେକ ବାଇକ୍ ଆରୋହୀ ରାସ୍ତାରେ ପଡ଼ି ପାଣିକାଦୁଅରେ ଲଟପଟ ହୋଇଥିବା ନେଇ ସ୍ଥାନୀୟ ବ୍ୟବସାୟୀ ଶରତ ପତି କହିଛନ୍ତି। ବର୍ଷାରେ ସବୁଠାରୁ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ଦିନମଜୁରିଆ ତଥା ଶ୍ରମଜୀବୀ। କାମ କରିବାକୁ ଆନନ୍ଦପୁର ଓ ଘସିପୁରା ବଜାରକୁ ଆସିଥିବା ଅନେକ ଶ୍ରମଜୀବୀ ନିରାଶ ହୋଇ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଛି। ଆଗକୁ ଏଭଳି ବର୍ଷା ଲାଗିରହିଲେ ସେମାନଙ୍କ ଜୀବନଜୀବିକା ପ୍ରଭାବିତ ହେବ ବୋଲି ଶ୍ରମଜୀବୀମାନେ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ତୁରୁମୁଙ୍ଗା, ୪।୯ (ସମିସ): ପାଟଣା ଥାନା ଖଜୁରିଡିହା-ଉଦୟପୁର ରାସ୍ତାର ବେଗନା ନିକଟରେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ଉଦୟପୁର ଗ୍ରାମର ସୁବର୍ଣ୍ଣ ମହାନ୍ତ (୩୧) ଏବଂ ସିଲିପଦା ଗ୍ରାମର ଭୀମ ମୁଣ୍ଡା (୪୧) ବୋଲି ଜଣାପଡିଛି। ପାଟଣା ପୁଲିସ ଉଭୟଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିବା ବେଳେ ପରେ ଭୀମ ମୁଣ୍ଡାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମାଛ ଜାଲରେ ବୋଡ଼ା ସାପ



ତୁରୁମୁଙ୍ଗା, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ରସପଡା ଗ୍ରାମର ଏକ ବିଲରେ ମାଛ ମାରିବା ପାଇଁ ପକା ଯାଇଥିବା ଜାଲରେ ଏକ ବିରାଟ ବୋଡ଼ା ସାପ ଲାଗିଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗର ସାପ ଉଦ୍ଧାରକାରୀ ଟିମ୍ ପହଞ୍ଚି ସାପକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ସାପଟିକୁ ଜଙ୍ଗଲରେ ଛଡ଼ା ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ନରଣପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହିନ୍ଦୀ ବକ୍ତୃତା



କେନ୍ଦୁଝର, ୪।୯ (ସମିସ): ବ୍ୟାଙ୍କ ଅଫ ଇଣ୍ଡିଆର ୧୨୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ତରଫରୁ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଓ ଏକାଦଶ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରରେ ୧୦ ଜଣ ପ୍ରତିଯୋଗୀ ଥିବା ବେଳେ ଉଚ୍ଚ ମଧ୍ୟମିକ ସ୍ତରରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତ୍ୟେକ ସ୍ତରରୁ ପାଞ୍ଚ ଜଣ ଲେଖାଏଁ କୃତୀ ପ୍ରତଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ଅଧକ୍ଷ କିଶୋରଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନର ଡେପୁଟି ଜୋନାଲ ମ୍ୟାନେଜର ସିଦ୍ଧାର୍ଥ କୁମାର ବେହେରା, ନରଣପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ପରିଚାଳକ ବିକାଶ ଯାଦବ, ମାର୍କେଟିଙ୍ଗ ସିନିୟର ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, ମାର୍କେଟିଙ୍ଗ ମ୍ୟାନେଜର ସୌମ୍ୟରଂଜନ ସାହୁ ଓ ରାଜାଭାଷା ଅଧିକାରୀ ଦେବ ଜୟସ୍ୱାଲ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କର ବିଭିନ୍ନ ପ୍ରକାର ଠକେଇ ଓ ଏଥିରୁ ରକ୍ଷା ପାଇବାର ଉପାୟ ମାନ ପ୍ରକାଶ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଜିନ୍ଦଲ ସୁବିଧାକେନ୍ଦ୍ର ଉଦ୍‌ଘାଟିତ




କେନ୍ଦୁଝର/ଯୋଡ଼ା, ୪।୯ (ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର ଇଭିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦଘାଟନ କରିଛନ୍ତି। ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଇଓ କ୍ଷେତ୍ରମୋହନ ହାଁସଦା, ସେରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଭର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ସ୍କୁଲକୁ ଆସିବା ପାଇଁ ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ଏହି ସୁବିଧା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ମିଳିବ। କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଡଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ।

## ରକ୍ତହୀନତା ରୋଗୀଙ୍କୁ ୨ ୟୁନିଟ୍ ରକ୍ତଦାନ



ବେଲବାହାଲି, ୪।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବାତୋ ପଞ୍ଚାୟତ କଡରାପାଳ ଗ୍ରାମର ଜଣେ ରକ୍ତହୀନତା ରୋଗୀଙ୍କ ଜରୁରିକାଳୀନ ଚିକିତ୍ସା ପାଇଁ ଦୁଇ ୟୁନିଟ ରକ୍ତର ଆବଶ୍ୟକ ଥିଲା। ଖବରପାଇ ମେଗା ପ୍ରକଳ୍ପର ବରିଷ୍ଠ ଯନ୍ତ୍ରୀ ପ୍ରଭଞ୍ଜନ ଚକ୍ର ଉକ୍ତ ପ୍ରକଳ୍ପରେ କାମ କରୁଥିବା କର୍ମଚାରୀ ଅନ୍ତର୍ଯ୍ୟାମୀ ଭଞ୍ଜ ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ରକ୍ତହୀନତା ରୋଗୀଙ୍କ ଜୀବନ ବଞ୍ଚାଇ ଉଦାହରଣ ସୃଷ୍ଟି କରିଛନ୍ତି।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା

କେନ୍ଦୁଝର, ୪।୯ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉପନିର୍ଦ୍ଦେଶକ ପ୍ରାଥମିକ ନିର୍ଦ୍ଦେଶାଳୟର ହିମାଂଶୁ ଭୂଷଣ ଓଝା ମୁଖ୍ୟଅତିଥି ଭାବେ ଜିଲ୍ଲାର ସମସ୍ତ ଶାରିରୀକ ଶିକ୍ଷା ଶିକ୍ଷକଶିକ୍ଷୟିତ୍ରୀ, ସ୍କାଉଟସ୍ ମାଷ୍ଟର୍ସ/ଗାଇଡସ କ୍ୟାପଟେନସ ଓ ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ସୁଶୀଳ ନାୟକ, ସନ୍ତୋଷିନୀ ସେଠୀ, ପରମେଶ୍ୱର ସାମଲ, ପ୍ରଫୁଲ୍ଲଚନ୍ଦ୍ର ଘୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ବିଭିନ୍ନ ବ୍ଲକରୁ ୩୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜୁନିଅର ରେଡକ୍ରସ ସ୍କାଉଟସ୍/ଗାଇଡସ୍ ଓ କ୍ରୀଡ଼ାଙ୍ଗନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜୁନିଅର ରେଡକ୍ରସ ଅଫିସର ପ୍ରଶାନ୍ତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପାର୍ବଣ ପାଇଁ ଚମ୍ପୁଆ ଥାନାରେ ଶାନ୍ତିକମିଟି ବୈଠକ


ଚମ୍ପୁଆ, ୪।୯ (ସମିସ): ଚଳିତ ବର୍ଷ ଚମ୍ପୁଆରେ ଶାରଦୀୟ ଦୁର୍ଗା ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଉଦ୍ଦେଶ୍ୟରେ ଆଜି ଥାନା ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏସପି ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଇଆଇସି ରମାକାନ୍ତ ମୁଦୁଲି, ସବଇନସପେକ୍ଟର ହିମାଂଶୁ ପ୍ରଧାନ ଏବଂ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାର୍ବଜନୀନ ଦୁର୍ଗାପୂଜା କମିଟି, ମା' ଜଗତଜନନୀ ପୂଜା କମିଟି ଏବଂ ରିମୁଳି ଓ କରଞ୍ଜିଆ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଦୂର୍ଗାପୂଜା ଏବଂ ଅକ୍ଟୋବର ୩ତାରିଖ ଭସାଣି ଅନୁଷ୍ଠିତ ହେବାକୁ ଥିବା ବେଳେ ଭାଇଚାରାର ସହର ଚମ୍ପୁଆରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ଡିଏସପି ସୂଚନା ଦେଇଥିଲେ। ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବା, ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ସିଷ୍ଟମ ବ୍ୟବହାରକୁ ଅନୁମତି ଦିଆଯିବ ନାହିଁ, ସାମାଜିକ ଗଣମାଧ୍ୟମରେ ଧର୍ମକୁ ଆଘାତ ଦେବା ଭଳି ମେସେଜ ପୋଷ୍ଟ ନ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଦକ ଦ୍ରବ୍ୟ ସେବନଠାରୁ ଦୂରରେ ରହି ପାର୍ବଣକୁ ପାଳନ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଅପିଲ କରାଯାଇଛି।

## ଅସ୍ଥିମଜ୍ଜା ପ୍ରତିରୋପଣରେ ସହାୟତାର ନିବେଦନ



ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ଗ୍ରାମର ଆଦର୍ଶ ଶିକ୍ଷକ ତଥା ସମାଜସେବୀ ସତ୍ୟବ୍ରତ ନାଥ (୩୬)ଙ୍କ ବୋନମେରୋ ଟ୍ରାନ୍ସପ୍ଲାଣ୍ଟ (ଅସ୍ଥିମଜ୍ଜା ପ୍ରତିରୋପଣ) ନିମନ୍ତେ ପରିବାର ପକ୍ଷରୁ ଅର୍ଥ ସହାୟତା ପାଇଁ ନିବେଦନ କରାଯାଇଛି। ସତ୍ୟବ୍ରତ କିଛି ବର୍ଷ ପୂର୍ବରୁ ବ୍ଲଡ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ଏବେ ସେ ପୁନଶ୍ଚ ଗୁରୁତର ବ୍ଲଡ଼ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି। ଗୋଟିଏ ମାସ ମଧ୍ୟରେ ତାଙ୍କର ପ୍ରତିରୋପଣ ପାଇଁ ଡାକ୍ତର ପ୍ରସ୍ତାବ ଦେଇଥିବା ବେଳେ ଏଥିପାଇଁ ୩୦ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କର ବାପା କେଦାରନାଥ ଜଣେ ଖବର କାଗଜ ବିତରକ ଅଟନ୍ତି। ଏତେ ଅର୍ଥ ଯୋଗାଡ଼ କରି ପୁଅର ଚିକିତ୍ସା କରିବା ପାଇଁ ଅସମର୍ଥ ଥିବାବେଳେ ସାହାଯ୍ୟ ପାଇଁ ସେ ଏସବିଆଇ ଆକାଉଣ୍ଟ ନମ୍ବର ୩୦୩୮୨୦୦୭୬୨୧, ଆଇଏଫଏସଇ କୋଡ ଏସବିଆଇଏନ ୦୦୦୧୦୮୬ରେ ସହାୟତା ରାଶି ପ୍ରଦାନ କରିବାକୁ ବିଭିନ୍ନ ସହୃଦୟ ବ୍ୟକ୍ତିବିଶେଷ, ବଦାନ୍ୟ ଅନୁଷ୍ଠାନକୁ ନିବେଦନ କରିଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟ ଉଭିଦ ବିଜ୍ଞାନ ବିଭାଗରେ ସ୍ୱାଗତ ସଭା




ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷରେ ଉଭିଦ ବିଜ୍ଞାନ ବିଭାଗର ସ୍ୱାଗତ ସଭା ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ନରେଶ ସାହାଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ସୁବ୍ରତ ସାହାଣୀ, ସୁରୁଚି ସମ୍ପନ୍ନ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ଦେବାଙ୍ଗିନି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ କରାଯାଇଥିଲା। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଏବଂ ଅନ୍ନପୂର୍ଣ୍ଣା ସିଂହ କାର୍ଯକ୍ରମକୁ ପରିଚାଳନା କରିଥିଲେ।

## ଥାଲାସେମିଆ ସଙ୍ଘ ପକ୍ଷରୁ ରକ୍ତଦାନ ଶିବିର



ଆନନ୍ଦପୁର, ୪।୯ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୧୫ହଜାରରୁ ଅଧିକ। ମୁଖ୍ୟ ଚିକିତ୍ସା ପଦ୍ଧତିରେ ସବୁବେଳେ ରକ୍ତ ଗ୍ରହଣ କରି ବଞ୍ଚିବା ହିଁ ଏକମାତ୍ର ଉପାୟ। ଗତ କିଛିଦିନ ହେବ ସରକାରଙ୍କ ଦ୍ୱାରା କରାଯାଉଥିବା ରକ୍ତଦାନ କାର୍ଯ୍ୟକ୍ରମ ଧିମେଇ ଯାଇଛି। ଫଳରେ ଥଳାସେମିଆ ରୋଗୀ ବଞ୍ଚିବା କଷ୍ଟକର ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ଆଜି ଥାଲସେମିଆ ସଙ୍ଘ ଓ ଏମ୍ସ ରକ୍ତଭଣ୍ଡାର ମିଳିତ ସହଯୋଗରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥଲାସେମିଆ ରୋଗୀଙ୍କ ସାହାଯ୍ୟ କରିବାକୁ ଉକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରତିକାନ୍ତ ପୋଥାଳ ଓ ପ୍ରଣବ ମିଶ୍ର କହିଛନ୍ତି ଯେ ଆପଣଙ୍କ ଦୁଇ ବୁନ୍ଦା ରକ୍ତରେ ବନ୍ଧା ଥଲାସେମିଆ ରୋଗୀଙ୍କ ଜୀବନ। ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ଆମମାନଙ୍କୁ ବଞ୍ଚିବାକୁ ସାହାଯ୍ୟ କରନ୍ତୁ। ଶ୍ରୀ ମିଶ୍ର ଓ ପୋଥାଳ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ରକ୍ତଭଣ୍ଡାରର ସମସ୍ତ ଡାକ୍ତର ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପରମେଶ୍ୱର ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି



ତୁରୁମୁଙ୍ଗା, ୪।୯ (ସମିସ): ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ପାଇଁ ଗାଲଫୁଲା ଗ୍ରାମର ପରମେଶ୍ୱର ନାଏକଙ୍କୁ ସଭାପତି ମନୋନୀତ କରାଯାଇଛି। ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଘୋଷଣା କରିଛନ୍ତି। ଶ୍ରୀ ନାଏକ ପିସିସି ସଭାପତିଙ୍କ ସହ ସମସ୍ତ ବରିଷ୍ଠ ପ୍ରମୁଖ ନେତୃବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଗାମୀ ଦିନରେ ସେ ପାଟଣା ନିର୍ବାଚନମଣ୍ଡଳୀରେ ଯୁବ କଂଗ୍ରେସର ସଂଗଠନକୁ ମଜବୁତ୍ କରି ଯୁବକଙ୍କ ହକ୍ ପାଇଁ ଲଢେଇ ଜାରି ରଖିବେ ବୋଲି କହିଛନ୍ତି।

## ଏଡ୍‌ସ ସଚେତନତା ପାଇଁ ଗଣଦୌଡ଼



କେନ୍ଦୁଝର, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଓସାକ୍ସ ଆନୁକୂଲ୍ୟରେ ଏଡସ ସଚେତନତା ଅବସରରେ ଗଣଦୌଡ଼ ସରକାରୀ ମହିଳା ମହାବିଦ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା ଶେଷ ହୋଇଥିଲା। ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁ ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ସମେତ ଆଖପାଖ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ନିଲମ ମହାନ୍ତି, ଡା. ଏଲକେ ମହାନ୍ତ ଏଡିପିଏଚଓ (ପରିବାର ନିୟନ୍ତ୍ରଣ), ଭରତ ସାହୁ ଡିପିଏଚସିଓ, ବୃନ୍ଦାବନ ସାହୁ ଷ୍ଟାଟିସଟିକାଲ ଆସିଷ୍ଟାଣ୍ଟ, ପ୍ରକାଶ କୁମାର ଦାସ ସିଏସଓ ଦିଶା, ସହାୟକ ଅଧ୍ୟାପକ ଦେବାନନ୍ଦ ନାଏକ ବକ୍ତବ୍ୟ ରଖିଥିଲେ। ଏସଏମଆର କଲେଜର ତୁରମ ପୂର୍ତ୍ତି, ତୃପ୍ତିମୟୀ ଦାସ, କେନ୍ଦୁଝର ମହିଳା ମହାବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ବାରିକ, କୌଶଲ୍ୟା ନାଏକ, ତପସ୍ୱିନୀ ମୁଣ୍ଡା, ଧରଣୀଧର ବିଶ୍ୱବିଦ୍ୟାଳୟର ରଞ୍ଜନ ସୋରେନ, ବାପୁନ କୁଲାଣ୍ଡିଆ, ଲକ୍ଷ୍ମଣ ମୁର୍ମୁ, ମିନାକ୍ଷୀ ପୂର୍ତ୍ତି ଦୌଡ଼ରେ କୃତକାର୍ଯ୍ୟ ହୋଇ ଆସନ୍ତା ୧୦ ତାରିଖ ରାଜ୍ୟସ୍ତରୀୟ ସଚେତନ ଦୌଡ଼ରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି।

## ମହେଶ୍ୱରପୁରରେ କରମ୍ ପରବ୍

ଚମ୍ପୁଆ, ୪।୯ (ସମିସ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ କରମ ରାଜା କଲଚରାଲ କ୍ଲବ ଆନୁକୂଲ୍ୟରେ କରମା ପର୍ବ ପାଳିତ ହୋଇଯାଇଛି। କୁଡୁମି ମହାନ୍ତଙ୍କର ଏହି କୃଷିଭିତ୍ତିକ ପର୍ବ ଖୁବ୍ ପ୍ରାଚୀନ। ବୃକ୍ଷଠାରୁ ମଣିଷ ବହୁ ଉପକାର ପାଉଥିବା ତଥା ବୃକ୍ଷ ମଣିଷର ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରୁଥିବାରୁ ପୂଜା କରିଆସୁଛନ୍ତି। ପୂର୍ବ କାଳରୁ ଏହି ବୃକ୍ଷକୁ କର୍ମ ଓ ଧର୍ମର ପ୍ରତୀକ ରୂପେ ପୂଜା କରିଆସୁଛନ୍ତି। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଗାଁର କୁଆଁରୀ ଝିଅମାନେ ନିର୍ଜଳା ଉପବାସ କରି ପୂଜା କରିଥାଆନ୍ତି। ତିନି ଦିନ ପୂର୍ବରୁ ନିକଟସ୍ଥ ନଦୀ ବା ପୁଷ୍କରିଣୀରୁ ବାଲି କାଢି ଆଣି ଥାଆନ୍ତି। ବିଭିନ୍ନ ପ୍ରକାରର ଶସ୍ୟ ବାଲି ଉପରେ ରଖି ଅଙ୍କୁରୋଦଗମ କରାଇଥାନ୍ତି। ଏହାକୁ 'ଜାୱା' କୁହାଯାଏ। 'ଜାୱା' ଅର୍ଥ ଯିବା ବା ଯାତ୍ରା କରିବା। ଜାଭା ଓ ବାଲି ଦ୍ୱୀପକୁ ଯାତ୍ରା କରିବା ମଧ୍ୟ କୁହାଯାଏ। ଏହା ନୂତନତ୍ୱ ଓ ବଂଶ ବୃଦ୍ଧିର ମଧ୍ୟ ପ୍ରତୀକ। ନରସିଂହ ଓ ଶେଷଦେବଙ୍କ ନାମରେ ଦୁଇଟି କରମ ଗଛର ଡାଳକୁ ଗାଁ ଲୋକେ ମିଳିମିଶି ମାଦଳ, ନାଗରା, ଝାଞ୍ଜ ଆଦି ବାଦ୍ୟ ବଜାଇ ଶୋଭା ଯାତ୍ରାରେ ଆଖଡ଼ା ସ୍ଥାନକୁ ଆଣିଥାନ୍ତି। ଭଗବାନ ବିଷ୍ଣୁ ଓ ମାଆ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଏହି 'ଜାୱା' ବସିଥାଏ। କୃଷି କାର୍ଯ୍ୟ ଭଲ ହେବା ପାଇଁ କାମନା କରିଥାଆନ୍ତି। କର୍ମର ପ୍ରତୀକ କର୍ମୁ ଓ ଧର୍ମର ପ୍ରତୀକ ଧର୍ମୁ ଏହି ଦୁଇ ଜଣଙ୍କ ଉପାଖ୍ୟାନକୁ ବାଖୁଣି ଭାବେ ଗାଁର ଜଣେ ମୁରବୀ ଶ୍ରେଣୀର ଲୋକ କାହାଣୀ କହିଥାନ୍ତି। ଜାଗର ଜଗିବା ଅବସରରେ ଗାଁର ଯୁବକଯୁବତୀ, ବାଳକବାଳିକା, ବୟସ୍କ ସଭିଏଁ ମିଳିମିଶି ସାଂସ୍କୃତିକ ଲୋକନୃତ୍ୟ ଓ ସଂଗୀତ 'ଝୁମର' ଗାଇଥାନ୍ତି। ଉକ୍ତ କ୍ଲବର ସମସ୍ତ ସଦସ୍ୟ ମିଳିମିଶି ଏହି କରମ ପୂଜା ପାଳନ କରିବା ସହିତ ଝୁମର ସଂଗୀତରେ ରାତି କଟାଇଥିଲେ। ଶିକ୍ଷକ ଯଦୁମଣି ମହାନ୍ତ କାହାଣୀ କହିଥିବାବେଳେ ଶିକ୍ଷକ କିଶୋର ମହାନ୍ତ ସହଯୋଗ କରିଥିଲେ। ସମସ୍ତ ସଦସ୍ୟ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

## ପଞ୍ଚୁପଲ୍ଲୀ-ବାତୋ ରାସ୍ତାର ସେତୁ ନିର୍ମାଣ ଦାବି

ବେଲବାହାଲି, ୪।୯ (ସମିସ)



ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୨୦୧୮ରୁ ନିର୍ମାଣାଧୀନ ପୋଲ ସଂପୂର୍ଣ୍ଣ କରିବା ପାଇଁ ଆଜି ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁରର ପଞ୍ଚୁପଲ୍ଲୀ-ବାତୋ ରାସ୍ତାକୁ ସଂଯୋଗୀକରଣ କରୁଥିବା ଅଧପନ୍ତରିଆ ପୋଲକୁ ତୁରନ୍ତ ସଂପୂର୍ଣ୍ଣ କରିବା ନେଇ ସ୍ଥାନୀୟ ଲୋକମାନେ ଦାବି କରିଆସୁଛନ୍ତି। ପ୍ରାୟ ୯ କୋଟି ଟଙ୍କା ଅନୁଦାନରେ ବିଜୁ ସେତୁ ଯୋଜନାରେ ଏହି ପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଞ୍ଚ ନମ୍ବର ପିଲର ନିର୍ମାଣ ସମୟରେ ଟେଣ୍ଡର ନେଇଥିବା ଠିକାଦାର ଏହାକୁ ଅଧପନ୍ତରିଆ ଅବସ୍ଥାରେ ଛାଡି ଚାଲିଯାଇଛନ୍ତି। ଫଳରେ ଶତାଧିକ ଲୋକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲଟି ସଂପୂର୍ଣ୍ଣ ହେଲେ ବର୍ତ୍ତମାନର ଆନନ୍ଦପୁର-ପାଣିକୋଇଲି ରାସ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ବାଇପାସ ରାସ୍ତା ଭାବରେ ବ୍ୟବହାର ହୋଇ ଅଧା ଦୂରତା କମିଯାଆନ୍ତା ଏବଂ ଏଥିରେ ମଧ୍ୟ ଲୋକମାନେ ଉପକୃତ୍ ହୋଇପାରନ୍ତେ। ପୋଲଟିକୁ ତୁରନ୍ତ ସଂପୂର୍ଣ କରାଯାଇ ଏହାର ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ କାମକୁ ତ୍ୱରାନ୍ୱିତ କରାଯାଇ ରାସ୍ତା କାମଟି ଶୀଘ୍ର ସାରିବା ପାଇଁ ୩ନଂ ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ଏକ ଜନସ୍ୱାର୍ଥ ସମ୍ବଳିତ ଦରଖାସ୍ତ ପ୍ରଶାସନକୁ ଦେଇଛନ୍ତି। ବେଲବାହାଲି ବିଜେପି ମଣ୍ଡଳ ସଭାପତି ଚନ୍ଦ୍ରମଣି ସେଠୀ, ସାଧାରଣ ସମ୍ପାଦକ ତାପସ ଜେନା, ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ରବୀନ୍ଦ୍ର ରାଉତ, ମଦନ ଜେନା, ହରିହର ନାୟକ, ଚଗୁଲୁ ଜେନା, ବେଣୁଧର ଜେନା, ହିମାଂଶୁ ଶେଖର ଜେନା, ମର୍କନ୍ଦ ଜେନା, ଭାଗୀରଥି ସାମଲ, ମିନହରୀ ଜେନା ପ୍ରମୁଖ ଦାବି ଜଣାଇଛନ୍ତି।

# ଲଗାଣବର୍ଷାରେ ଭୁଶୁଡ଼ିଲା ଅସ୍ଥାୟୀ ଅଙ୍ଗନବାଡି କେନ୍ଦ୍ର



ଠାକୁରମୁଣ୍ଡା,୪।୯ (ସମିସ): ପ୍ରଶାସନର ଅବହେଳା ପାଇଁ ଏକ ବଡ ବିପଦରୁ ବର୍ତ୍ତି ଯାଇଛନ୍ତି ଅଙ୍ଗନବାଡିର ଶିଶୁ। ଲଗାଣବର୍ଷାରେ ବୁଧବାର ବିଳମ୍ବିତ ରାତିରେ ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମପଞ୍ଚାୟତ କଲେଇଯାଉ (ବାଉଁଶ ଡିହା-୨) ରେ ଅସ୍ଥାୟୀ କେନ୍ଦ୍ରଟି ଭୁଶୁଡି ଯାଇଛି। ଦୀର୍ଘ ୩୨ ବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ଗ୍ରାମବାସୀଙ୍କ ଉଦ୍ୟମରେ ହୋଇଥିବା ଚାଳିଆ ଘରେ କେନ୍ଦ୍ର ଚାଲୁଥିଲା। ଏହି କେନ୍ଦ୍ରରେ ଗ୍ରାମର ପ୍ରାୟ ୩୦ରୁ ଅଧିକ ଶିଶୁ ପଢୁଥିଲେ। ପ୍ରଶାସନର ସ୍ଥାଣୁତା ପାଇଁ ଆଜିଯାଏ କେନ୍ଦ୍ର ନିର୍ମାଣ ହୋଇପାରିନାହିଁ। ଗୁରୁବାର ସକାଳେ ଶିଶୁଙ୍କୁ କେନ୍ଦ୍ରକୁ ଆଣି ଛାଡିବା ପାଇଁ ଆସିଥିବା ଅଭିଭାବକ ଓ କର୍ମୀ ଗୃହଟି ଭାଙ୍ଗି ଯାଇଥିବାର ଦେଖିବାକୁ ପାଇଥିଲେ। ସେହିପରି ଅଙ୍ଗନବାଡି କେନ୍ଦ୍ର ଭୁଶୁଡି ପଡିବା ପରେ ସେହି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସିବା ସହିତ ପାଣି ପଡୁଥିବାରୁ ଗ୍ରାମବାସୀ ତାଲା ପକାଇ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ବାହାରେ ବସାଇଥିଲେ। ଖବର ପାଇ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୬ ମାସ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବାକୁ ଗ୍ରାମବାସୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଅବକାରୀ ଚଢଉ; ଦୁଇ ଗିରଫ

ମୋରଡ଼ା/ଶୁଳିଆପଦା,୪।୯ (ସମିସ): ଗୁରୁବାର ଦେଉଳି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଛି। ଦେଉଳି ରେଞ୍ଜ ତଥା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଟିଳକାଛକ ଗ୍ରାମରୁ ଲିଳିମଣି ସୋରେନଙ୍କ ପାଖରୁ ୩୦ ଲିଟର ଦେଶୀ ମଦ ଜବତ କରିବା ପରେ ପାଣ୍ଡୁଶୋଳ ଗ୍ରାମର ଦିଲ୍ଲୀପ ଦେହୁରୀଙ୍କ ପାଖରୁ ୭୦ ଲିଟର ଦେଶୀ ମଦ ଜବତ ହୋଇଛି। ପରେ ପୁଡୁଗିରିଶୋଳ ଗ୍ରାମର ଏକ ନିଛାଟିଆ ସ୍ଥାନରୁ ୧୭୮ ଲିଟର ଦେଶୀ ମଦ ଜବତ ସହ ୧୫୫୦ ଲିଟର ପୋଚ ନଷ୍ଟ କରାଯାଇଛି।

## ମଦ ସହ ସ୍କୁଟି ଜବତ; ୪ ଗିରଫ

କରଞ୍ଜିଆ, ୪।୯ (ସମିସ): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଦ ଏବଂ ସ୍କୁଟି ଜବତ ହେବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ପାର୍ବଣ ଋତୁ ପାଇଁ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବା ଯୋଗୁଁ ଏହି ଚଢଉ କରାଯାଇଛି। ଚଢୁରେ କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିନୟ କୁମାର ତିର୍କୀ ଓଆଇସି ରଶ୍ମିରଂଜନ ନାୟକ, ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଳ ଅଂଶୁମାନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। କରଞ୍ଜିଆ ସହରର ଖଜୁରୀ ସାଗର ସାହିରୁ ଆକାଶ ନାଇକ, ଘୋଡାଗାଗୁରୀ ଠାରୁ, ସତ୍ୟରଞ୍ଜନ କରୋଇ, ଶୁକ୍ରୁଳି ଠାରୁ ଯଶୋବନ୍ତ ମହାନ୍ତ ଓ କରଞ୍ଜିଆ ଶିଶୁ ମନ୍ଦିର ନିକଟରୁ ପ୍ରିୟଙ୍କା ପଲେଇ ନିକଟରୁ ଯଥାକ୍ରମେ ୨୫,୧୮, ୩୦ ଓ ୧୫ ଲିଟର ମଦ ଜବତ କରି ୪ ଜଣଙ୍କୁ ଗିରଫ କରିଛି।

**ବିଶ୍ୱବିଦ୍ୟାଳୟରେ ପାନୀୟ ଜଳ ଉତ୍କଟ**

# ଫାଟକରେ ତାଲା ପକାଇଲେ ଛାତ୍ରୀ

ବାରିପଦା,୪।୯ (ସମିସ):



ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଫାଟକରେ ଛାତ୍ରୀମାନେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଛାତ୍ରୀ ନିବାସ-୨ରେ ପାଣି, ବିଦ୍ୟୁତ ଓ ଖାଦ୍ୟ ସମସ୍ୟାକୁ ନେଇ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଧାରଣା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ହଷ୍ଟେଲ ପରିଚାଳନା କମିଟି ପକ୍ଷରୁ ଛାତ୍ରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ, ଦୁଇ ଦିନ ପୂର୍ବରୁ ଛାତ୍ରାବାସ ରୋଷଇ ଘରେ ଅଗ୍ନିକାଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟ ଫାଟକରେ ତାଲା ବନ୍ଦ ଆନ୍ଦୋଳନ ହେବା ପରେ ପୁନର୍ବାର ଛାତ୍ରୀ ହଷ୍ଟେଲର ଅବ୍ୟବସ୍ଥାକୁ ନେଇ ଛାତ୍ରୀମାନଙ୍କ ଅସନ୍ତୋଷ ଦେଖାଦେଇଛି। ହଷ୍ଟେଲରେ ପାଣି ସମସ୍ୟାକୁ ନେଇ ନିୟମିତ କଲେଜ ଯିବାରୁ ଛାତ୍ରୀମାନେ ବଞ୍ଚିତ ରହୁଛନ୍ତି। ଏପରିକି ଛାତ୍ରୀମାନେ ବାହାରେ ଶୌଚ ହେବାକୁ ପଡୁଥିବା ବେଳେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଅସ୍ୱାସ୍ଥ୍ୟକର ପରିବେଶର ପାଣି ପିଇବାକୁ ବାଧ୍ୟ ହେଉଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁଁ ପାଠପଢାରେ କ୍ଷତି ହେଉଛି। ଉତ୍ତମ ମାନର ଖାଦ୍ୟ ପରିବେଷଣ କରାଯାଉନଥିବା ବେଳେ ଅଭିଯୋଗକୁ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେବଳ ମୌଖିକ ପ୍ରତିଶ୍ରୁତି ଦେଇ ବ୍ୟବସ୍ଥା ସୁଧାରିବା ପରିବର୍ତ୍ତେ ଅଣଦେଖା କରାଯାଉଛି। ଯାହାକୁ ନେଇ ଛାତ୍ରୀମାନେ ଫାଟକ ସମ୍ମୁଖରେ ଧାରଣା ଦେଇ ଏହାର ତ୍ୱରିତ ସମାଧାନ କରିବାକୁ ଦାବି କରିଥିଲେ। ୭ଦିନ ମଧ୍ୟରେ ପିଇବା ପାଣିର ସ୍ଥାୟୀ ସମାଧାନ କରିବା, ଉତ୍ତମମାନର ଖାଦ୍ୟ ପରିବେଷଣ କରିବା, ଫ୍ରିଜ୍, ୱାଶିଂ ମେଶିନ ଓ ଆକ୍ୱାଗାର୍ଡକୁ ସଫା କରାଯିବା, ପାଣି ପମ୍ପର ମରାମତି, ପାଣି ଟାଙ୍କି ସଫା ଏବଂ ପ୍ରତି ୩/୪ମାସରେ ଥରେ ହଷ୍ଟେଲ ଚାରିପାଖ ସଫାସୁତୁରା କରିବା ସହ ୨ମାସ ମଧ୍ୟରେ ଡିଜି ସ୍ଥାପନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀ ଅଶାନ୍ତି ପ୍ରଶମିତ ହୋଇଛି।

## ଜାଲ୍ ସାର୍ଟିଫିକେଟରେ ଅଙ୍ଗନବାଡ଼ି କର୍ମୀ ଚାକିରିରୁ ବହିଷ୍କୃତ



କପ୍ତିପଦା,୪।୯ (ସମିସ): ଜଣେ ଅଙ୍ଗନବାଡି କର୍ମୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହେବା ପରେ ତାଙ୍କୁ ବହିଷ୍କାର କରାଯାଇଛି। କପ୍ତିପଦା ବ୍ଲକ ଦେବାନବାହାଲି-୨ ଅଙ୍ଗନବାଡିର ଅଙ୍ଗନବାଡି କର୍ମୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଅଙ୍ଗନବାଡି କର୍ମୀ ସୁମି ସିଂ ଶମ୍ଭୁରାଇ ନିଜ ଜନ୍ମ ତାରିଖରେ ଠକ୍କତା କରି ଅଙ୍ଗନବାଡିରେ ଚାକିରି କରିଥିଲେ। ସେ ୨୦୨୨ ମସିହାରୁ ଦେବାନବାହାଲୀ - ୨ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତି ପାଇଥିଲେ; ହେଲେ ତାଙ୍କର ଜନ୍ମତାରିଖକୁ ନେଇ ଅଭିଯୋଗ ହୋଇଥିଲା। ଯାହାର ଖୋଳତାଡ଼ ପରେ ସୁମିଙ୍କ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଜନ୍ମ ତାରିଖ ରହିଥିବା ଜଣାପଡିଥିଲା। ସୁମିଙ୍କ ଅଙ୍ଗନବାଡିରେ ତାଙ୍କର ଜନ୍ମ ୧୯୯୫ ମସିହା ଥିବା ବେଳେ ସ୍କୁଲ ସାର୍ଟିଫିକେଟରେ ୧୯୯୯ ମସିହା ଏବଂ ହାଇସ୍କୁଲରେ ୨୦୦୦ ମସିହା ରହିଛି। ଯାହାକି ଏ ସବୁ ଦସ୍ତାବିଜ ଯାଞ୍ଚ କରିବା ପରେ ତାଙ୍କୁ ଚାକିରିରୁ ବିଦା କରିଛି ଜିଲ୍ଲା ପ୍ରଶାସନ।

## ଗୋଟିଏ ରାତିରେ ୫ ଗାଈ ଚୋରି ଅଭିଯୋଗ


କୁଆମରା,୪।୯ (ସମିସ): ଶନିବାର ରାତିରେ ଖୁଣ୍ଟା ଥାନା ଅନ୍ତର୍ଗତ ସିକିଡିଆ ଗ୍ରାମର ରତିକାନ୍ତ ସିଂହଙ୍କ ଘରୁ ଗୋଟିଏ ଗାଈ ଓ ବଡ଼ସାହି ଥାନା ଅନ୍ତର୍ଗତ ପଟିସାରୀ ଗ୍ରାମର ପ୍ରଦୀପ ଖଣ୍ଡା ପାତ୍ରଙ୍କ ଘରୁ ୨ଟି ଓ ବାଲିଚିଲିମା ଗ୍ରାମର ଡାକୁଆ ସିଂଙ୍କ ଗୁହାଳ ଘରୁ ୨ଟି ଗାଈ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଆଜକୁ ୫ ଦିନ ବିତିଯାଇଥିଲେ ହେଁ ଚୋର କିମ୍ବା ଗାଈର କୌଣସି ସନ୍ଧାନ ମିଳିନାହିଁ।

# ମାଣତ୍ରୀ ନୂତନ ବ୍ଲକ୍ ଗଠନ ପାଇଁ ୧୦ ପଞ୍ଚାୟତ ଏକାଠି



ବଡସାହି/ମାଣତ୍ରୀ, ୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ସର୍ବ ବୃହତ୍ ବ୍ଲକ ବଡସାହି ବିଭାଜନ କରି ମାଣତ୍ରୀରେ ଏକ ନୂତନ ବ୍ଲକ ଗଠନ ପାଇଁ ୧୦ଟି ପଞ୍ଚାୟତର ଲୋକେ ଏକାଠି ହୋଇଛନ୍ତି। ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ସହିତ ଦଳଗତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକ କାର୍ଯ୍ୟକାରୀ କମିଟି ଗଠନ ପୂର୍ବକ ଅଣ୍ଟା ଭିଡିଛନ୍ତି। ଏନେଇ ଗୁରୁବାର ଅପରାହ୍ନରେ ମାଣତ୍ରୀ କଲେଜ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ବ୍ଲକ କାର୍ଯ୍ୟକାରୀ କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଆବାହକ ମନୋଜ କୁମାର ପଣ୍ଡା ସ୍?ାଗତ ଅଭିଭାଷଣ ପ୍ରଦାନ ସହିତ କମିଟିର ଲକ୍ଷ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ। କମିଟିର ଅଧ୍ୟକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣତ୍ରୀ ବ୍ଲକ ଗଠନ ପାଇଁ ସେ ୨୦୨୨ମସିହାରୁ ବିଧାନସଭାରେ ଲଗାତର ଦାବି ଉପସ୍ଥାପନ କରିଆସୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବଡସାହି ବ୍ଲକ ଅଧ୍ୟକ୍ଷା ମୀନତି ସିଂ, ମୁଖ୍ୟବକ୍ତା ଭାବେ ମାଣତ୍ରୀ ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବଡ଼ସାହି ବ୍ଲକ ସରପଞ୍ଚ ସଂଘର ସଭାପତି ହରିଶ୍ଚନ୍ଦ୍ର ମୁର୍ମୁ ଓ ସମିତିସଭ୍ୟ ସଂଘ ସଭାପତି ରାକେଶ କୁମାର ମହାପାତ୍ର ଯୋଗଦେଇ ବନ୍ୟା ପ୍ରବଣ ଅଞ୍ଚଳରେ ନୂତନ ବ୍ଲକ ଗଠନ ହେଲେ ଶିସନର ବିକେନ୍ଦ୍ରୀ କରଣ ଦ୍ୱାରା ବିକାଶ ଶୀର୍ଷ ଛୁଇଁବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ପଟ୍ଟନାୟକ, ଶଶୀଧର ମହାପାତ୍ର, କୁନି , ସୁମିତ୍ରା ବଳବନ୍ତରାୟ, ପୂର୍ଣ୍ଣିମା ମିଶ୍ର, ଦୀପକ ପାତ୍ର, ପ୍ରକାଶ ଦଳେଇ, ସଞ୍ଜୟ ସେଠୀ, ତପନ ପତି, କାର୍ତ୍ତିକ ଚନ୍ଦ୍ର ଜେନା, ଧର୍ମବୀର ସିଂ, ସୁରେଶ ଚନ୍ଦ୍ର ପତି, ନିହାର ରଞ୍ଜନ ମହାପାତ୍ର, ସୁଦାମ ସେନାପତି ପ୍ରମୁଖ ବ୍ଲକ ଗଠନ ପାଇଁ ନିଜର ଆଭିମୁଖ୍ୟ ରଖିଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ଗିରଫ



ବାଲିବନ୍ଧ, ୪।୯ (ସମିସ): ଝୁମ୍ପୁରା ଥାନାଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଜଣେ ବିବାହିତ ଯୁବକ (ଗୋଟେ ଛୁଆର ବାପ) କୁ ପୁଲିସ ଗିରଫ କରି ପୋକସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୀଡିତାର ବଡ଼ ଭଉଣୀ ବୁଧବାର ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଳମ୍ବିତ ରାତିରେ ପୁଲିସ ନହବେଡା ପଞ୍ଚାୟତ ଉକ୍ତ ଗାଁରେ ଚଢ଼ଉ କରି ଅଭିଯୁକ୍ତ ଲକ୍ଷ୍ମୀଧର ମୁଣ୍ଡା (୨୫) ଓରଫ ଅଣ୍ଡକୁ ପୁଲିସ ଗିରଫ କରିବା ସହ ଡାକ୍ତରୀ ମାଇନା ଏବଂ ପ୍ରାଥମିକ ତଦନ୍ତ ପରେ ତାକୁ କୋର୍ଟ ଚାଲାଣ କରିଛି।

## ରାମଚନ୍ଦ୍ରପୁର ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର, ୪।୯ (ସମିସ): ପବିତ୍ର ସୁନିଆଁ ଏବଂ ବାମନ ଜନ୍ମ ଅବସରରେ ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ପୂଜା କମିଟି ସଦସ୍ୟ ଶିଶିର କୁମାର ଜେନା କର୍ତ୍ତା ଥିବା ବେଳେ ଶିବପ୍ରସାଦ ରଥ, ବିଚିତ୍ରାନନ୍ଦ ଦାସ ପୂଜାର୍ଚ୍ଚନା କରିଥିଲେ। ନୂଆସାହିସ୍ଥିତ ପବିତ୍ର ବଟବୃକ୍ଷ ମୂଳ ହୁଙ୍କାରୁ ମାଟି ଅନୁକୂଳ କରାଯାଇଥିଲା। ପୂଜା କମିଟି ସଂଯୋଜକ ତଥା ସରପଞ୍ଚ ପ୍ରଦୀପ ସାହୁ, ସଦସ୍ୟ ପ୍ରହ୍ଲାଦ ସ୍ୱାଇଁ, ଚକ୍ରଧର ସାହୁ, କାର୍ତ୍ତିକ ବାରିକ, ଅରୁଣ ସାହୁ, ସୁଶାନ୍ତ ବିଶ୍ୱାଳ, ସୁରେଶ ସାହୁ, ରଙ୍ଗାଧର ରାଉତ, ନୀଳମଣି ବେହେରା, ଉମାକାନ୍ତ ସାହୁ, ସଦାଶିବ ଜେନା, ପ୍ରମୋଦ ସାହୁ, ଚନ୍ଦନ ପୃଷ୍ଟି, ଶିବରାମ ମାଝୀ, ଧରଣୀ ବେହେରା ସମେତ ବହୁ ମହିଳା ପୁରୁଷ ସାମିଲ ହୋଇଥିଲେ।

## ବୃଦ୍ଧ ରାମଚନ୍ଦ୍ର ଏବେବି ନିଖୋଜ

ବେଲବାହାଳି,୪।୯ (ସମିସ): ଘସିପୁରା ଥାନା ଅନ୍ତର୍ଗତ ଟୋଲଙ୍କପଡା କୁସେଇ ନଦୀକୁ ଗତ ମଙ୍ଗଳବାର ଶୌଚହେବାକୁ ଯାଇ ବୃଦ୍ଧ ନିଖୋଜ ହେବାର ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ପତ୍ତା



ମିଳିପାରି ନାହିଁ। ଟୋଲଙ୍କପଡାର ୭୦ ବର୍ଷୀୟ ବୃଦ୍ଧ ରାମଚନ୍ଦ୍ର ସାହୁ କୁସେଇ ନଦୀକୁ ଯାଇ ଆଉ ଫେରିନାହାନ୍ତି। ଗ୍ରାମବାସୀ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଦୁଇଦିନ ଧରି କୁସେଇ ନଦୀରେ ବହୁ ଖୋଜାଖୋଜି ପରେ ମଧ୍ୟ ନିଖୋଜ ବୃଦ୍ଧଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳିପାରି ନଥିବା ଜଣାପଡିଛି।

**■ କରଞ୍ଜିଆ ଉପଖଣ୍ଡସ୍ତରୀୟ ଶାନ୍ତି କମିଟି ବୈଠକ**

## ମୂର୍ତ୍ତି ଭସାଣିରେ ବାଜିବ ନାହିଁ ଡିଜେ



କରଞ୍ଜିଆ,୪।୯ (ସମିସ): ପାର୍ବଣ ଋତୁରେ ଅନୁଷ୍ଠିତ ପୂଜା ନିମନ୍ତେ ଉପଖଣ୍ଡସ୍ତରୀୟ ଶାନ୍ତି କମିଟି ବୈଠକ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଳି, ରରୁଆଁ ଓ ଯଶିପୁର ବ୍ଲକ ପୂଜା କମିଟିର କାର୍ଯ୍ୟକର୍ତ୍ତା, ସାମ୍ବାଦିକ, ନିର୍ବାଚିତ ପ୍ରତିନିଧି ଓ ଶାନ୍ତି କମିଟିର ସଭ୍ୟ/ସଭ୍ୟା ଏବଂ ଉପଖଣ୍ଡ ଅଧିକାରୀ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ ସମସ୍ତଙ୍କୁ ପାର୍ବଣର ଅଭିନନ୍ଦନ ଜଣାଇବା ପରେ ସଭା ଆରମ୍ଭ ହୋଇଥିଲା। ପୂଜା ପାଇଁ ଶାନ୍ତି କମିଟି ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂଜା ସମୟରେ କେବଳ ଭୋଜନ ସଙ୍ଗୀତ ବାଜିବ, ପୂଜାମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର ରହିବ, ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହିତ ଯେପରି ମା'ଙ୍କୁ ଦର୍ଶନ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସମସ୍ତ ପୂଜା କମିଟିକୁ ନିବେଦନ କପରିଥିଲେ। ଭସାଣି ଗୋଟିଏ ଦିନରେ ହେବ। ମୂର୍ତ୍ତି ଭସାଣିରେ ଡିଜେ ସଂପୂର୍ଣ୍ଣ ନିଷେଧ ବୋଲି ଉପଜିଲ୍ଲାପାଳ କହିଥିଲେ। ପ୍ରତି ମଣ୍ଡପରେ ପୁଲିସ ସହିତ ବିଦ୍ୟୁତ୍ ବିଭାଗ କର୍ମଚାରୀ ରହିବେ। ଖାଲି ପୂଜାରେ ନୁହଁ, ବର୍ଷ ତମାମ କୌଣସି କାର୍ଯ୍ୟରେ ମଧ୍ୟ ଡିଜେ ବାଜିବ ନାହିଁ ବୋଲି କହିଥିଲେ। ବୈଠକରେ କରଂଜିଆର ସାର୍ବଜନୀନ ଦୁର୍ଗାପୂଜା କମିଟି, ମିଳନ ପଡିଆ ଦୁର୍ଗାପୂଜା କମିଟି, ମହାନ୍ତି ସାହି ଦୁର୍ଗାପୂଜା କମିଟି, ଶାରଦୀୟ ଦୁର୍ଗାପୂଜା କମିଟି ପଟାକାଟ ସାହି ଦୁର୍ଗାପୂଜା କମିଟି, ଡେଲି ମାର୍କେଟ ପୂଜା କମିଟି, ବଣସାହି ପୂଜା କମିଟି, ଗୋଷଦା ପୂଜା କମିଟି, ଟାଟ ପୂଜା କମିଟି, ଯଶିପୁର ପୂଜା କମିଟି କାର୍ଯ୍ୟକର୍ତ୍ତାଙ୍କ ସହିତ ଗଜ ଲକ୍ଷ୍ମୀ ପୂଜକମିଟି, କୁମାର ଉତ୍ସବ ପୂଜା କମିଟି, ଶିରାକୁଳି ଲକ୍ଷ୍ମୀପୂଜା କମିଟି ଓ ରାବଣ ପୋଡି କମିଟି ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଚଳିତ ବର୍ଷ କରଞ୍ଜିଆର ମିଳନ ପଡିଆ ଓ ଘୋଷଦାରେ ରାବଣ ପୋଡି ଅନୁଷ୍ଠିତ ହେବ। ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଉପଖଣ୍ଡ ପୋଲିସ୍ ଅଧିକାରୀ ନବକୃଷ୍ଣ ନାଏକ ଅବକାରୀ ବିଭାଗ, ବିଦ୍ୟୁତ୍ ବିଭାଗ, ଯଶିପୁର୍ ଥାନା ଆଇଆଇ ସଂଯୁକ୍ତା ମହାଳିକ ମଧ୍ୟ ଉପସ୍ଥିତ ଥିଲେ।

## ରାସ୍ତାକଡ଼ ଗୁହାଳ ଘରକୁ ପଶିଲା କାର୍

ତୁରୁମୁଙ୍ଗା, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ପଞ୍ଚାୟତ ଦାଶରଥୀପୁର ଗ୍ରାମରେ ଭାରସାମ୍ୟ ହରାଇ ବୁଧବାର ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ଏକ ଗୁହାଳ ଘରକୁ ପଶି ଯାଇଥିଲା। ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭିତରେ ଗୋରୁଗୁଡିକୁ ଚାପି ହୋଇ ରହିଥିଲେ। ଶଶୁର ଘର ଗାଁକୁ ଜ୍ୱାଇଁ ଓ ସାଙ୍ଗ ମିଶି ବୁଲିବାକୁ ଆସିଥିବା ସମୟରେ ଘଟିଛି ଏହି ଦୁର୍ଘଟଣା। ପୁଲିସ ଜେସିବି ମେସିନ ଦ୍ୱାରା କାରକୁ ହଟାଇ ଗୋରୁଙ୍କୁ ଉଦ୍ଧାର କରିଛି।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କୁଳିଅଣା, ୪।୯ (ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଘୋଡ଼ାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ କୁମାର ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷକ ସମିତିର ଆବାହକ ତଥା ଜିଲ୍ଲା ପ୍ରାଥମିକ ସଂଘର ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳିଅଣା ବିଇଓ ରଶ୍ମିରଞ୍ଜନ ଗିରି ଏବଂ ଅତିଥିଭାବେ ଦିଲ୍ଲୀପ କୁମାର ପାତ୍ର, ପ୍ରହ୍ଲାଦ ଗିରି, ଅଜିତ କୁମାର ଦତ୍ତ, ପ୍ରଦୀପ କୁମାର ବାରିକ ଓ ହରେକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇ ଶ୍ରୀ ସାହୁଙ୍କ ଚାକିରି ଜୀବନକାଳ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ସାହୁ ୧୯୯୪ ମସିହାରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି। ବ୍ଲକ ଶିକ୍ଷକ ସଙ୍ଘ ସମ୍ପାଦକ ରବିନାରାୟଣ ଦତ୍ତ ଅତିଥି ପରିଚୟ ଓ କାର୍ତ୍ତିକେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ବୈଠକ





କରଞ୍ଜିଆ,୪।୯ (ସମିସ): କରଞ୍ଜିଆ ପୌର ପରିଷଦର ୧୫ ନମ୍ବର ୱାଡର୍ ବଣସାହି ସ୍ଥିତ ହୋ ସମାଜ ସାଂସ୍କୃତିକ ଭବନରେ ମୟୂରଭଂଜ ଆଦିବାସୀ ହୋ ସମାଜ କମିଟି ଓ ସିଦାହରା ଆକଲାର ସର୍ବ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ଉପାଧ୍ୟକ୍ଷ ଚନ୍ଦ୍ର ମୋହନ ହାଇବୁରୁ, ଝାରଖଣ୍ଡ ରାଜ୍ୟ ଉପାଧ୍ୟକ୍ଷ କୁମାରୀ ଶାନ୍ତି ସିଦୁ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡମ୍ବରୁଧର ଯାମୁଦ।, ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ( ଓଡ଼ିଶା) ଖିରିଦ୍ ଚନ୍ଦ୍ର ହେମ୍ବ୍ରମ୍, ( ଝାଡଖଣ୍ଡ) ସୋନା ସେଲେମ୍ ହସାଦ ପ୍ରମୁଖ ଯୋଗଦେଇଥିଲେ। ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ୍ କରିବା ପାଇଁ ଆସନ୍ତା ଅକ୍ଟୋବର ୩୧ ଏବଂ ନଭେମ୍ବର ୧ ତାରିଖରେ ଦିଲ୍ଲୀ ସ୍ଥିତ ଯନ୍ତରମନ୍ତରଠାରେ ଦୁଇଦିନିଆ ଧାରଣାକୁ ସଫଳ କରିବାକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିସହିତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ ଓ ଓଡ଼ିଶାରେ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସେପ୍ଟେମ୍ବର ମାସ ସୁଦ୍ଧା ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଂଜ ଆଦିବାସୀ ସମାଜର ଅଧ୍ୟକ୍ଷ ମୋଟକା ବିରୁଆ, ପାର୍ବତୀ ବିରୁଆ, ବୈଜୟନ୍ତି ଶୁଣ୍ଡି, ସିଦାହାର ସୁଷାର ଆକାଲାର ଜୟପାଲ ସିଂ ମୁନ୍ଦୟା, ସୁଭାଷ ହେମ୍ବ୍ରମ୍, ରାମଲାଲ ତିଉ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସୂଦନ ଜାରିକା ଧନ୍ୟବାଦ ଅର୍ପଣ କରିଥିଲେ।

# ଗାୟତ୍ରୀ ପରିବାର ପକ୍ଷରୁ ବୃକ୍ଷଗଙ୍ଗା ଅଭିଯାନ

## ସମ୍ବର୍ଦ୍ଧିତହେଲେ ପରିବେଶ ସୁରକ୍ଷା କର୍ମୀ

ରାମଚନ୍ଦ୍ରପୁର,୪।୯ (ସମିସ):



ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଦେଶବ୍ୟାପୀ "ବୃକ୍ଷଗଙ୍ଗା" ଅଭିଯାନ ପରିପ୍ରେକ୍ଷୀରେ ଗୁରୁବାର ଅଳତି ମା' କଲ୍ୟାଣ ମଣ୍ଡପରେ ସ୍ଥାନୀୟ 'ଗଛ ମଣିଷ' ଘନଶ୍ୟାମ ସାହୁଙ୍କ ସ୍ମୃତିରେ ବୃକ୍ଷଗଙ୍ଗା ଅଭିଯାନ ସହ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାୟତ୍ରୀ ପରିବାର ଘସିପୁରା ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆନନ୍ଦପୁର ଡିଏଫଓ ପ୍ରଶାନ୍ତ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ଘସିପୁରା ବିଡିଓ ବିନୀତା ବିଜୟିନୀ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ପରିବାର ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର, ସରପଞ୍ଚ ଙ୍କ ପ୍ରିୟବ୍ରତ ବରାଳ, ମୁଖ୍ୟବକ୍ତା ଭାବେ ସମାଜସେବୀ ଡ. ରତିକାନ୍ତ ବରାଳ ଯୋଗ ଦେଇଥିଲେ। କଇଁସିଆରୀ ଗ୍ରାମର ଶରତ ସ୍ୱାଇଁ, ଗଡବାନ୍ଧଗୋଡାର ପ୍ରଶାନ୍ତ ଚକ୍ର, ଦାନ୍ତିଆର ନୃସିଂହ ମଲ୍ଲିକ, ଖଡିକାଶୁଳବାହାଳୀର ଭ୍ରମରବର ରାଉତ, ନହଙ୍ଗିର ବିଜୟଧଳ, ବୋହୁଗଡିଆର ନୃସିଂହ ସ୍ୱାଇଁ, ଜନାର୍ଦ୍ଦନପୁର-ପାଟଣା ଗ୍ରାମର ସୁରେଶ ରାଉତ, ବେଲସୁନ୍ଦରୀର କାଶୀନାଥ ସାହୁ, ମଲାରିଆର ଗିରାଜାଶଙ୍କର ରାଉତ, ନରଦାର ଅମୂଲ୍ୟ ବାରିକ, ଲୁଣହାର ଗ୍ରାମର ଜଗନ୍ନାଥ ପାଢୀ, ଭାଲୁକାର ପରେଶ ଦେଓ, ପଥରପଦାର ମନ୍ମଥ ବେହେରା, ଦୁଲାଖାପାଟଣାର ରବିନ୍ଦ୍ର ଦାସ, ବଡପଦନାର ଅଧର ସାହୁ, ତରୁଆଁର ଦିଲ୍ଲୀପ ବେହେରା, ଅନାଥବଲ୍ଲବ ରାଉତ, ଓଡପଡାର ସଂଜୟ ପଣ୍ଡା, ପ୍ରଭାତ ପଣ୍ଡା ଏବଂ ଅଳତି ଗ୍ରାମର ଗତିକୃଷ୍ଣ ଭୂୟାଁଙ୍କୁ ଏ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଷ୍ଣୁନାରାୟଣ ସାମଲ ଅତିଥି ପରିଚାଳନା କରିଥିବା ବେଳେ ଘସିପୁରା ବ୍ଲକ ବିଭିନ୍ନ ଗାୟତ୍ରୀ ପରିବାର ଶାଖାରୁ ଶତାଧିକ ପ୍ରଜ୍ଞାପରିଜନ ସାମିଲ ହୋଇଥିଲେ। ହରଚଣ୍ଡୀ ମନ୍ଦିର ବେଢା ପରିସରରେ ଅତିଥିଙ୍କ ଦ୍ୱାରା ଏକ ସ୍ୱର୍ଣ୍ଣ ଚମ୍ପା ବୃକ୍ଷ ରୋପଣ ସହ ପାଞ୍ଚଶହରୁ ଅଧିକ ବୃକ୍ଷର ଚାରା ବଣ୍ଟନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ । କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିପାରେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ବନ୍ଧୁ ମିଳନ ଯୋଗ ରହିଛି ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହିତ ହସଖୁସିର ସମୟ ବିତାଇବେ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହୋଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ଦାନ ଧର୍ମ କରନ୍ତୁ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଉଧାର ଟଙ୍କା ଫେରି ପାଇବେ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଉଧାର ଟଙ୍କା ଫେରି ପାଇବେ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

## ଆଜିର ଇତିହାସ

- ୧୯୨୦- ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ ।
- ୧୯୬୧- ଆମେରିକା ପରମାଣୁ ପରୀକ୍ଷା କଲା ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ ।
- ୧୯୯୭- ମଦର ଟେରେସାଙ୍କ ପରଲୋକ ।
- ୨୦୦୨- ଆଫଗାନିସ୍ତାନ ରାଷ୍ଟ୍ରପତି ହମିଦ୍ କାରଜାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ ।
- ୨୦୦୯ -ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଦଶୋଟି କମ୍ପାନିକୁ ସେୟାର୍ ବଜାରରେ କାରବାର କରିବା ଉପରେ ପ୍ରତିବନ୍ଧକ ଲଗାଇଲା ।

# ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ଦିନ



ଆଜି ପବିତ୍ର ଗୁରୁଦିବସ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ 'ଗୁରୁ ଦିବସ' ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରୁଥିବା ଗୁରୁଙ୍କ ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ । ଗୁରୁ ହେଉଛନ୍ତି ସାକ୍ଷାତ୍ ପରମ୍ବ୍ରହ୍ମ । ଗୁରୁ ହେଉଛନ୍ତି ମଣିଷ ତିଆରି କାରଖାନାର ବିନ୍ଧାଣି । କେତେବେଳେ ଗୁରୁଙ୍କ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ଯୋଗୁ ଜଣେ ଛାତ୍ର ଜୀବନରେ ଆଗକୁ ବଢ଼ିଥାଏ । ସେଥିପାଇଁ ସର୍ବ ପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ । ଗୁରୁଙ୍କ ଜ୍ଞାନ ଓ କର୍ମ ଆଗରେ ଆଜି ନତମସ୍ତକ ସମସ୍ତେ । ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ । ଗୁରୁଙ୍କ ବେତ ପାହାର ପିଲାର ଉତ୍ତମ ଜୀବନ ଗଠନରେ ସହାୟକ ହୁଏ । କଞ୍ଚାମାଟିର ପିତୁଳାକୁ ଉଜ୍ଜ୍ୱଳ ତାରକା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ । ବାପାମା'ଙ୍କ ପରେ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ସଠିକ୍ ମାର୍ଗ ଦେଖାଇଥାନ୍ତି । ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପାଠପଢ଼ାଠାରୁ ଖେଳକୁଦ ପୁଣି ନୃତ୍ୟ ସଙ୍ଗୀତ ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଅବଦାନ ଲୋଡ଼ାଥାଏ । ତେଣୁ ଭାଗବତରେ ଅଛି "ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ ।" ଗୁରୁଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ । ଗୁରୁ ଶିଷ୍ୟର ପରମ୍ପରା ଆଜିର ନୁହେଁ ପୁରାଣ କାଳରୁ ଏହି ପରମ୍ପରା ରହି ଆସିଛି । ବେଦବ୍ୟାସଙ୍କଠାରୁ ଆରମ୍ଭ କରି ଦ୍ରୋଣାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଗୁରୁଙ୍କ ପ୍ରତି ଥିବା ଶିଷ୍ୟର ଭକ୍ତି ଭାବକୁ । ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ । ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଶେଷ କରି ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ଓ ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା । ବିନା ଗୁରୁରେ ଜୀବନରେ ଗତି, ମୁକ୍ତି, ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ । ଯେଉଁ ସମାଜରେ ଗୁରୁଙ୍କୁ ଉଚ୍ଚ ଆସନ ମିଳିଛି, ସେ ସମାଜ ସେତେ ସମୃଦ୍ଧ । କାରଣ ବିକଶିତ ମାନବ ସମ୍ବଳ ତିଆରିରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ । ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ । ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ । ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ । ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ । ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ । ସେବେଠୁ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ ହୋଇ ଆସୁଛି । ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା । ଶିକ୍ଷାର ମହତ୍ତ୍ୱ ଉପରେ ସଚେତନ କରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ତା'ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଅନ୍ୟତମ ଲକ୍ଷ୍ୟ । ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ । ବେଦ ଉପନିଷଦକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ ।

# 'ଚାଲବାଜ୍' ରିମେକ୍‌ରେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ଏକାଧିକ ଫିଲ୍ମରେ କାମ କରୁଛନ୍ତି । ତାଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି । ନିକଟରେ ଜାହ୍ନବୀଙ୍କ 'ପରମ ସୁନ୍ଦରୀ' ଫିଲ୍ମ ରିଲିଜ୍ ହୋଇଛି । ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜନେସ୍ କରିଛି । ଏହି ଫିଲ୍ମ ପରେ ଜାହ୍ନବୀ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ' ଫିଲ୍ମରେ ନଜର ଆସିବେ । ଇତିମଧ୍ୟରେ ଜାହ୍ନବୀଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି । ଜାହ୍ନବୀଙ୍କ ହାତକୁ ଏବେ ତାଙ୍କ ମା' ଶ୍ରୀଦେବୀଙ୍କ ଅଭିନୀତ ଫିଲ୍ମ 'ଚାଲ୍‌ବାଜ୍'ର ରିମେକ୍ ପାଇଁ ଅଫର୍ ଆସିଛି । ଜାହ୍ନବୀଙ୍କୁ ଏହି ଅଫର୍ ଆସିବା ପରେ ସେ ଏଥିରେ କାମ କରିବା ପାଇଁ ତୁରନ୍ତ ରାଜି ହୋଇଯାଇଛନ୍ତି । ଯଦିଓ ଏହି ପ୍ରୋଜେକ୍ଟକୁ ନେଇ ଜାହ୍ନବୀ ବେଶ୍ ଉତ୍ସାହିତ ଅଛନ୍ତି କିନ୍ତୁ ଏଥିରେ ତାଙ୍କୁ ତାଙ୍କ ମା'ଙ୍କ ସହ ତୁଳନା କରାଯିବା ନେଇ ସେ ବେଶ୍ ଚିନ୍ତିତ ଅଛନ୍ତି । ତେବେ ସେ ଏଥିରେ କାମ କରିବେ କି ନାହିଁ ସେପ୍ଟେମ୍ବର ଶେଷ ସୁଦ୍ଧା ଫାଇନାଲ କରିବେ ବୋଲି କହିଛନ୍ତି । ଏଠାରେ ପ୍ରକାଶ ଥାଉ କି, ୩୬ ବର୍ଷ ପୂର୍ବରୁ ରିଲିଜ୍ ହୋଇଥିବା 'ଚାଲବାଜ୍' ଶ୍ରୀଦେବୀଙ୍କର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ । ଏଥିରେ ସେ ଅଞ୍ଜୁ ଓ ମଞ୍ଜୁ ଦୁଇଟି ଭୂମିକାରେ ନଜର ଆସିଥିଲେ । 'ଚାଲବାଜ୍'ରେ ଶ୍ରୀଦେବୀଙ୍କ ସହ ସନ୍ନି ଦେଓ୍ୱଲ ଓ ରଜନୀକାନ୍ତ ଲିଡ୍ ରୋଲରେ ଦେଖାଯାଇଥିଲେ ।

# ଏମିତି ଏକ ଚାକିରି: ୬ ଘଣ୍ଟା ଚଲାଇବାକୁ ହେବ ଇନ୍‌ଷ୍ଟାଗ୍ରାମ୍

ମୁମ୍ବାଇସ୍ଥିତ ମଙ୍କ ଏଣ୍ଟରଟେନମେଣ୍ଟ ନାମକ ଏକ କମ୍ପାନି ଏମିତି ଏକ ଚାକିରି ବାହାର କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି । କମ୍ପାନିର ସିଇଓ ବିରାଟ ସେଠ କହିଛନ୍ତି, ତାଙ୍କ ଟିମ୍‌ରେ ସେ ଡୁମ୍ ସ୍କ୍ରୋଲର୍‌କୁ ଚାହୁଁଛନ୍ତି । ଯେଉଁମାନେ ନିତିଦିନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଥାଆନ୍ତି ବିଶେଷକରି ଇଣ୍ଟରନେଟ୍‌ରେ ନକାରାତ୍ମକ ସମ୍ବାଦ ତଲାସ କରୁଥାନ୍ତି ସେମାନଙ୍କୁ ଡୁମ୍ ସ୍କ୍ରୋଲର୍ କୁହାଯାଏ । ଧୀରେ ଧୀରେ ଏହି ଶବ୍ଦ ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଟ୍ୱିଟର ଆଦିରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରୁଥିବା ଲୋକଙ୍କ ପାଇଁ ମଧ୍ୟ ବ୍ୟବହାର କରାଗଲାଣି । ମୁଖ୍ୟତଃ ଏହି ଚାକିରି ଲାଗି ଆବେଦନ କରିବାକୁ ଥିବା ଆବେଦନକାରୀଙ୍କୁ ନିତିଦିନ ୬ ଘଣ୍ଟା ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍‌ରେ ଅତିବାହିତ କରିବାକୁ ହେବ । ଏ ଲାଗି ସେମାନଙ୍କୁ ସ୍କ୍ରିନସଟ୍ ମଧ୍ୟ ଦେଖାଇବାକୁ ପଡ଼ିବ । ସବୁଠୁ ବଡ଼ କଥା ହେଲା ଆବେଦନକାରୀ ନୂଆ ନୂଆ ଡିଜିଟାଲ କ୍ରିଏଟରଙ୍କୁ ଜାଣିଥିବା ଦରକାର । ଏହାବାଦ୍ ଇଂରାଜୀ ଏବଂ ହିନ୍ଦୀ ଭାଷାର ଜ୍ଞାନ ରହିବା ଜରୁରି । ଏହି ଚାକିରି ମୁମ୍ବାଇ ପାଇଁ ଉଦ୍ଦିଷ୍ଟ ଏବଂ ଏହା ଏକ ପୂର୍ଣ୍ଣକାଳୀନ ଚାକିରି ବୋଲି ସ୍ପଷ୍ଟ କରାଯାଇଛି । ତେବେ ଏ ଲାଗି ପାରିଶ୍ରମିକ କେତେ ମିଳିବ, ସେକଥା କିଛି କୁହାଯାଇ ନାହିଁ । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି ।







# ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ



**ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶ ମା'ର ଗର୍ଭରୁ ପ୍ରାରମ୍ଭ କରି ତା'ର ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ପରିବେଶ ଉପରେ ନିର୍ଭର କରିଥାଏ । ତେଣୁ ମା'ମାନେ ନିଜ ଶିଶୁର ସନ୍ତୁଳିତ ଖାଦ୍ୟପେୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାଆନ୍ତି । ହେଲେ ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ ଜୀବାଣୁ, ଭୂତାଣୁ ଓ ପରିବେଶ ଜନିତ ରୋଗ ଶୀଘ୍ର ସଂକ୍ରମିତ କରିଥାଏ । ଅସୁସ୍ଥତା ଅନୁଭବ କଲେ ବି ସେମାନେ କହିପାରନ୍ତି ନାହିଁ । ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ପିତାମାତା ମଧ୍ୟ ସହଜରେ ଜାଣି ପାରନ୍ତିନି । ତେଣୁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି ।**

**୧ ବର୍ଷରୁ ପାଞ୍ଚ ବର୍ଷ:**

ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜନ୍ମ ପରେ ଏକରୁ ଦୁଇବର୍ଷ ମଧ୍ୟରେ ସମସ୍ତ ପ୍ରକାର ଟିକା ଓ ପରେ ବୁଷ୍ଟର ଡୋଜ୍ ଦିଆଯାଏ । ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେତେକ ଶିଶୁଙ୍କର ହିୟରିଂ ଟେଷ୍ଟ ମଧ୍ୟ କରାଯାଇଥାଏ । ତେବେ ଟିକାରୁ ବଞ୍ଚିତ ହେଲେ ବର୍ଷେରୁ ପାଞ୍ଚ ବର୍ଷର ଶିଶୁଙ୍କୁ ଟିକା- ନିବାରକ ରୋଗ (ଭିପିଡିଏସ୍) ଯଥା- ଡିପ୍‌ଥେରିଆ, ଟିଟାନସ୍, ପୋଲିଓ, ଟିବି, ଟାଇଫଏଡ୍, ଜଣ୍ଡିସ ଆଦି ହେବାର ଆଶଙ୍କା ଥାଏ । ତେଣୁ ଟିକାକରଣ କରିବାକୁ ଭୁଲନ୍ତୁନି । ସେହିପରି ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ଶ୍ୱାସକ୍ରିୟା ଜନିତ, ଭୂତାଣୁଜନିତ ସଂକ୍ରମଣ, କୃମି, ଝାଡ଼ାବାନ୍ତି, ଅଧିକ ଦେଖାଯାଏ । ଜ୍ୱର ଲାଗି ରହି ଅକ୍ସିଜେନ୍‌ସ୍ତର କମିଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସରେ ଆଦି କରାଇ ଆବଶ୍ୟକୀୟ ଟିକା ଓ ଚିକିତ୍ସା କରାଯାଏ । ଡେଙ୍ଗୁ, ସ୍କ୍ରବ୍ ଟାଇଫସ୍ ଆଦି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ରହିଛି । ଶିଶୁର ଉଚ୍ଚତା, ଓଜନ, ବିଏମ୍‌ଆଇ, ରକ୍ତ ପରୀକ୍ଷା, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍‌ର ଯାଞ୍ଚ ନିୟମିତ ବ୍ୟବଧାନରେ କରିବା ଦ୍ୱାରା ସେମାନଙ୍କ ସୁସ୍ଥତା ବିଷୟରେ ଜାଣିହୁଏ । ବର୍ଷକରୁ ଉର୍ଦ୍ଧ୍ୱ ପିଲାଙ୍କ ଖାଦ୍ୟ ଅରୁଚି ହେଲେ ସେମାନେ ଖାଇବା କମାଇ ଦୁର୍ବଳ ହୋଇପଡ଼ନ୍ତି । ଡାକ୍ତର ବାହୁର ଗୋଲେଇକୁ ଦେଖି ଅପପୁଷ୍ଟିର ଆକଳନ କଲେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଏ । ଅନ୍ୟପଟେ ଅଟିଜିମ୍ ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ । ଦୁଇରୁ ଅଢ଼େଇ ବର୍ଷର ପିଲା ଅନ୍ୟ ପିଲାଙ୍କ ତୁଳନାରେ କଥା ଶୀଘ୍ର ଧରୁ ନ ଥିଲେ କିମ୍ବା ଯୋଗାଯୋଗ କରି ପାରୁ ନ ଥିଲେ ପିଲା ଅଟିଜିମ୍ କି ନାହିଁ ପରୀକ୍ଷା କରାଇବା ଆବଶ୍ୟକ ।

**ଦାନ୍ତ ଓ ଚକ୍ଷୁ ପରୀକ୍ଷା:** ଜନ୍ମରୁ ଛଅ ମାସ ପରେ ଦାନ୍ତ ଉଠିଥାଏ । କ୍ୟାଲ୍‌ସିୟମ ଅଭାବରୁ ବହୁ ଶିଶୁଙ୍କର ଦାନ୍ତ ଉଠିବା ବିଳମ୍ବ ହୁଏ । ଭଲ କରି ଦାନ୍ତ ନ ଘଷିବା ଦ୍ୱାରା ପିଲାଙ୍କ ଦାନ୍ତଜନିତ ସମସ୍ୟା ଦେଖାଯାଏ । ତେଣୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ପିଲା ଛଅ ମାସକୁ ଥରେ ଦାନ୍ତ ପରୀକ୍ଷା କରାଇବା ସହ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ ।

**୫ରୁ ୧୦ ବର୍ଷ:**

ଆଜିକାଲି ପିଲାମାନେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି । ଅନିୟମିତ ଜୀବନଶୈଳୀ, ଖାଦ୍ୟପେୟ ତଥା ଶାରୀରିକ କ୍ରିୟାରେ ଅଭାବ ହେତୁ ମେଦବହୁଳତା, ଚିଡ଼ିଚିଡ଼ାପଣ, କୋଲେଷ୍ଟ୍ରଲସ୍ତର ବୃଦ୍ଧି ପାଉଛି । ତେଣୁ ଶିଶୁଙ୍କର ରକ୍ତ ପରୀକ୍ଷା, ଲିପିଡି ପ୍ରୋଫାଇଲ ଟେଷ୍ଟ, ବେଳେ ବେଳେ ହରମୋନ୍ ଟେଷ୍ଟ ଆଦି ପରୀକ୍ଷା ନିୟମିତ ବ୍ୟବଧାନରେ କରିବା ଉଚିତ । ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାଇ ପାରିବେ ।

**୧୦ରୁ ୧୪ ବର୍ଷ:**

ଏହି ବୟସରେ ମୁଖ୍ୟତଃ ରକ୍ତହୀନତା ଦେଖାଯାଏ । ଏହାଦ୍ୱାରା ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସମସ୍ୟା ହୁଏ । ତେଣୁ ହିମୋଗ୍ଲୋମିନ୍, ସିବିସି, ମଳ, ରକ୍ତର ଲୌହସାର ମାତ୍ରା, ଭିଟାମିନ୍ ଡି ଏବଂ ବି -୧୨ର ପରୀକ୍ଷା, ନିୟମିତ ବ୍ୟବଧାନରେ କରିବା ଆବଶ୍ୟକ ।

**ଥାଇରଏଡ୍ ଓ କିଡ୍‌ନୀ ଫଙ୍କସନ ଟେଷ୍ଟ:** ଜନ୍ମରୁ ସାତ ଦିନ ଭିତରେ ସମୟ ପୂର୍ବରୁ ଏବଂ କମ୍ ଓଜନର ଶିଶୁଙ୍କପାଇଁ ଥାଇରଏଡ୍ ପରୀକ୍ଷା କରାଯାଏ । ସାଧାରଣ ଶିଶୁଙ୍କର ଓଜନ ବଢୁ ନ ଥିଲେ ,ଝାଡ଼ା ଠିକ୍ ନ ହେଲେ, ଥାଇରଏଡ ପରୀକ୍ଷା ମଧ୍ୟ କରାଯାଏ । ସ୍ୱାସ୍ଥ୍ୟ ପରୀକ୍ଷା ସମୟେ ଯେଉଁ ଶିଶୁଙ୍କର ମୁହଁ, ଗୋଡ, ହାତ ଫୁଲିଥାଏ ସେମାନଙ୍କର କିଡନୀ ଫଙ୍କସନ ଟେଷ୍ଟ କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଏ । ପରିବାରରେ କାହାକୁ ଶ୍ୱାସ ସମସ୍ୟା ଥିଲେ ସେହି ପରିବାରର ଶିଶୁଙ୍କର ଶ୍ୱାସ ତଥା ଅନ୍ୟାନ୍ୟ ରୋଗ ଚିହ୍ନଟ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିହାତି ଆବଶ୍ୟକ ।





# ସ୍ତନ କର୍କଟ ଚିକିତ୍ସାରେ ନୂତନ ସମ୍ଭାବନା

ସ୍ତନ କର୍କଟରେ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ୨୫% ମହିଳାଙ୍କର ମୃତ୍ୟୁ ହୋଇଥାଏ । ସ୍ତନକର୍କଟର ଚିକିତ୍ସା ପାଇଁ ଔଷଧ, କେମୋଥେରାପି, ରାଡିଏସନ୍ ଥେରାପି ଏବଂ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରାଯିବା ସାଧାରଣ କଥା । ହେଲେ ଏବେ ଏହି ଚିକିତ୍ସା ପଦ୍ଧତିରେ ବିଛାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବ୍ରାଜିଲ, ୟୁନିଭର୍ସିଟି ଅଫ୍ ସାଓ ପାଉଲୋର ବୈଜ୍ଞାନିକମାନେ ଆମାଜନର ଏକ ଦୁର୍ଲଭ ବିଛା ପ୍ରୋଥେସ୍ ଆମାଜୋନିକସ୍ ବିଛା ବିଷରୁ ସ୍ୱତନ୍ତ୍ର ଅଣୁର ସନ୍ଧାନ କରିଛନ୍ତି । ଏହି ଅଣୁର ନାଁ ରହିଛି BamazScplp1 । କର୍କଟ କୋଷକୁ ନଷ୍ଟ କରିବାରେ ବେଶ୍ ପ୍ରଭାବୀ । ଏହି ଅଣୁ କର୍କଟ କୋଷ ଉପରେ ପ୍ରଭାବ ପକାଉଥିବାବେଳେ ଶରୀରର ସାଧାରଣ କୋଷ ଉପରେ କିଛି ପ୍ରଭାବ ପକାଇବନି । ସ୍ତନ କର୍କଟରେ ଦିଆଯାଉଥିବା କେମୋଥେରାପି ଔଷଧ ପାକ୍ଲିଟ୍ୟାକ୍ସେଲ ଯେପରି କର୍କଟ କୋଷକୁ ନଷ୍ଟ କରିଥାଏ, ବିଛା ବିଷର ଅଣୁ ମଧ୍ୟ ସ୍ତନକର୍କଟ କୋଷକୁ ନଷ୍ଟ କରିବାକୁ ପ୍ରଭାବୀ ବୋଲି ବୈଜ୍ଞାନିକ ପ୍ରାରମ୍ଭିକ ପରୀକ୍ଷଣରୁ ଜାଣିଥିଲେ । BamazScplp1ଶରୀରରେ ଥିବା ଏଞ୍ଜାଇମ୍ ଗ୍ରୁପ୍ ସିରିନ୍ ପ୍ରୋଟେସେସ ସହିତ ସମ୍ବନ୍ଧିତ । ଏହା କର୍କଟ କୋଷଗୁଡିକର ଜୀବନଚକ୍ରକୁ ମଧ୍ୟ ବ୍ୟାହତ କରେ । ଏହି ପ୍ରୋଜେକ୍ଟର ଗବେଷକ ତଥା ପ୍ରଫେସର ଏଲିଏନ୍ ଅରନ୍ତେସଙ୍କ କହିବାନୁସଯାୟୀ ପିସିଆ ପାଷ୍ଟୋରିସ୍ ନାମକ ଇଷ୍ଟ ପ୍ରୟୋଗ କରିଥିଲୁ । ଏହି କୌଶଳକୁ ଉପଯୋଗ କରି କୌଣସି ପ୍ରାଣୀଙ୍କୁ କ୍ଷତି ନ ପହଞ୍ଚାଇ ବହୁ ପରିମାଣର ଅଣୁ ଉତ୍ପାଦନ କରାଯାଇପାରିବ । ଏପର୍ଯ୍ୟନ୍ତ BamazScplp1 ଉପରେ କେବଳ ପ୍ରାରମ୍ଭିକ ପରୀକ୍ଷା କରାଯାଇଥିଲେ ହେଁ, ଏହାର ପ୍ରଭାବକୁ ଦେଖି ବୈଜ୍ଞାନିକମାନେ ବେଶ୍ ଉତ୍ସାହିତ ରହିଛନ୍ତି । ଆଗାମୀ ପରୀକ୍ଷଣରେ ଯଦି ଏହା ନିରାପଦ ପ୍ରମାଣିତ ହୁଏ, ତେବେ ସ୍ତନ କର୍କଟ ଚିକିତ୍ସା କ୍ଷେତ୍ରରେ ଏହା ନୂତନ ଦିଗ୍‌ଦର୍ଶନ ଦେବ ।

# କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ମ୍ୟାଜିକ୍ ଚା'

**ବର୍ତ୍ତମାନର ଜୀବନ ଏବଂ ଖାଦ୍ୟପେୟ ଶୈଳୀ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ତନ୍ମଧ୍ୟରୁ ମେଦବହୁଳତା ଏକ ପ୍ରମୁଖ ସମସ୍ୟା । ମେଦବହୁଳତା ହେଲେ କୋଲେଷ୍ଟ୍ରଲ ମଧ୍ୟ ବୃଦ୍ଧି ପାଏ । ଏହା ହୃଦ୍‌ଘାତ, ରକ୍ତଚାପ ଏବଂ ମୋଟାପା ପରି ଗମ୍ଭୀର ରୋଗର କାରଣ ସାଜିପାରେ । ତେଣୁ ଉଚ୍ଚ କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଖାଦ୍ୟ ବିଶେଷଜ୍ଞ ମନପ୍ରୀତ କାଲରା ମ୍ୟାଜିକ ଚା' ଉପଯୋଗୀ ବୋଲି ମତ ରଖିଛନ୍ତି ।**

ମ୍ୟାଜିକ୍ ଚା' ଶରୀରରୁ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥ ବାହାର କରିପାରେ । ଏଥିପାଇଁ ଏକ ଗ୍ଲାସ ପାଣିରେ ଅଧା ଚାମଚ ହଳଦୀ, ଅଧା ଚାମଚ ଡାଲଚିନି, ଏକ ଚୁଟ୍‌କି ଗୋଲ ମରିଚ ପକାଇ ଏହାକୁ ୨ରୁ ୩ ମିନିଟ୍ ଫୁଟାନ୍ତୁ । ଚା' ହାଲୁକା ଥଣ୍ଡା ହୋଇଗଲେ, ଏଥିରେ ଏକ ଚାମଚ ମହୁ, ଅଧ ଚାମଚ ଲେମ୍ବୁ ରସ ମିଶାଇ ସକାଳୁ ଖାଲି ପେଟରେ ପିଇବା ହିତକର । ଚିକିତ୍ସକଙ୍କ ପରାମର୍ଶକ୍ରମେ ଗୋଟେ ମାସ ଧରି ଏହି ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ନିୟନ୍ତ୍ରଣ ହୋଇପାରେ । ରକ୍ତସଞ୍ଚାଳନ ହେବା ସହିତ ଶରୀର ଶୁଦ୍ଧି କରଣ ହୋଇଥାଏ । ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ମଧ୍ୟ ବହୁତ ଭଲ । ଚର୍ବି ହ୍ରାସ କରିବାରେ ଏହି ଚା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଔଷଧ ସେବନ କରୁଥିଲେ, କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ପିଇପାରିବେ ।



# ଧାୱନଙ୍କୁ ଇଡିର ଜେରା

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଗୁରୁବାର ଇଡି ଅଫିସରେ ହାଜର ହୋଇଛନ୍ତି। ପୂର୍ବରୁ ଇଡି ପକ୍ଷରୁ ତାଙ୍କୁ ମୁଖ୍ୟାଳୟରେ



ହାଜର ହୋଇ ତଦନ୍ତରେ ସହଯୋଗ କରିବା ଲାଗି ନୋଟିସ କରାଯାଇଥିଲା। ତେଣୁ ୩୯ ବର୍ଷୀୟ ଧାୱନ ଗୁରୁବାର ଇଡି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଏହି ବେଟିଂ ଆପ୍‌ର ନାମ ହେଉଛି '୧ x ବେଟ୍'। ଏହି ମାମଲାରେ ଇଡିର ତଦନ୍ତର ସମ୍ମୁଖୀନ ହେବାରେ ଧାୱନ ୪ର୍ଥ ଭାରତୀୟ କ୍ରିକେଟର୍। ତାଙ୍କ ପୂର୍ବରୁ ସୁରେଶ ରାଇନା, ହରଭଜନ ସିଂହ ଓ ଯୁବରାଜ ସିଂହଙ୍କୁ ମଧ୍ୟ ଇଡି ପକ୍ଷରୁ ଜେରା ହୋଇସାରିଛି। 'କାହାର ପରାମର୍ଶରେ ଏହି ଆପ୍‌ର ପ୍ରଚାର କରୁଥିଲେ? ଏଥିଲାଗି କେତେ ଟଙ୍କା ଦିଆଯାଇଥିଲା? ଏହି ଆପ୍ ଭାରତରେ ବେଆଇନ ବୋଲି ଜାଣିଥିଲେ କି ନାହିଁ' ଭଳି ପ୍ରଶ୍ନ ଇଡି ଅଧିକାରୀମାନେ ଧାୱନଙ୍କୁ ପଚାରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତରେ ବେଟିଂକୁ ବେଆଇନ ବୋଲି ବିବେଚନା କରାଯାଏ। ଏହାସତ୍ତ୍ୱେ ଏହି ଆପ୍ ସାମାଜିକ ଗଣମାଧ୍ୟମ ଓ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ବେଟିଂ ଲଗାଇବାକୁ ପ୍ରଲୋଭିତ କରିଥିଲା। ଅନେକ ଭାରତୀୟ କ୍ରିକେଟର୍ ଏହି ଆପ୍‌ର ପ୍ରଚାର ଓ ପ୍ରସାର କରିଥିବା ଅଭିଯୋଗ ହୋଇଥିଲା।

■ ଜୁନିଅର ହକି ବିଶ୍ୱକପ୍

## ପାକିସ୍ତାନ ଅଂଶଗ୍ରହଣ ନେଇ ନିଶ୍ଚିତ କଲେ ଭୋଳାନାଥ

ରାଜଗିରି, ୪।୯ (ଏଜେନ୍ସି): ଭାରତରେ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ। ହକି ଇଣ୍ଡିଆର ସମ୍ପାଦକ ଭୋଳାନାଥ ସିଂ ଗୁରୁବାର ଏହି ସୂଚନା ଦେଇଛନ୍ତି। ଭୋଳାନାଥ କହିଛନ୍ତି, 'ମୁଁ ପୁଣିଥରେ ନିଶ୍ଚିତ କରିଦେବାକୁ ଚାହୁଁଛି ଯେ ଭାରତରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ। ମୁଁ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ଅଧିକାରୀଙ୍କ ସହ କଥା ହୋଇଛି। ମିଡିଆ ବିବୃତିକୁ ବିକୃତ କରି ଉପସ୍ଥାପନ କରୁଥିବା ସେମାନେ ମୋତେ କହିଛନ୍ତି।' ଉଲ୍ଲେଖଯୋଗ୍ୟ, ଦିନକ ତଳେ କିନ୍ତୁ ବିଭିନ୍ନ ଜାତୀୟ ଗଣମାଧ୍ୟରେ ଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏଭଳି ଉତ୍ତେଜନାମୂଳକ ପରିସ୍ଥିତିରେ ଭାରତ ଯାଇ ପାକିସ୍ତାନ ବିଶ୍ୱକପ୍ ଖେଳିବା ସମ୍ଭବପର ନୁହେଁ ବୋଲି ପିଏଚ୍‌ଏଫ୍ ସଭାପତି ତାରିକ ବଗତି ଗଣମାଧ୍ୟମକୁ କହିଥିବା ନେଇ ରିପୋର୍ଟମାନ ବାହାରିଥିଲା। କିନ୍ତୁ ଏହି ରିପୋର୍ଟକୁ ଭୋଳାନାଥ ଆଜି ଖଣ୍ଡନ କରିଛନ୍ତି। ପାକିସ୍ତାନ ଦଳ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ନେଇ ସେ ଦୃଢ଼ୋକ୍ତି ଦେଇଛନ୍ତି। ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଚେନ୍ନାଇର ମଦୁରାଇରେ ଆରମ୍ଭ ହେବ।

■ ଫିଫା ବିଶ୍ୱକପ୍

## ଫାଇନାଲ ମ୍ୟାଚ୍‌ର ଟିକଟ୍ ମୂଲ୍ୟ ୫.୯ ଲକ୍ଷ ଟଙ୍କା

ଜୁରିକ, ୪।୯ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତା ବର୍ଷ ଜୁନ ୧୧ରୁ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ଆସନ୍ତା ୧୧ ତାରିଖରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଆରମ୍ଭ ହେବ। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଗାମୀ ବିଶ୍ୱକପ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫,୨୯୦ ଟଙ୍କା) ରଖାଯାଇଛି। ସେହିଭଳି ସର୍ବାଧିକ ଟିକଟ୍‌ର ମୂଲ୍ୟ ୬,୭୧୦ ଡଲାର ରହିଛି। ଯାହାକି ଭାରତୀୟ ମୂଲ୍ୟରେ ୫ ଲକ୍ଷ ୯୧ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜଣେ ବ୍ୟକ୍ତି ଗୋଟିଏ ମ୍ୟାଚରେ ସର୍ବାଧିକ ୪ଟି ଓ ସାରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୦ଟି ଟିକଟ୍ କିଣିପାରିବେ। ୧୯୯୪ରେ ଆମେରିକାରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସର୍ବନିମ୍ନ ଓ ସର୍ବାଧିକ ଟିକଟ୍‌ର ମୂଲ୍ୟ ଯଥାକ୍ରମେ ୨୫ ଡଲାର ଓ ୪୭୫ ଡଲାର ରହିଥିଲା। ସେହିଭଳି ୨୦୨୨ରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗତ ସଂସ୍କରଣରେ ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୯ ଡଲାର ଓ ସର୍ବାଧିକ ମୂଲ୍ୟ ୧୬୦୭ ଡଲାର ରଖାଯାଇଥିଲା। ପ୍ରକାଶଯୋଗ୍ୟ, ଏଥର ଫିଫା ବିଶ୍ୱକପ୍‌ରେ ରେକର୍ଡ ୪୮ଟି ଦେଶ ଅଂଶଗ୍ରହଣ କରିବେ।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପୁରୁଷ ଯୁଗଳ ସେମିରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୪।୯ (ଏଜେନ୍ସି):

ଭାରତର ୟୁକି ଭାମ୍ବ୍ରୀ ଓ ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କ ଯୋଡି ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଯୁଗଳ ବିଭାଗ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମୁକାବିଲାରେ ୧୪ତମ ସିଡ୍ ଭାମ୍ବ୍ରୀ-ଭେନସଙ୍କ ଯୋଡି ୧୧ଶ ସିଡ୍ କ୍ରୋଏସିଆର ନିକୋଲ ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ୬-୩, ୬-୭, ୬-୩ ସେଟ୍‌ରେ ହରାଇ ପ୍ରଥମଥର କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମୁକାବିଲାଟି ଦୀର୍ଘ ୨ ଘଣ୍ଟା ୩୯ ମିନିଟ୍ ଧରି ଚାଲିଥିଲା। ମେକ୍‌ଟିକ ଓ ରାମ ପୂର୍ବରୁ ଭିନ୍ନ ଭିନ୍ନ ପାର୍ଟନରଙ୍କ ସହ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ସେମାନେ ଭାରତ-ନ୍ୟୁଜିଲାଣ୍ଡ ଯୋଡିକୁ ହରାଇବାରେ ସମର୍ଥ ହୋଇନାହାନ୍ତି।

ଭାରତର ଶୀର୍ଷମାନ୍ୟତାପ୍ରାପ୍ତ ଯୁଗଳ ଖେଳାଳି ୟୁକି ଭାମ୍ବ୍ରୀଙ୍କୁ ବିଶ୍ୱଟେନିସ୍‌ରେ ମାନ୍ୟତା ହେଉଛି ୩୨। ଭାମ୍ବ୍ରୀ ଓ ଭେନସଙ୍କ ଯୋଡି ଚତୁରତାର ସହ ଖେଳି ଏଠାରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଥିଲେ। ପ୍ରଥମ ସେଟ୍‌ରେ ଭାମ୍ବ୍ରି-ଭେନସ ଚତୁର୍ଥ ଗେମ୍‌ରେ ସର୍ଭିସ ବ୍ରେକ୍ କରି ଖେଳକୁ ନିଜ ନିୟନ୍ତ୍ରଣକୁ ନେଇଆସିଥିଲେ। ଏହି ସେଟ୍ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ମୁକାବିଲା ଜୋରଦାର ହୋଇଥିଲା। ଉଭୟ ପ୍ରତିଦ୍ୱନ୍ଦ୍ୱୀ ସମାନ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ସେଟ୍ ଟାଇବ୍ରେକ୍‌କୁ ଯାଇଥିଲା। ଭାମ୍ବ୍ରୀ-ଭେନସ ୬-୫ରେ ଆଗୁଆ ଥିଲେ ମଧ୍ୟ ମ୍ୟାଚ୍ ପଏଣ୍ଟ ହାସଲ କରିପାରି ନ ଥିଲେ। ଏହା ପରେ ତୃତୀୟ ସେଟ୍‌ରେ ଲଢ଼େଇ ଜୋରଦାର ହୋଇଥିଲା। ୯ମ ଗେମ୍‌ରେ ଭାମ୍ବ୍ରୀ-ଭେନସ ବ୍ରେକ୍‌ପଏଣ୍ଟ ହାସଲ କରି ମ୍ୟାଚ୍ ଜିତିବାର



ସୁଯୋଗ ସୃଷ୍ଟି କରିଥିଲେ। ଏହାପରେ ୭ଟି ବ୍ରେକ୍ ପଏଣ୍ଟକୁ ଅଟକାଇବା ପରେ ମ୍ୟାଚ୍ ପଏଣ୍ଟ ସଂଗ୍ରହ କରି ମୁକାବିଲାକୁ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ।

ଭାମ୍ବ୍ରୀଙ୍କ ୟୁଏସ୍ ଓପନ ସେମିଫାଇନାଲ ପ୍ରବେଶ କରିବା ସହ ଏକ ନୂଆଯୁଗର ଆରମ୍ଭ ହୋଇଛି। ଏହା ଫଳରେ ଭାରତର ଏହି ଖେଳାଳିଙ୍କର ଗ୍ରାଣ୍ଡସ୍ଲାମ୍ କ୍ୟାରିୟର ନୂଆ ମୋଡରେ ପହଞ୍ଚିଛି। ଗୁରୁବାର ରାତିରେ ଖେଳାଯିବାକୁ ଥିବା ସେମିଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡିକୁ ଭେଟିବେ। ଏଠାରେ ସାଲିସବରୀ ୨୦୨୧, ୨୦୨୨ ଓ ୨୦୨୩ରେ ପୁରୁଷ ଯୁଗଳ ଟାଇଟଲ ଜିତିଛନ୍ତି। ସ୍କୁପସ୍କି ୨୦୨୨ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସେମିଫାଇନାଲ ମୁକାବିଲା ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ।

ଏହି ବିଜୟ ଫଳରେ ୟୁକି ଭାମ୍ବ୍ରୀ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ଗତକାଲି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ବିଜୟ ସୁନ୍ଦର ପ୍ରଶାନ୍ତଙ୍କ ଯୋଡି ବ୍ରାଜିଲୀୟ ଯୋଡିଠାରୁ ପରାଜିତ ହୋଇଥିଲେ। ପୂର୍ବରୁ ଭାରତର ଭେଟେରାନ ଖେଳାଳି ରୋହନ ବୋପନ୍ନା, ଅର୍ଜୁନ ଖାଡେ ସେମାନଙ୍କ ପାର୍ଟନର ସହ ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ। ଭାମ୍ବ୍ରି ଏକମାତ୍ର ଭାରତର ଆଶା ଭାବେ ତିଷ୍ଠି ରହିଛନ୍ତି।

**ସେମିଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଜୋକୋଭିଚ୍ | ସାବାଲେଙ୍କା-ପେଗୁଲା |
| ସିନ୍ନର-ଫେଲିକ୍ସ | ଓସାକା-ଆନିସିମୋଭା |

## ପୁରୁଷ ଏକକ ସେମିରେ ସିନ୍ନର

ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସିନ୍ନର ୩-୦ ସେଟ୍‌ରେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମ୍ୟାଚ୍‌କୁ ସେ ୬-୧, ୬-୪, ୬-୨ସେଟ୍‌ରେ ଜିତିଥିଲେ। ସେମିଫାଇନାଲରେ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କ ସହ ସିନ୍ନରଙ୍କ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ନଂ-୭ ସିଡ ତଥା ରେକର୍ଡ ୨୫ତମ ଟାଇଟଲ ଜିତିବାକୁ ଆଶାୟୀ ଥିବା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଲଢ଼େଇ ହେବ। ଗତକାଲି ରାତିରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୮ତମ ସିଡ୍ ଫେଲିକ୍ସ କଡ଼ା ସଂଘର୍ଷ କରି ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଥିଲେ। ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ମ୍ୟାଚ୍‌କୁ ଫେଲିକ୍ସ ୪-୬, ୭-୬, ୭-୫, ୭-୬ ସେଟ୍‌ରେ ଜିତିନେଇଥିଲେ।

## ସ୍ୱିଆଟେକ୍ ବିଦା, ସେମିରେ ଓସାକା

୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭା ଏକତରଫା କ୍ୱାର୍ଟରଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପୂର୍ବ ଚାମ୍ପିଅନ ତଥା ଟାଇଟଲ ଆଶାୟୀ ସ୍ୱିଆଟେକ କ୍ୱାର୍ଟରଫାଇନାଲରୁ ବିଦା ହୋଇଛନ୍ତି। ତାଙ୍କୁ ବିଦା କରିଥିବା ଆନିସିମୋଭା ସେମିଫାଇନାଲରେ ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ଭେଟିବେ। ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓସାକା ଲଢ଼ୁଆ ଖେଳ ପ୍ରଦର୍ଶନ କରି ୬-୪, ୭-୬ ସେଟ୍‌ରେ ଏକାଦଶ ସିଡ୍ କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯିବ।

ଦୁଲୀପ ଟ୍ରଫି ସେମିଫାଇନାଲ

## ଜଗଦୀଶନଙ୍କ ଅପରାଜିତ ଶତକ



ବେଙ୍ଗାଲୁରୁ,୪।୯ (ଏଜେନ୍ସି): ସ୍ଥାନୀୟ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଦୁଲୀପ ଟ୍ରଫି ସେମିଫାଇନାଲ। ଏହି ସେମିଫାଇନାଲର ଉତ୍ତରାଞ୍ଚଳ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ୱିକେଟରକ୍ଷକ ଏନ୍ ଜଗଦୀଶନ ଅପରାଜିତ ଶତକ ହାସଲ କରିଛନ୍ତି। ସେ ୨୬୦ ବଲ ଖେଳି ୧୪୮ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୯୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜଗଦୀଶନଙ୍କ ସହ କାମଚଳା ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଦେବଦତ୍ତ ପଡିକାଲ ୫୭, ଓପନର ତନ୍ମୟ ଅଗରୱାଲ ୪୩ ଓ ମୋହିତ କାଲେ ୧୫ ରନ୍ କରିଛନ୍ତି। ଉତ୍ତରାଞ୍ଚଳ ପକ୍ଷରୁ ନିଶାନ୍ତ ସିନ୍ଧୁ ୨ଟି ଓ ଅଂଶୁଲ କାମ୍ବୋଜ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

## ଚମକ ଦେଖାଇଲେ ଋତୁରାଜ



ଋତୁରାଜ ଗାଏକ୍ୱାଡଙ୍କ ବିଶାଳ ୧୮୪ ରନ୍‌ର ବିରାଟ ଶତକ ବଳରେ ଏଠାରେ କେନ୍ଦ୍ରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥବେ ବ୍ୟାଟିଂ କରି ପଶ୍ଚିମାଞ୍ଚଳ ୬ ୱିକେଟରେ ୩୬୩ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ତନୁସ କୋଟିଆନ ୬୫ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁର ୨୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ତାରକା ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ ବଲ୍‌ରେ ୪ ରନ୍ ଓ ଶ୍ରେୟସ ଆୟର ୨୮ ବଲ୍ ଖେଳି ୨୫ ରନ୍ କରିପାରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଖଲୀଲ ଅହମ୍ମଦ୍ ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏସିଆ କପ୍ ଦଳରେ ଶ୍ରେୟସ ଆୟର ସ୍ଥାନ ପାଇ ନ ଥିବାରୁ ଅନେକ ସମାଲୋଚନା କରାଯାଇଥିଲା। ଗାଏକ୍ୱାଡ୍ ୨୦୬ ବଲ୍‌ରୁ ୨୫ ଚୌକା ଓ ୧ ଛକା ସହାୟତାରେ ୧୮୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।

## ସମସ୍ତ ଫର୍ମାଟ୍‌ରୁ ଅମିତ ମିଶ୍ରାଙ୍କ ସନ୍ନ୍ୟାସ

**ଫର୍ମାଟ ପ୍ରଦର୍ଶନ**

| ଫର୍ମାଟ | ମ୍ୟାଚ୍ | ୱିକେଟ୍ | ଇକୋନୋମୀ |
|---|---|---|---|
| ଟେଷ୍ଟ | ୨୨ | ୭୬ | ୩.୧୯ |
| ଦିନିକିଆ | ୩୬ | ୬୪ | ୪.୭୨ |
| ଟି-୨୦ | ୧୦ | ୧୬ | ୬.୩୧ |
| ପ୍ରଥମେ ଶ୍ରେଣୀ | ୧୫୨ | ୫୩୫ | ୩.୦୩ |
| ଆଇପିଏଲ୍ | ୧୬୨ | ୧୭୪ | ୭.୩୭ |



ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭେଟେରାନ ଭାରତୀୟ ରିଷ୍ଟ ସ୍ପିନର ଅମିତ୍ ମିଶ୍ରା ଗୁରୁବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଅମିତ୍ ଶେଷଥର ଲାଗି ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଥିଲେ। ଏହାପରେ ସେ ଘରୋଇ ଘରୋଇ ଓ ଆଇପିଏଲ୍‌ରେ ସକ୍ରିୟ ଥିଲେ। ୪୨ ବର୍ଷୀୟ ଅମିତ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ଆଜି ୨୫ ବର୍ଷ ପରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରୁଛି। ଏହି ଖେଳ ମୋର ପ୍ରଥମ ପ୍ରେମ, ମୋର ପ୍ରଥମ ଶିକ୍ଷକ ଓ ଖୁସିର ସବୁଠୁ ବଡ଼ ଉତ୍ସ ଥିଲା। ଏହି ଲମ୍ବା ଯାତ୍ରାରେ ମୋତେ ସମର୍ଥନ ଜଣାଇଥିବା ବିସିସିଆଇ, ହରିୟାଣା କ୍ରିକେଟ୍ ସଂଘ, ସାଥୀ ଖେଳାଳି, ପ୍ରଶିକ୍ଷକ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଉଛି।'

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ କେରଳ ବିପକ୍ଷରେ ଖେଳି ଅମିତ ହରିୟାଣା ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପାଦ ଥାପିଥିଲେ। ସେହି ସମୟରେ ଅନିଲ କୁମ୍ବଲେ ଓ ହରଭଜନ ସିଂଙ୍କ ଭଳି ମହାନ ସ୍ପିନର ଥିବାରୁ ସେ ଭାରତ ପାଇଁ ବିଶେଷ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଟିମ୍ ଇଣ୍ଡିଆ ପାଇଁ ସେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୧୫୬ଟି ୱିକେଟ୍ ନେଇଛନ୍ତି। ଏକମାତ୍ର ବୋଲର ଭାବେ ଆଇପିଏଲ୍‌ରେ ୩ଟି ହ୍ୟାଟ୍ରିକ ନେଇଥିବା ଅମିତଙ୍କ ନାମରେ ଏହି ଲିଗରେ ୧୭୪ଟି ୱିକେଟ୍ ଲିପିବଦ୍ଧ ରହିଛି।

ଏସିଆ କପ୍ ପୁରୁଷ ହକି

# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

ରାଜଗିର,୪।୯ (ଏଜେନ୍ସି):

ଶକ୍ତିଶାଳୀ ମାଲେସିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଶୀର୍ଷରେ ରହିଛି। ଗତକାଲି ଦକ୍ଷିଣ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତ ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ସଂଗ୍ରହ କରି ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍‌କୁ ଶନିବାର ଭେଟିବ। ଏହି ଦିନ ସୁପର-୪ ମୁକାବିଲା ପରେ କେଉଁ ଦୁଇ ଦଳ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ଚୂଡାନ୍ତ ହେବ। ୨ ରାଉଣ୍ଡ ଶେଷରେ ଚୀନ୍ ଓ ମାଲେସିଆ ଗୋଟିଏ ଲେଖାଏଁ ବିଜୟ ସହ ସୁପର-୪ ପଏଣ୍ଟ ଟେବଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମାଲେସିଆ ପକ୍ଷରୁ ଖେଳର ଦ୍ୱିତୀୟ ମିନିଟ୍‌ରେ ସଫିକ ହାସନ ଫିଲ୍ଡ ଗୋଲ କରି ଭାରତକୁ ଚମକାଇଦେଇଥିଲେ। ଏହି ଗୋଲ ଖାଇବା ପରେ ଭାରତ ରଣନୀତି ବଦଳାଇଥିଲା। ଦ୍ୱିତୀୟ କ୍ୱାର୍ଟରର ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ମନପ୍ରୀତ୍ ସିଂହ, ୧୯ତମ ଓ ୨୪ତମ ମିନିଟ୍‌ରେ ସୁଖଜିତ ସିଂହ ଓ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ ଦଳ ୩-୧ରେ ଆଗୁଆ ରହିଥିଲା। ବିବେକ ସାଗର ଭାରତ ପକ୍ଷରୁ ଶେଷ ଗୋଲଟି ଦେଇଥିଲେ।



### ହରମନପ୍ରୀତ୍‌ଙ୍କ ୨୫୦ତମ ମ୍ୟାଚ୍

ମାଲେସିଆ ବିପକ୍ଷରେ ଭାରତର ନେତୃତ୍ୱ ନେଉଥିବା ହରମନପ୍ରୀତ୍ ସିଂହ ଏଠାରେ ଦେଶ ପକ୍ଷରୁ ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ମ୍ୟାଚ୍ ଆରମ୍ଭ ପୂର୍ବରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ସଫଳତାରେ ହରମନପ୍ରୀତ୍‌ଙ୍କ ଯୋଗଦାନ ଅତୁଳନୀୟ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## କୋରିଆକୁ ହରାଇଲା ଚୀନ୍

ଆଜି ଖେଳାଯାଇଥିବା ଅନ୍ୟ ଏକ ସୁପର-୪ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଦଳକୁ ଦ୍ୱିତୀୟ ମୁକାବିଲାରେ ପୂରା ପଏଣ୍ଟ ମିଳିଛି। ଗତକାଲି ଚୀନ୍ ପ୍ରଥମ ସୁପର-୪ ମ୍ୟାଚ୍‌ରେ ମାଲେସିଆଠାରୁ ୨-୦ ଗୋଲରେ ହାରିଯାଇଥିଲା। ଚୀନ୍ ଶନିବାର ତାହାର ଶେଷ ମ୍ୟାଚ୍‌ରେ ଭାରତକୁ ଭେଟିବ।

### ଆଜିଠୁ ମହିଳା ଏସିଆ କପ୍ ହକି

ବେଙ୍ଗ, ୪।୯ (ଏଜେନ୍ସି): ମହିଳା ଏସିଆ କପ୍ ହକିର ୧୧ତମ ସଂସ୍କରଣ ଶୁକ୍ରବାରଠାରୁ ଚାଇନାରେ ଆରମ୍ଭ ହେବ। ଭାରତୀୟ ମହିଳା ଦଳ ପୁଲ୍-ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏଥିରେ ଚାମ୍ପିଅନ ଦଳ ୨୦୨୬ ମହିଳା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍‌ରେ ଜାପାନ ଓ ଦକ୍ଷିଣ କୋରିଆ ସର୍ବାଧିକ ୩ଥର ଲେଖାଏ ଏବଂ ଭାରତ ଓ ଚାଇନା ୨ଥର ଲେଖାଏ ଚାମ୍ପିଅନ ହୋଇଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS